

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୭ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 17 JULY 2023

Vol.No. 35 ■ No. 188 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୪ ବର୍ଷର ଝିଅ ଉପରେ ମାଡ଼ିଗଲା ପିକ୍‌ଅପ୍ ଭ୍ୟାନ୍

ଗଜପତି, ୧୬/୦୭ (ନି.ପ୍ର): ପରିବା ବୋଝେଇ ପିକଆପ ଭ୍ୟାନ୍ ଚାପି ଦେବାରୁ ଏକ ୪ ବର୍ଷର କନ୍ୟାଶିଶୁର ମୃତ୍ୟୁ ଘଟିଛି। ଗଜପତି ଜିଲ୍ଲା ଅଡ଼ବା ଥାନା ଗଣ୍ଡାଗୁଡ଼ା ଗାଁରେ ଆଜି ସକାଳେ ଘଟିଛି ଏହି ଘଟଣା। ଗାଁକୁ ଏକ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଆସିଥିଲା। ଗାଁର ଲୁସୀୟାନ ନାୟକ ଉକ୍ତ ପରିବା ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରୁ ପରିବା କିଣୁଥିଲେ। ହେଲେ ସେ ଜାଣି ପାରି ନଥିଲେ କେତେବେଳେ ତାଙ୍କ ୪ ବର୍ଷର ଝିଅ ଆସି ଗାଡ଼ି ତଳେ ବସି ଯାଇଥିଲେ। ଲୁସୀୟାନ ପରିବା କିଣି ସାରିବା ପରେ ଗାଡ଼ିଟି ଆଗକୁ ବଢ଼ିଥିଲା। ଆଉ ଗାଡ଼ି ତଳେ ରହିଯାଇଥିବା ଲୁସୀୟାନଙ୍କ ୪ ବର୍ଷର ଝିଅ ଉପରେ ପଛ ଚକ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ଛୁଆଟିର ମୃତ୍ୟୁ ଘଟିଥିଲା। ଘଟଣା ଘଟିବା ପରେ ଗାଁ ଲୋକେ ଗାଡ଼ି ଡ୍ରାଇଭରକୁ ପିଟାପିଟି କରିବା ସହିତ ତାଙ୍କୁ ଅଟକ ରଖିଛନ୍ତି। ଲୁସୀୟାନଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗାଁ ଲୋକେ ଦାବି କରିଛନ୍ତି।

# ବିରୋଧୀଙ୍କ ବୈଠକ ପୂର୍ବରୁ କଂଗ୍ରେସର ବଡ଼ ନିଷ୍ପତ୍ତି: ଆପ୍‌କୁ କରିବ ସମର୍ଥନ

ନୂଆଦିଲ୍ଲୀ,୧୬/୦୭ : ସୋମବାର ବିରୋଧୀ ଦଳଗୁଡ଼ିକ ବେଙ୍ଗାଲୁରୁରେ ବୈଠକ ପାଇଁ ଏକତ୍ର ହେଉଥିବା ବେଳେ ତା'ପୂର୍ବରୁ କଂଗ୍ରେସ ନେଇଛି ଏହି ନିଷ୍ପତ୍ତି। ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଲା କଂଗ୍ରେସ। ଦିଲ୍ଲୀରେ ପ୍ରଶାସନିକ ଅଧିକାରୀଙ୍କ ପୋଷ୍ଟିଂ ଓ ବଦଳି ନେଇ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶ ବିରୋଧରେ ଆପ୍ ଯେଉଁ ଲଢ଼େଇ କରୁଛି, ତାକୁ ସମର୍ଥନ କରିବ କଂଗ୍ରେସ। ସୋମବାର (ଆସନ୍ତାକାଲି) ବିରୋଧୀ ଦଳଗୁଡ଼ିକ ବେଙ୍ଗାଲୁରୁରେ ବୈଠକ ପାଇଁ ଏକତ୍ର ହେଉଥିବା ବେଳେ ତା'ପୂର୍ବରୁ କଂଗ୍ରେସ ନେଇଛି ଏହି ନିଷ୍ପତ୍ତି। ଏହା ଦିଲ୍ଲୀର ଆପ୍ ସରକାର ପାଇଁ



ଏକ ବଡ଼ ବଳ ବୋଲି କୁହାଯାଉଛି। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଯାଉଥିବା ବୈଠକରେ ଯୋଗ ନଦେବାକୁ ଆପ୍ ଧମକ ଦେଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ବାଟ ଓଗାଳିବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହୋଇଛନ୍ତି। କଂଗ୍ରେସର ସାଧାରଣ ସଂପାଦକ କେ.ସି ଭେନୁଗୋପାଳ କହିଛନ୍ତି, ମୁଁ ଭାବୁଛି ସେମାନେ (ଆପ୍) ଆସନ୍ତାକାଲି ହେବାକୁ ଥିବା ବୈଠକରେ ସାମିଲ ହେବେ। ଦିଲ୍ଲୀ ଅଧ୍ୟାଦେଶ ନେଇ ଆମର ନିଷ୍ପତ୍ତି ପୂରା ସ୍ପଷ୍ଟ। ଆମେ ଏହାକୁ ସମର୍ଥନ କରିବୁ ନାହିଁ। ଆପ୍ ନେତା ରାଘବ ଚଡ୍ଡା କହିଛନ୍ତି ଯେ କଂଗ୍ରେସ ଦିଲ୍ଲୀ ଅଧ୍ୟାଦେଶକୁ ବିରୋଧ କରିବ ବୋଲି ସ୍ପଷ୍ଟ ଭାବେ କହିଛି। ଏଥିରେ କୌଣସି ସନ୍ଦେହ ବା ଦ୍ୱନ୍ଦ୍ୱ ନାହିଁ। ଦିଲ୍ଲୀର ଆପ୍ ସରକାର ଏହି ଅଧ୍ୟାଦେଶକୁ ଅସାମ୍ବିଧାନିକ ବୋଲି କହିଆସୁଛନ୍ତି। ଦଳର ରଜନୀତିକ ବ୍ୟାପାର କମିଟି (ପିଏସି)ର ବୈଠକ ଆଜି ଅନୁଷ୍ଠିତ ହେବ। ଯେହେତୁ କଂଗ୍ରେସ ଏହି ଅଧ୍ୟାଦେଶକୁ ବିରୋଧ କରିବ ବୋଲି ଘୋଷଣା କରିସାରିଛି, ତେଣୁ ଆସନ୍ତାକାଲି ବିରୋଧୀଙ୍କ ବୈଠକରେ ଆପ୍ ଯୋଗ ଦେବ କି ନାହିଁ ସେ ନେଇ ପିଏସି ବୈଠକରେ ନିଷ୍ପତ୍ତି ହେବ।

## ଦିଲ୍ଲୀରେ ବନ୍ୟା ସ୍ଥିତି ଏବେବି ସଙ୍ଗୀନ ରହିଛି: ଅନେକ ଲୋକ ଜଳବନ୍ଦୀ




ନୂଆଦିଲ୍ଲୀ, ୧୬/୦୭ (ନି.ପ୍ର): ଦିଲ୍ଲୀରେ ବନ୍ୟା ସ୍ଥିତି ଏବେବି ସଙ୍ଗୀନ ରହିଛି। ଯମୁନାର ଜଳସ୍ତର ହ୍ରାସ ପାଇଥିଲେ ମଧ ଦିଲ୍ଲୀରେ ଜଳବନ୍ଦୀ ଜୀବନରୁ ମିଳିଲାନି ମୁକ୍ତି। ଜଳସ୍ତର କମିଥିଲେ ବି ଯମୁନା ଏବେବି ବିପଦ ସଙ୍କେତ ଉପରେ ପ୍ରବାହିତ। ଗତକାଲି ସନ୍ଧ୍ୟାରେ ବର୍ଷା ଦିଲ୍ଲୀର ଦୁର୍ଦ୍ଦଶାକୁ ଆହୁରି ବଢାଇ ଦେଇଛି। ସରକାରଙ୍କ ପକ୍ଷରୁ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଜୋରସୋର ଉଦ୍ୟମ କରାଯାଉଛି। ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଣିରେ ପାଣିରେ ଲୋକେ ବିତିଲେଣି ପାଞ୍ଚ ଦିନ। ତଥାପି ହୋଇପାରିଲାନି ସମସ୍ୟାର ସମାଧାନ। ଜଳବନ୍ଦୀ ଜୀବନରୁ ଦିଲ୍ଲୀବାସୀଙ୍କୁ ନାହିଁ ନିସ୍ତାର। ଦିଲ୍ଲୀରେ ଶନିବାର ସନ୍ଧ୍ୟାରେ ପୁଣି ପ୍ରବଳ ବର୍ଷା ସ୍ଥିତିକୁ ସାଂଘାତିକ କରିଛି, ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। କାଶ୍ମୀର ଗେଟ୍, ଆଇଟିଓ, ଆଇଏସବିଟି, ଯମୁନା ବଜାର, ସିଭିଲ୍ ଲାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଏବେବି ଜଳବନ୍ଦୀ ସ୍ଥିତି ଜାରି ରହିଛି। ଲାଲ କିଲ୍ଲାର ଏ ଅଂଚଳ ଦେଖିଲେ ଲାଗୁଛି ଯେମିତି କେଉଁ ନଦୀ ଭିତରେ ଲୀନ ହେବାକୁ ବସିଛି। ଆକଶମାର୍ଗରୁ ଏହି ଚିତ୍ର ଦିଲୀର ଅନେକ ଅଂଚଳରେ ନଦୀର ଭ୍ରମ ସୃଷ୍ଟି କରିଛି। ଯୁଦ୍ଧକାଳୀନ ଭିତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

▶▶ପୃଷ୍ଠା ୭

## ଚାକିରି ନାଁରେ ବଡ଼ ଠକେଇ: ୧୦ ଗିରଫ



ବାଲେଶ୍ୱର, ୧୬/୦୭ (ନି.ପ୍ର): ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବାଣ୍ଟୁଥିଲେ ଅଭିଯୁକ୍ତ। ଚାକିରି ପରେ କ୍ୟାଣ୍ଡିଡେଟ୍ ପିଛା ୮ରୁ ୧୬ ଲକ୍ଷ ଟଙ୍କା ନେଉଥିଲେ। ତେବେ ପ୍ରଶ୍ନପତ୍ର ଲିକ୍ ହୋଇନଥିବା ବାଲେଶ୍ୱର ଏସପି ଶାଗରୀକା ନାଥ ସୂଚନା ଦେଇଛନ୍ତି। ଚାକିରି ନାଁରେ ବଡ଼ ଠକେଇ। ଷ୍ଟାଫ୍ ସିଲେକ୍ସନ କମିଶନର ଉଏଖ ପ୍ରଶ୍ନପତ୍ର ଡିଲ୍ ଅଭିଯୋଗ ପରେ ବଡ଼ ଧରଣର ଠକେଇ ରାକେଟର ପର୍ଦ୍ଦାଫାସ କରିଛି ପୁଲିସ। ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ଏକ ହୋଟେଲରେ ଚଢଉ ବେଳେ ଜଣେ ମହିଳାଙ୍କ ସହ ୯ ଜଣଙ୍କୁ ଗିରଫ କରିଛି। ସାଇବର ଟିମ୍ ଓ ମେରାଇନ୍ ଥାନା ପୁଲିସର ଚଢଉ ବେଳେ ଏହି ସଫଳତା ମିଳିଛି।

▶▶ପୃଷ୍ଠା ୭

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ କାଉଡ଼ିଆ ମୃତ, ୫ ଗୁରୁତର

ଉତ୍ତରପ୍ରଦେଶ,୧୬/୦୭ : ଉତ୍ତର ପ୍ରଦେଶର ମେରଠ ଜିଲ୍ଲାର ରାଲି ଚୌହାନ ଗାଁରେ ଶନିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ ଜଣ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ଆଉ ୫ ଜଣ କାଉଡ଼ିଆ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି କାଉଡ଼ିଆମାନେ ଜଳଲାଗି ପାଇଁ ହରିଦ୍ୱାରରୁ ଗଙ୍ଗା ନଦୀରୁ ପାଣି ନେଇ ଗାଡ଼ିରେ ଆସୁଥିଲେ। ସେମାନଙ୍କ ଗାଡ଼ି ରାଲି ଚୌହାନ ଗାଁ ଅତିକ୍ରମ କରୁଥିବା ବେଳେ ତାହା ତଳକୁ ଓହଳି ରହିଥିବା ଏକ ୧୧ କେଭି ବିଦ୍ୟୁତ୍ ତାରରେ ଘସି ହୋଇଯାଇଥିଲା। ବିଦ୍ୟୁତ୍ ଝଟକାରେ ମନୀଷ ନାମକ ଜଣେ କାଉଡ଼ିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଉ ୪ ଜଣଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା। ୫ ଗୁରୁତରଙ୍କୁ

▶▶ପୃଷ୍ଠା ୭

## ସମାଜରେ ଥିବା ଆହ୍ୱାନ ଗୁଡ଼ିକର ସମାଧାନର ସୂତ୍ର ଅନ୍ୱେଷଣ କରିବା: ଧର୍ମେନ୍ଦ୍ର

ଗାନ୍ଧିନଗର, ୧୬/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ହକାଥନକୁ ଆଗକୁ ନେବା ପାଇଁ ପରାମର୍ଶ ଦେଇଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସର୍ବଭାରତୀୟ ବୈଷୟିକ ବୈଷୟିକ ଶିକ୍ଷା ପରିଷଦ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ପ୍ରଧାନ ହକାଥନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଏବଂ ଷ୍ଟାର୍ଟଅପ୍ ସହ ଆଲୋଚନା




ତଥା ଅର୍ଥ ମନ୍ତ୍ରୀ ଲାରେନ୍ସ ଓଙ୍ଗ୍ ରବିବାର ଆଇଆଇଟି ଗାନ୍ଧିନଗରରେ ଅନୁଷ୍ଠିତ 'ଜି-୨୦ ସିଙ୍ଗାପୁର ଭାରତ ହକାଥନ-୨୦୨୩'ର ତୃତୀୟ ସଂସ୍କରଣରେ ଯୋଗଦେଇଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମାଜର ଆହ୍ୱାନ ଗୁଡିକର ସମାଧାନର ସୂତ୍ର ଅନ୍ୱେଷଣ କରିବା ଦିଗରେ (ଏଆଇସିଟିଇ) ଏବଂ ନାନୟାଙ୍ଗ୍ ଟେକ୍ନୋଲୋଜିକାଲ ବୈଷୟିକ ବିଶ୍ୱବିଦ୍ୟାଳୟ (ଏନଟିୟୁ) ପକ୍ଷରୁ ଏହି ହକାଥନର ତୃତୀୟ ସଂସ୍କରଣ ଆୟୋଜିତ ହୋଇଥିଲା । ଏହି ସମାରୋହରେ ଉଭୟ ମନ୍ତ୍ରୀ ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ସମାଧାନ ସୃଷ୍ଟି କରିବା ପାଇଁ ସହଯୋଗ କରୁଥିବା ହକାଥନର କରିଥିଲେ । ନବନୃଜନ ଏବଂ ଉଦ୍ୟମିତା ମ୍ମମରେ ଲୋକଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇବା ଏବଂ ବିଶ୍ୱକୁ ଏକ ସର୍ବଶ୍ରେଷ୍ଠ ସ୍ଥାନରେ ରଖିବା ଦିଗରେ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ସିଙ୍ଗାପୁର-ଭାରତ ହକାଥନ ୨୦୨୩ର ସମସ୍ତ ବିଜେତାଙ୍କୁ ଅଭିନନ୍ଦନ

▶▶ପୃଷ୍ଠା ୭


## ପରିବା ସହ ହୁ ହୁ ହୋଇ ବଢ଼ୁଛି ଚାଉଳ ଓ ଡାଲି ଦର

ନୂଆଦିଲ୍ଲୀ,୧୬/୦୭ : ଗତ ତିନିମାସ ଭିତରେ ଚାଉଳ କ୍ୱିଣ୍ଟାଲ ପିଛା ଦର ବଢ଼ିଲାଣି ୭୦୦ରୁ ୮୦୦ ଟଙ୍କା। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ତା ଏବେ ୩୨ରୁ ୩୫ଟଙ୍କା ପହଞ୍ଚିଲାଣି। ଆଖି ପିଛୁଳାକେ ରେଟ୍ ୧୫ରୁ ୨୦ ପ୍ରତିଶତ ବଢି ଯାଇଛି। ସାଧାରଣ ଖାଉଟିଙ୍କ ପକେଟକୁ ସାଂଘାତିକ ଭାବେ ମାଡ଼ କଲାଣି ବେଲଗାମ ଦର ବୃଦ୍ଧି। ପନିପରିବାଠୁ ଧରି ଆତ୍ୟବଶ୍ୟକ ଖାଦ୍ୟ ସାମଗ୍ରୀ, ଯେମିତିକି ଚାଉଳ, ଡାଲି ଓ ମସଲା ସାମଗ୍ରୀ ସବୁ କିଛି ଏବେ ମଧ୍ୟବିତ୍ତ ଓ ଗରିବଙ୍କ ବଜେଟ୍ ଭିତରେ ନଥିବା ଭଳି ଲାଗୁଛି। ଏଥିପାଇଁ ସରକାରଙ୍କ ଦୂରଦୃଷ୍ଟିର ଅଭାବକୁ ବ୍ୟବସାୟୀ ମହାସଂଘ ଦାୟୀ କରିଛି। ଗତ ତିନିମାସ ଭିତରେ ଚାଉଳ କ୍ୱିଣ୍ଟାଲ ପିଛା ଦର ବଢ଼ିଲାଣି ୭୦୦ରୁ ୮୦୦ ଟଙ୍କା। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା,

▶▶ପୃଷ୍ଠା ୭

## ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଗୁରୁତର

ବାଲେଶ୍ୱର, ୧୬/୦୭ (ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ତଥା ଓକାକ୍‌ର ପ୍ରଶାସନିକ ଅଧିକାରୀ ସାହିତ୍ୟିକ ପ୍ରବୋଧ କୁମାର ରାଉତ ଦୁର୍ଘଟଣାର ଶିକାର ହୋଇ ଅଶ୍ୱିନୀ ହସ୍ପିଟାଲର ଟ୍ରମା ସେଣ୍ଟରରେ ଚିକିତ୍ସାଧୀନ ରହିଛନ୍ତି। ତେବେ ଅବସ୍ଥା ସଙ୍କଟାପନ୍ନ ଥିବାର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଆଜି ସକାଳ ପ୍ରାୟ ୮ଟା ସମୟରେ କଟକ ବିଜୁ ପଟ୍ଟନାୟକ ଛକ ନିକଟରେ ସ୍କୁଟିରେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବରପାଇ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବ ତାଙ୍କର ଚିକିତ୍ସା ନିମନ୍ତେ ସମ୍ପୂର୍ଣ୍ଣ ବ୍ୟବସ୍ଥା କରିଛନ୍ତି। ଏହି ଖବର ପ୍ରଚାରିତ ହେବାପରେ ଲେଖକ ମହଲରେ ଦୁଃଖ ଭରିଯାଇଛି। ସେ ଜଣେ ଦକ୍ଷ ଓ କର୍ମଠ ପ୍ରଶାସନିକ ଅଧିକାରୀ। ସାହିତ୍ୟ ଏକାଡେମୀର ଦୀର୍ଘ ୭ ବର୍ଷର ପୁରସ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥିଲା ବେଳେ ୩ ବର୍ଷର ସମ୍ବର୍ଦ୍ଧନା ଓ ଅତୀବଡ଼ୀ ପୁରସ୍କାର ପ୍ରଦାନକୁ ନିକଟରେ ସମ୍ପନ୍ନ କରାଇଥିଲେ। ତାଙ୍କ ଉଦ୍ୟମରେ ୨୦୧୬ ମସିହାରୁ ବାକିଥିବା ପାଠାଗାର ଯୋଜନାର ପୁସ୍ତକ



କ୍ରୟ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି। ତାଙ୍କର ଆଶୁ ଆରୋଗ୍ୟ କାମନା ବିଭିନ୍ନ ମହଲରୁ କରାଯାଇଥିବାବେଳେ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ପ୍ରଭୁଙ୍କଠାରେ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଲଘୁଚାପ ପ୍ରଭାବରେ ୨୦ ଯାଏଁ ରାଜ୍ୟରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେଲା ଲଘୁଚାପ। ଉତ୍ତର ଓଡ଼ିଶା-ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପତ୍ୟକାରେ ଲଘୁଚାପ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ଉପତ୍ୟକା ଓ ଝାଡ଼ଖଣ୍ଡ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୫ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।ବର୍ଷା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଲାଗି ରହିବ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଜାରୀ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରୀ କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା, ସୋନପୁର, ବଲାଙ୍ଗିର ଓ ଦେବଗଡ଼ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାଛଡ଼ା କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି



କରାଯାଇଛି। ଆସନ୍ତାକାଲି ଅର୍ଥାତ ୧୭ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ନୂଆପଡ଼ା, କନ୍ଧମାଳ, ବଲାଙ୍ଗିର, ସୋନପୁର, ଦେବଗଡ଼, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ବରଗଡ଼ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

▶▶ପୃଷ୍ଠା ୭

## ଦଳର ମୁଖ୍ୟ ମୋ ବିରୋଧରେ ଚକ୍ରାନ୍ତ କରିଛନ୍ତି: ମୋକିମ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ଦଳର ମୁଖ୍ୟ ମୋ ବିରୋଧରେ ଚକ୍ରାନ୍ତ କରିଛନ୍ତି ବୋଲି କହିଛନ୍ତି କଟକ ବାରବାଟୀ ବିଧାୟକ ମୋହମ୍ମଦ ମୋକିମ। କଂଗ୍ରେସ ଦଳରୁ ନିଲମ୍ବିତ କରାଯିବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରି ମୋକିମ ଏହା କହିଛନ୍ତି । ସେ କହିଛନ୍ତି ଯେ, କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଯାହା ପାଦ ତଳେ ମାଟି ନଥାଏ ଏମିତି କରନ୍ତି। ନିଜ ଚୌକି ସୁରକ୍ଷିତ କରିବାକୁ ଏଭଳି ଭୁଲ ନିଷ୍ପତ୍ତି ନେଇଥାନ୍ତି । ସେ କହିଛନ୍ତି ଯେ ସେ କୁହନ୍ତୁ, ମୁଁ କ'ଣ ଦଳ ବିରୋଧୀ କାମ କରିଛି। ସେ କହିଛନ୍ତି, ଦଳର ସମସ୍ତଙ୍କୁ ଏକାଠି କରିବାକୁ କାର୍ଯ୍ୟକ୍ରମର ଆୟୋଜନ କରିଥିଲି । ମୁଁ ଦୁଃଖିତ, ଯେଉଁ ଦଳ ପାଇଁ ଏତେ କରିଛି, ମୋତେ ବୁଝି ପାରିଲାନି ବୋଲି ସେ କହିଛନ୍ତି । ୨୦୨୪ରେ ଦଳର ମୁଖ୍ୟ କିଏ ଥିବେ, କିଏ ଟିକେଟ ବାଂଟିବେ ଜଣାପଡ଼ିବ ।

## ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନର ସହ କାଗଜ କଳ ଶ୍ରମିକମାନଙ୍କ ଆଲୋଚନା

ଜୟପୁର, ୧୬/୦୭ - ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନର ପି ଏନ୍ ସିଂ ଜୟପୁର ଗସ୍ତ ରେ ଆସି ବେଦୀକା ସଭା ଗୃହରେ ଜନ ଶୁଣାଣି କରିଥିଲେ । ଏଥିପାଇଁ କାଜୁମିଲ୍ ମାଲିକ ମାନଙ୍କ ସଂଘ ପକ୍ଷରୁ ସଭା ପାଇଁ ସମସ୍ତ ସହଯୋଗ କରାଯାଇଥିଲା । ପି ଏନ୍ ସିଂ ଙ୍କ ସହ କମିଶନର ଅଫିସ୍ ଅଧିକାରୀ ପି କେ ମହାରଣା, ସୁଶାନ୍ତ ନାୟକ ଓ ଧିରେନ୍ଦ୍ର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟତଃ ଜୟପୁରରେ ଥିବା କାଜୁ ମିଲ୍ ର ଶ୍ରମିକ ମାନଙ୍କୁ ଭବିଷ୍ୟନିଧି ଯୋଜନା ରେ ଅନ୍ତର୍ଭୁକ୍ତ କରିବା ସହ ଏ ଅଂଚଳର ସମସ୍ତ ଉଦ୍ୟୋଗରେ କାମ କରୁଥିବା ଶ୍ରମିକଙ୍କୁ ପଞ୍ଜିକୃତ କରା ଯୋଜନା ରେ ଥିବା ସାମାଜିକ ସୁରକ୍ଷା ପ୍ରଦାନ କରିବାକୁ ହେବ ଏବଂ ନକଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷ କରି ସେବା କାଗଜ କଳ ର ୧୨୨୨ ଜଣ ଶ୍ରମିକଙ୍କ ପି ଏଫ୍ ଜମାରାଶି କରମ୍ ଚାନ୍ଦ୍ ଥାପର ପି ଏଫ୍ ଟ୍ରଷ୍ଟ କଲିକତା ରେ ଜମାଥିବା ୨୨କୋଟି ଟଙ୍କା ବ୍ରହ୍ମପୁର ଆଂଚଳିକ ଅଫିସ୍‌କୁ ସ୍ଥାନାନ୍ତର ନହୋଇ ପାରିବା ଯୋଗୁଁ ମୃତ, ଅବସରପ୍ରାପ୍ତ ଶ୍ରମିକ ଓ କାର୍ଯ୍ୟରତ ଶ୍ରମିକମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଜମା ଟଙ୍କା ଆବଶ୍ୟକ ବେଳେ ପାଇପାରୁ ନଥିବା ଏବଂ କେତେ ଶୀଘ୍ର ଏହା ହୋଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । କେସିଟି ପି ଏଫ୍ ଟ୍ରଷ୍ଟ ଯେହେତୁ କୋଲକାତାରେ ଅଛି ଏଣୁ କୋଲକାତା ଆଂଚଳିକ ପିଏଫ୍ କମିଶନ ଅଫିସ୍ ର ଅନୁମୋଦନ ମିଳିଲେ ଟ୍ରଷ୍ଟ ରୁ ଜମା ଟଙ୍କା ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନ ଅଫିସ୍‌କୁ ସ୍ଥାନାନ୍ତର ହୋଇପାରିବ । ମୃତ ଶ୍ରମିକ ମାନଙ୍କ ଇଡିଏଲଆଇ ପାଉଣା ଏବଂ ଦରମା ବାବଦରେ ଯାହା ଅଭିଯୋଗ ଅଛି ସେସବୁର ସମାଧାନ ଟ୍ରଷ୍ଟରୁ ବ୍ରହ୍ମପୁରକୁ ଜମାଟଙ୍କା ଆସିଲେ ସମାଧାନ ହେବ ବୋଲି କମିଶନର୍ କହିଥିଲେ । ଏ ବାବଦରେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ ଏକ ଚିଠି କୋଲକାତା ଆଂଚଳିକ ପିଏଫ୍ ଅଫିସ୍ କୁ ଲେଖିଛନ୍ତି । ତାର ନକଲ ୟୁନିଅନକୁ ଦେଇଛନ୍ତି । ସଂସଦରେ ପି ଏଫ୍ ବିଷୟରେ ଆଲୋଚନା ହେଲେ ହିଁ ଜଣା ପଡ଼ିବ କେଉଁ କାରଣରୁ କୋଲକାତା ଆଂଚଳିକ ଅଫିସ୍ ଟ୍ରାନ୍ସଫର୍ ପାଇଁ ଅନୁମତି ଦେଉ ନାହିଁ । କାରଖାନା ୨୦୨୦ ଫେବୃଆରୀ ୨୬ ତାରିଖରେ ନୂଆ କମ୍ପାନୀ ମଦର ଆର୍ଥ କୁ ବିକ୍ରି ହେଲା । କିନ୍ତୁ ବିଜିପିପିଏଲ୍ ର ମାଲିକ ପି ଏଫ୍ ଟଙ୍କା ଜମା କରିନଥିବାରୁ ବାଧ ହୋଇ ଅବସରପ୍ରାପ୍ତ ଶ୍ରମିକ ମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ୨୦୨୩ ଜାନୁଆରୀ ୦୩ ତାରିଖରୁ ୟୁନିଟ୍ ହେଡ୍ ବାସଭବନ ଆଗରେ ଧାରଣା ଆରମ୍ଭ କରିବା ପରେ ୨୦୨୩ ଫେବୃଆରୀ ମାସରେ ବକେୟା ପି ଏଫ୍ ଦେୟ ବାନ୍ଧି ଥିଲେ । ଏଥିପାଇଁ କେସିଟି କୁ ଜୋରିମାନା ଦେବାକୁ ପଡ଼ିଛି । କେନ୍ଦ୍ର ପି ଏଫ୍ କମିଶନର ଙ୍କ ହସ୍ତକ୍ଷେପ ହେଲେ ସମସ୍ୟା ସମାଧାନ ହୋଇପାରିବ । ଆଜିର ଆଲୋଚନାରେ ପ୍ରମୋଦ କୁମାର ମହାନ୍ତି, ଜୟନ୍ତ ସାନ୍ତ୍ରା, ବସନ୍ତ ବେହେରା, ସନ୍ଦୀପ ପଟ୍ଟନାୟକ, ସରୋଜ ସୁଆର, ନରସିଂହ ମହାପାତ୍ର, ଅଜୟ ବଳ, ସୁଧାକର ହରିଜନ ପ୍ରମୁଖ ପିଏଫ, ପେନସନ ସୁବିଧା ବିଷୟରେ ଆଲୋଚନା କରିଥିଲେ ।

## ଆବାସ ଯୋଜନାରେ ତୁରନ୍ତ ଅର୍ଥ ପ୍ରଦାନ ଦାବି

ବାରିପଦା , ୧୬/୦୭ (ନି.ପ୍ର): ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଡେପୁଟି କେଲକଟର ମେନାରଞ୍ଜନ ନାଏକଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଗଠନ ଦାବି ମୁତାବକ ସରକାରଙ୍କ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ଗରିବ ହିତାଧିକାରୀଙ୍କୁ ଘର ବର୍ଣ୍ଟନ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି । କିନ୍ତୁ ଦୁଃଖ ଓ ବିଡମ୍ବନାର ବିଷୟ କିଛି ହିତାଧିକାରୀଙ୍କ ଆକାଉଣ୍ଟର ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରାଯାଇନାହିଁ । ଏଥି ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ କରାଯାଉ ନାହିଁ । ଏହାର ସୁଯୋଗ ନେଇ ବ୍ଲକ ପ୍ରଶାସନର ଡୋଳିଆ କମର୍ଚାରୀ ମୋନ ଯେଉ ମାନଙ୍କ ଟଙ୍କା ଆକାଉଣ୍ଟକୁ ଯାଇ ନାହିଁ ସେମାନଙ୍କଠାରୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ ନିମେନ୍ତ କିଛି ଲାଞ୍ଚ ମାଗୁଛନ୍ତି ଏବଂ ହିତାଧିକାରୀ ମୋନ ବହୁତ ହଇରାଣ ହରକତ ହୋଉଛନ୍ତି । ତେଣୁ ସଂଗଠନ ପକ୍ଷରୁ ତୁରନ୍ତ ଏଦିଗେର ହସ୍ତେକ୍ଷପ କରି ପ୍ରଥମ କିସ୍ତି ଟଙ୍କା ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ପ୍ରଦାନ କରାଯିବାକୁ ଦାବୀ କରା ଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟ ରେ ଶ୍ରୀ ହାଁସଦା ଙ୍କ ସେମତ ଈଶ୍ୱର ହାଁସଦା, ଲୁଗୁ ମାର୍ଣ୍ଡି, ଇସାମଲ ସୋରେନ, ମୁନା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଫୁଲବାଣୀରେ ତିନି ଦିନିଆ ପିବିଏଲ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

କନ୍ଧମାଳ , ୧୬/୦୭ (ନି.ପ୍ର): ଫୁଲବାଣୀ ଇ. ଟି. ଇ. ଆଇ, ଠାରେ ତିନି ଦିନ ଧରି ଆୟୋଜିତ ହୋଇଥିବା ପି. ବି. ଏଲ୍ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍ଘାଟିତ ହୋଇ ଶନିବାର ଦିନ ଉଦଯାପିତ ହୋଇଛି । କାର୍ଯ୍ୟକ୍ରମ ରେ କନ୍ଧମାଳ ଜିଲ୍ଲା ଶିକ୍ଷାଧିକାରୀ ପ୍ରମୋଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ବହୁମୁଖୀ ପ୍ରତିଭା ବିକାଶ ଉପରେ ଆଲୋକପାତ କରିଥିଲେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଏବଂ ପ୍ରଶିକ୍ଷଣ ଅନୁଷ୍ଠାନ, କନ୍ଧମାଳର ମୁଖ୍ୟ ବାମଦେବ ତ୍ରିପାଠୀ ଏବଂ ଫୁଲବାଣୀ ବ୍ଲକ୍‌ର ବ୍ଲକ୍ ଶିକ୍ଷାଧିକାରୀ ରଞ୍ଜନ କୁମାର କହଁର ଏବଂ ଶିକ୍ଷା ସଂଯୋଜକ ସୁରେଶ ପ୍ରଧାନ ପ୍ରମୁଖ ଯୋଗ ଦେଇ ଥିଲେ । ଏଥିରେ ୫୪ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ତଥା ୬ ଜଣ ସି. ଆର୍. ସି. ସି ଏହି ତିନି ଦିନ ବ୍ୟାପି ଶିବିର ରେ ଅଂଶ ଗ୍ରହଣ କରିଛନ୍ତି । ରାଜ୍ୟ ସରକାରଙ୍କ ସାଥୀ ଅନୁଷ୍ଠାନ ଭାବରେ ପିରାମଲ୍ ଫାଉଣ୍ଡେସନର କର୍ମକର୍ତ୍ତା ମାନେ ଯୋଗଦାନ କରି କାର୍ଯ୍ୟକ୍ରମ ସୁଚାରୁ ରୂପ ରେ ସଂଗଠନ ପାଇଁ ସହଯୋଗ କରୁଛନ୍ତି ।

## ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ଭର୍ମିକମ୍ପୋଷ୍ଟ ପ୍ରସ୍ତୁତ ପ୍ରଣାଳୀ ତଦାରଖ

ବଲାଙ୍ଗିର, ୧୬/୦୭ (ନି.ପ୍ର): ନୀତୀଶ କୁମାର, ଆଇଏଫଏସ, ଡିଏଫଓ ବଲାଙ୍ଗୀର, ପୂର୍ବରୁ ସ୍ଥାପିତ ୧୬ ଟି ଭର୍ମିକମ୍ପୋଷ୍ଟର କିଟ୍ ତଦାରଖ କରିଥିଲେ ଏବଂ ବନ୍ଧକେଡା ଭିଏସଏସ ପରିଦର୍ଶନ ସମୟରେ ଭର୍ମିକମ୍ପୋଷ୍ଟ ପ୍ରସ୍ତୁତି ସମୟରେ ସେମାନେ ସମ୍ମୁଖୀନ ହୋଇଥିବା ଅସୁବିଧା ବିଷୟରେ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା କରିଥିଲେ । ଭବିଷ୍ୟତର ଉଦ୍ୟମ ସମୟରେ ସେ ସେମାନଙ୍କୁ ବନ ବିଭାଗ ତରଫରୁ ସମ୍ପୂର୍ଣ୍ଣ ସହାୟତା କରିବେ ବୋଲି ଆଶ୍ୱାସନା ଦେଇଛନ୍ତି । ସେମାନଙ୍କ ଦ୍ୱାରା ଉତ୍ପାଦିତ ମୋଟ ଭର୍ମିକମ୍ପୋଷ୍ଟ ଜଙ୍ଗଲ ବିଭାଗ ଦ୍ୱାରା କିଣାଯିବ । ଏହି ବୈଠକରେ ସୁରେନ୍ଦ୍ର ବିଶ୍ୱାଳ, ସରପଂଚ, ଚିକଲବାହାଲ, କେଶବ କିଶୋର ନାୟକ, ରେଞ୍ଜ ଅଧିକାରୀ, ସୁନୀଲ ମିଶ୍ର, ଡେପୁଟି ରେଞ୍ଜର, ଶ୍ରୀମତୀ ରାଜେଶ୍ୱରୀ ମହାକୁର, ଫରେଷ୍ଟର, ରଣଜିତ କୁମ୍ଭାର, ଏଫଜି, ଶ୍ରୀମତୀ ଚନ୍ଦ୍ରକାନ୍ତି ଖମାରି ଏବଂ ଏଜେଓ୍ୱାଇ ଟିଏଲ ଏବଂ ଡିଓ ମଧ୍ୟ ଉପସ୍ଥିତ ଥିଲେ । ଏହି ପରିଦର୍ଶନ ସମ୍ପ୍ରଦାୟର ଯୋଗଦାନ ଏବଂ ପରିବେଶ ସଂରକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବ । ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ, ଆଜି ପର୍ଯ୍ୟନ୍ତ ବିଭିନ୍ନ ଭିଏସଏସ, ମିଶନ ଶକ୍ତି ଏସଏଚଜି, ଗୋଶାଳା ଇତ୍ୟାଦି ଦ୍ୱାରା ୧୫୦ ଟନରୁ ଅଧିକ ଭର୍ମିକମ୍ପୋଷ୍ଟ ଉତ୍ପାଦିତ ହୋଇଛି । ସେଥିମଧ୍ୟରୁ ବର୍ତମାନର ରୋପଣ ଋତୁ ପାଇଁ ବଲାଙ୍ଗୀର ବନ ବିଭାଗ ଦ୍ୱାରା ୧୦୦ ଟନରୁ ଅଧିକ ଭର୍ମିକମ୍ପୋଷ୍ଟ କ୍ରୟ ହୋଇସାରିଛି । ବଲାଙ୍ଗୀର ବନ ବିଭାଗରେ ଯୁଦ୍ଧକାଳୀନ ଭିତିରେ ଭର୍ମିକମ୍ପୋଷ୍ଟ ଏବଂ ଦକ୍ଷତା ବିକାଶ ତାଲିମର ଉତ୍ପାଦନ ଚାଲିଛି । ଏହି ଅନନ୍ୟ ପଦକ୍ଷେପ ସମଗ୍ର ବଲାଙ୍ଗୀର ଜିଲ୍ଲାରେ ତରଙ୍ଗ ସୃଷ୍ଟି କରିଛି ଏବଂ ଅଧିକ ଦୈନନ୍ଦିନ ଜୀବିକା ସୃଷ୍ଟି କରୁଛି ।

## କୋରାପୁଟ ଜିଲ୍ଲାରେ ଶିକ୍ଷକଙ୍କ ପଦୋନ୍ନତି ହେଉନଥିବାରୁ ଶିକ୍ଷକ ମହଲରେ ଉଦ୍‌ବେଗ

ଜୟପୁର, ୧୬/୦୭ (ନି.ପ୍ର): ଜୟପୁର ଗୀତା ଭବନ ଠାରେ ସମସ୍ତ ବର୍ଗର ଶିକ୍ଷକ ମାନେ ବୈଠକ କରି ଶିକ୍ଷକଙ୍କ ପଦୋନ୍ନତି ହୋଉନଥିବାରୁ ଉଦବେଗ ପ୍ରକାଶ କରିଛନ୍ତି । ଏହି ବୈଠକରେ ଜୟପୁର ଉପଖଣ୍ଡର କୁନ୍ଦୁରା, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ ଏବଂ ଜୟପୁରର ଶିକ୍ଷକ ମାନେ ଉପସ୍ଥିତ ଥିଲେ । ସରକାରଙ୍କ ନିଦ୍ଦେଷ ଥିଲେ ମଧ୍ୟ କୋରାପୁଟ ଜିଲାରେ ଶିକ୍ଷକ ମାନଙ୍କର ଦୀର୍ଘ ଦିନ ହେବ ପଦୋନ୍ନତି ନହେଉଥିବାରୁ ଏଥିରେ ବିଭାଗିୟ ଅଧିକାରି ଉଦାସିନତାର ତୀବ୍ର ବିରୋଧ ହୋଇଛି । ଆଗାମି ଦିନରେ କିପରି ପଦୋନ୍ନତି ହେବ ସେ ସମ୍ପର୍କ ରେ ଆଲୋଚନା ହୋଇଥିଲା । ରାଜ୍ୟର ଅନ୍ୟ ଜିଲାରେ ଶିକ୍ଷକ ମାନେ ପଦୋନ୍ନତିପାଇଥିବା ବେଳେ କୋରାପୁଟ ଜିଲାରେ ପଦୋନ୍ନତି କରାଯାଉ ନାହିଁ । ମାମଲାଟି ହାଇକୋର୍ଟରେ ଥିବା ଦର୍ଶାଇ ଜିଲା ପ୍ରଶାସନ ପଦୋନ୍ନତି କରୁ ନାହାଁନ୍ତି । ଫଳରେ ଶିକ୍ଷକଙ୍କ ମହଲରେ ଅସନ୍ତୋଷ ଦେଖାଯାଇଛି । ଶିକ୍ଷା ବିଭାଗର ନିର୍ଦ୍ଦେଶକ ମେ ୩୦ ,୨୦୨୩ ସୁଦ୍ଧା ପଦୋନ୍ନତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଦୀର୍ଘ ୨ ମାସ ବିତି ଯାଇଥିଲେ ମଧ୍ୟ କୋରାପୁଟ ଜିଲାର ଶିକ୍ଷକ ମାନଙ୍କର ପଦୋନ୍ନତି ହୋଇ ପାରିଲା ନାହିଁ । ଶିକ୍ଷା ନିର୍ଦ୍ଦେଶକଙ୍କ ୬.୫.୨୩ର ନିର୍ଦ୍ଦେଶକୁ କିଛି ଶିକ୍ଷକ ବିରୋଧ କରି ହାଇକୋର୍ଟର ଦ୍ୱାରସ୍ଥ ହେବା ଫଳରେ ଏହାକୁ ସ୍ଥଗିତ ରଖାଯାଇଥିବା ଅଧିକାରି ଜଣକ କହୁଥିବା ବୈଠକରେ ଆଲୋଚନା ହୋଇଛି । ୨୦୧୯ କ୍ୟାଡର ରୁଲ ଅନୁଯାଇ ପଦୋନ୍ନତି ଦେବାର ନିର୍ଦ୍ଦେଶ ଥିଲେ ମଧ୍ୟ ଏଠାରେ ପାଳନ କରାଯାଉ ନାହିଁ । ୧୧.୨.୨୦୧୧ ପୁବରୁ ଯେଉଁ ମାନେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ପାଇଁ ପଦୋନ୍ନତି ପାଇ କୌଣସି ସର୍ତାବଳୀ ନଥିଲେ ମଧ୍ୟ ୬.୫.୨୩ରେ ସରକାର ଏକ ନୂତନ ନିୟମ କାଢି ଥିବାରୁ କିଛି ଶିକ୍ଷକ ବିରୋଧ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି । ପୁରୁଣା ନିୟମ ଅନୁଯାଇ ଶିକ୍ଷକ ମାନେ ୩ଟି ପଦୋନ୍ନତି ପାଇସାରିଥିବା ବେଳେ ସରକାର ନୂତନ ନିୟମ ପ୍ରଣୟନ କରିଥିବାରୁ ଶିକ୍ଷକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ୨୦୧୯ କ୍ୟାଡର ନିୟମ ପ୍ରକାରେ ରାଜ୍ୟର ଅନ୍ୟ ଜିଲା କଳାହାଣ୍ଡି, ବଲାଙ୍ଗିର, ନୂଆପଡା. ନୟାଗଡ, ପୁରୀ, କେନ୍ଦ୍ରାପଡା ଆଦି ଜିଲା ପଦୋନ୍ନତି ପାଇ ସାରିଥିବା ବେଳେ କୋରାପୁଟ ଜିଲାର ଶିକ୍ଷକ ମାନେ ବଂଚିତ ଅଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ ଓ ୫ ଟି ସଚିବ ହସ୍ତ କ୍ଷେପ କରିବାକୁ ଶିକ୍ଷକ ମାନେ ଦାବି କରିଛନ୍ତି । ଚଳିତ ମାସ ୧୩ ତାରିଖରେ ଶିକ୍ଷା ନିର୍ଦ୍ଦେଶକ ଭୁବନେଶ୍ୱର ଶିକ୍ଷକ ମାନଙ୍କୁ ପଦୋନ୍ନତି ଦେଇନଥିବା ଜିଲା ଶିକ୍ଷାଧିକାରି ମାନଙ୍କୁ ୨୦୧୯ କ୍ୟାଡର ନିୟମ ଅନୁଯାଇ ତୁରନ୍ତ ପଦୋନ୍ନତି ଦେବା ପାଇ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମହେଶ୍ୱର ମିଶ୍ର, ପ୍ରଶାନ୍ତ କର, ତ୍ରିନାଥ ପାଣିଗ୍ରାହୀ, ନିରଞ୍ଜନ ପଣ୍ଡା, କିରଣ ମହାରଣା, ଜ୍ୟୋତି ରାଣି ପଣ୍ଡା, ସୁଜାତା ଚୌଧୁରି, ବିଜୟ ଲକ୍ଷ୍ମୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂପର୍କର ପରିଭାଷା ପୁସ୍ତକ 'ଅନସ୍ୱୋକନ' ଉନ୍ମୋଚିତ

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ବିଶିଷ୍ଟ ଐତିହାସିକା ଏବଂ ସୁଲେଖିକା ଶର୍ମିଷ୍ଠା ଗୁପ୍ତୁଙ୍କ ଅନ୍ୟତମ ସାରସ୍ୱତ ଅବଦାନ ' ଅନସ୍ୱୋକନ' ପୁସ୍ତକ ଓଟିଡିସି ଅଧ୍ୟକ୍ଷ ଡକ୍ଟର ଲେନିନ୍ ମହାନ୍ତିଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ପୁସ୍ତକ ଉନ୍ମୋଚନ କାଳରେ କ୍ରୀଡା ସଚିବ ଆର୍. ଭିନିଲ୍ କ୍ରୀଷ୍ଣା, ବିଶିଷ୍ଟ କ୍ରୀଡା ଉଦ୍ ଘୋଷକ ତଥା ଲେଖିକାଙ୍କ ସ୍ୱାମୀ ବୋରିଆ ମଜୁମଦାର ଓ ସମାଜସେବୀ ତଥା ଅଧିବକ୍ତା ରେଖା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ଉପସ୍ଥିତ ଥିଲେ । ବ୍ୟକ୍ତିଗତ ଅନୁଭୂତି ବେଳେବେଳେ ଅମୂଲ୍ୟ ସାବ୍ୟସ୍ତ ହୁଏ । ଅନୁଭବ ଆଣେ ସତ୍ୟ ଚେତନା । ଊର୍ଦ୍ଧ୍ୱମୁଖୀ ଚେତନା କରେ ସମାଜ କଲ୍ୟାଣ । ବିସ୍ତାରିତ ହୃଦୟର ଭାଷା ଛୁଏଁ ପ୍ରତିଟି ମନ ଓ ପ୍ରାଣକୁ । ନିଜ ଚାରିପାଖର ଚରିତ୍ର ସବୁକୁ ସାଉଁଟି ଆଣି ଅଲିଭା ସ୍ମୃତିରେ ସଜେଇଛନ୍ତି ଶର୍ମିଷ୍ଠା ଗୁପ୍ତୁ ନିଜ ରଚିତ ପୁସ୍ତକ ' ଅନସ୍ୱୋକନ' ରେ । କୋଭିଡ୍ ମହାମାରୀ ତାଡନାର 'ଅକୁହା କଥା' । ମହାମାରୀ ସମୟରେ ନିଜେ ଲେଖିକା ଦୀର୍ଘକାଳୀନ ମାନସିକ ଅସନ୍ତୁଳନ ଜନିତ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରିବା ଓ ବାଧ ବାଧକତାରେ ଘରେ ରହିବା ସମୟରେ ଅତି ନିକଟରୁ ପରଖିଛନ୍ତି ସଂପର୍କର ପରିଭାଷା । ପୀଡିତା ପ୍ରତି ସାମାଜିକ ଦୃଷ୍ଟିକୋଣ, ସଂପର୍କୀୟଙ୍କ ବ୍ୟବହାର ତଥା ପାରିବାରିକ ମନୋଭାବର ତର୍ଜମା କରିଛନ୍ତି ନିରୋଳା ସମୟରେ-ନିର୍ମଳ ଚେତନାରେ-ନିଃସ୍ୱାର୍ଥ ମନୋଭାବରେ । ନିଜେ ଲେଖିକା ଅଙ୍ଗେ ନିଭାଇଥିବା ଅକୁହା କଥାର ସାରମର୍ମ ପ୍ରତିଫଳିତ କରିଛି ପୁସ୍ତକ 'ଅନସ୍ୱୋକନ' ।

## କେନ୍ଦୁଝରରେ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରଧାନ ଶିକ୍ଷକ ନିଲମ୍ବିତ

କେନ୍ଦୁଝର, ୧୬/୦୭ (ନି.ପ୍ର): କେନ୍ଦୁଝରରେ ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ରେବଣାପଳାସପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଇଶ୍ୱର ଚନ୍ଦ୍ର ସାହୁ ଙ୍କୁ ଚିଠି ନମ୍ବର ୧୩୬୧୩ ନିଲମ୍ବିତ କରାଯାଇଛି । ତାଙ୍କ ବିରୋଧରେ ଛାତ୍ରୀଙ୍କୁ ଅସଦାଚରଣ ନେଇ ଅଭିଯୋଗ ହୋଇଥଲା । ଏହି ସମ୍ବେଦନଶୀଳ ମାମଲାରେ ତଦନ୍ତ ହେବାର ୨୪ ଘଟାଂ ମଧ୍ୟରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପ୍ରଧାନ ଶିକ୍ଷକ ନିଲମ୍ବନ ରେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବଳଭଦ୍ର ନାଏକ ପ୍ରଧାନ ଶିକ୍ଷକଙ୍କ ଦାୟିତ୍ୱ ନେଇଛନ୍ତି । ଛାତ୍ରୀଙ୍କୁ ଅସଦାଚରଣ ନେଇ ଗଣମାଧ୍ୟମ ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତ ପରେ ସରକାରଙ୍କୁ ଏ ନେଇ ରିପୋର୍ଟ ପ୍ରଦାନ କରାଯାଇଥିଲା । ତଦନ୍ତ ରିପୋର୍ଟ ଆଧାରେ ଅନୁସୂଚିତ ଜନଜାତି ବିଭାଗର ନିର୍ଦ୍ଦେଶକ ଶ୍ରୀକାନ୍ତ ତରେଇ ପ୍ରଧାନ ଶିକ୍ଷକ ଇଶ୍ୱର ଚନ୍ଦ୍ର ସାହୁ ନିଲମ୍ବନ ଆଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଗତ ୬ ତାରିଖ ଦିନ ଏହି ଘଟଣା ବାଳିକା ବିଦ୍ୟାଳୟର ହଷ୍ଟେଲ ପରିସରରେ ହୋଇଥିଲା । ବାଳିକା ରହୁଥିବା ହଷ୍ଟେଲରେ ପଶି ୨ଜଣ ଅନ୍ତେବାସୀଙ୍କୁ ଅସଦାଚରଣ କରିଥିଲେ । କ୍ଲାସ ଚାଲିଥିବା ସମୟରେ ୨ଜଣ ନବମ ଛାତ୍ରୀ ହଷ୍ଟେଲରେ ବିଶ୍ରାମ ନେଉଥିଲେ । ଏହି ସମୟରେ ପ୍ରଧାନ ଶିକ୍ଷକ ଉକ୍ତ କଠୋରୀରେ ପଶି ଛାତ୍ରୀ ଦ୍ୱୟଙ୍କୁ ଅସଦାଚରଣ କରିଥିଲେ । ଏହାକୁ ଛାତ୍ରୀ ଦ୍ୱୟ ପ୍ରତିବାଦ କରି ଅଭିଭାବକଙ୍କୁ ଡାକି ସ୍କୁଲ ଛାଡି ପଳାଇଥିଲେ । ଏ ନେଇ ଅଭିଯୋଗ ହେବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ୯ ତାରିଖ ଦିନ ତଦନ୍ତ କରିଥିଲେ । ଏହା ସହ ସେ ହରିଚନ୍ଦନପୁର ବ୍ଲକ ମଙ୍ଗଳ ସଂପ୍ରସାରଣ ରାକେଶ ରଞ୍ଜନ ଦାସ ଏବଂ ମହିଳା ଶିଶୁ ବିକାଶ ବିଭାଗର ସୁପର ଭାଇଜର ସନ୍ଧ୍ୟାରାଣୀ ମହାନ୍ତ ଙ୍କୁ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ । ୧୦ ତାରିଖ ଦିନ ତଦନ୍ତ କରି ଛାତ୍ରୀ ଦ୍ୱୟ ଓ ତାଙ୍କ ଅଭିଭାବକ ଠାରୁ ବୟାନ ରେକର୍ଡ ସଂଗ୍ରହ କରାଯିବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଏହାର ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଜିଲ୍ଲାପାଳ ଏ ନେଇ ବିଭାଗୀୟ କମିଶନର ଙ୍କୁ ଅବଗତ କରିଥିଲେ । ଏହାପରେ ଅନୁସୂଚିତ ଜନଜାତି ଏବଂ ଜାତି ଉନ୍ନୟନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ନିଲମ୍ବନ ପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଙ୍କ ମୁଖ୍ୟାଳୟ ନିର୍ଦ୍ଧାରିତ କରାଯାଇଛି । ଏହି ଘଟଣାକୁ ନେଇ ଆବାସିକ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲାର ସମସ୍ତ ଅନୁଷ୍ଠାନରେ ପ୍ରତ୍ୟେକ ଶନିବାର ପାଳନ ହେବ ସ୍ୱଚ୍ଛତା ଦିବସ

ବଲାଙ୍ଗିର ୧୫ ଜୁଲାଇ ( ହି ସ): ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ରେ ଏଣିକି ପ୍ରତେକ ଶନିବାର ପାଳନ ହେବ ସ୍ୱଚ୍ଛତା ଦିବସ । ସମସ୍ତ ଅନୁଷ୍ଠାନ ରେ ହେବ ସଫେଇ । ଏହା ସମସ୍ତ ବିଭାଗର ଅଧିକାରୀ ମାନେ ତଦାରଖ କରିବେ । ଏହି କାର୍ଯକ୍ରମ ରେ ଭଲ ପ୍ରଦର୍ଶନ କରୁଥିବା ଅନୁଷ୍ଠାନକୁ ପୁରସ୍କୃତ ମଧ୍ୟ କରାଯିବ । ଆଜି ପୂର୍ବାହ୍ନରେ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ସ୍ଥିତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ମ୍ୟାଲେରିଆ ମାସ ତଥା ମାଲେରିଆ ନିରାକରଣ ୨୦୨୩ ପାଇଁ କାର୍ଯକମ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଏହି କାର୍ଯକ୍ରମର ଅଧକତା କରିଥିଲେ । ମାଲେରିଆ ଓ ଡେଙ୍ଗୁ ନିରାକରଣ ରେ ଚିହ୍ନଟଙ୍କ ଯଥା ଶୀଘ୍ର ଆରୋଗ୍ୟ ପାଇଁ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପୋ କରିଥିଲେ । ଅତ୍ୟଧିକ ରୋଗୀ ଚିହ୍ନଟ ସ୍ଥାନ ଗୁଡିକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାକୁ ଆଦେଶ ଦେଇଥିଲେ । ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ , ଧୂଆଁ ପ୍ରୋୟୋଗ କରୁଥିବା ମେସିନ ଉପଯୋଗ କରିବା ସହ ମୁନିସିପାଲିଟି ସଫେଇ କାର୍ଯ୍ୟ ତ୍ୱରାନିତ୍ୱ କରିବାକୁ କହିଥିଲେ । ନୀଚ ଜାଗାରେ ପାଣି ଜମୁଥିବା ସ୍ଥାନ ଗୁଡିକରେ ବାଲି ପକେଇ ସମତଳ କରିବା , ଆବର୍ଜନାକୁ ଜନ ବସ୍ତି ଠାରୁ ତୁରନ୍ତ ଦୂରେଇ ପକେଇବା ଭଳି ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ । ମୁଣ୍ଡ ବଥା ତଥା ଜ୍ୱର ହେଲେ ବି ଡେଙ୍ଗୁ ମାଲେରିଆ ପାଇଁ ଟେଷ୍ଟିଙ୍ଗ ପରିମାଣ ବଢେଇବା ଉପରେ ଧ୍ୟାନ ବଢେଇବାକୁ ନିର୍ଦେଶ ଦେଇଥିଲେ । ୨୦୨୦ରୁ କୌଣସି ଜୀବନ ମାଲେରିଆ ଯାଇନଥିବାରୁ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ କାର୍ଯ୍ୟ କୁ ପ୍ରଶଂସିତ କରିଥିଲେ । ଏହି ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା । ପ୍ରଦୀପ କୁମାର ଗୁରୁ ସଭା ଆରମ୍ଭ ଭାଷଣ ପ୍ରଦାନ କରି ମ୍ୟାଲେରିଆ ଭଳି ରୋଗକୁ କେମିତି ଅତିଶୀଘ୍ର ଚିହ୍ନଟ କରିବା ଏବଂ ଏହାର ପ୍ରତିକାର ନିମନ୍ତେ ଅଭିନବ ପନ୍ଥା ଗ୍ରହଣ କରି ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରେ ଜନସଚେତନତା ସୃଷ୍ଟି କରି ଏହାର ନିରାକରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଦୀର୍ଘ ସ୍ଥାୟୀ କୀଟନାଶକ ମଶାରୀ ବଂଟନ ଓ ଏହାର ଉପଯୁକ୍ତ ବ୍ୟବହାର ଦ୍ୱାରା ମ୍ୟାଲେରିଆ ରୋଗ କୁ ହ୍ରାସ କରାଯାଇପାରିଛି ବୋଲି ସେ ପ୍ରକାଶ କରିଥିଲେ । ସଭାରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ କୁବେର ଚନ୍ଦ୍ର ମହନ୍ତ ଏହି ଦିବସ ପାଳନ ର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ମ୍ୟାଲେରିଆ ନିରାକରଣ ଦିଗରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । ପାଓ୍ୱାରପଏନ୍ଟରେ ବିଗତ ବର୍ଷରେ କିପରି ରୋଗ ନିରାକରଣ ବଢିବା ସହ ରୋଗୀଙ୍କ ସଂଖ୍ୟା କମିଛି ବୋଲି ରିପୋର୍ଟ ରେ ଦର୍ଶାଇଥିଲେ । ଅତିରିକ୍ତ ଜିଲ୍ଲାପାଳ , ପିଡି ଡିଆରଡିଏ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପରୋକ୍ତ ସଭାରେ ଉପସ୍ଥିତ ଥିଲେ । ସଭାରେ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ,ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀ ମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଜିଲ୍ଲାରେ ଥିବା ବିଭିନ୍ନ କାରାଗାର ପରିଦର୍ଶନ

ଜୟପୁର, ୧୬/୦୭ (ନି.ପ୍ର): ଜିଲ୍ଲା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ ଜାୟପୁର ସଚିବ କୋରାପୁଟ ଜିଲ୍ଲା ରେ ଥିବା ମଣ୍ଡଳ କାରାଗାର, କୋରାପୁଟ ଏବଂ ଉପ କାରାଗାର ଜୟପୁର ଗସ୍ତ କରି କାରାଗାର ଅନ୍ତେବାସୀଙ୍କୁ ସିଧାସଳଖ ସାକ୍ଷାତ କରି ସେମାନଙ୍କର ଖାଦ୍ୟପେୟ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ, ସୁରକ୍ଷା ଏବଂ ବିଭିନ୍ନ ଅଦାଲତରେ ଥିବା କେସ୍ ଉପରେ ଅଭିଯୁକ୍ତଙ୍କୁ ପଚାରି ବୁଝିଥିଲେ । ତା ସହିତ ଅନ୍ତେବାସୀଙ୍କୁ ରହୁଥିବା ଚାରିପାର୍ଶ୍ୱରେ ପରିବେଶ ସ୍ୱଚ୍ଛତା ରଖିବାକୁ ଅଧିକ୍ଷଙ୍କ ସହିତ ଆଲୋଚନା କରିଥିଲେ ଏବଂ ଯେଉଁ ଗରିବ ଅଭିଯୁକ୍ତଙ୍କୁ ନିଜର ଓକିଲ ନାହାନ୍ତି ଅନ୍ୟାନ୍ୟ ଅସୁବିଧା ଥିଲେ ଦରଖାସ୍ତ ମାଧ୍ୟମରେ ଜଣେଇବାକୁ ସଚିବ ସୁମନ ଜେନା ଅନ୍ତେବାସୀଙ୍କୁ କହିଥିଲେ ଅଥବା କୌଣସି ଆଇନସେବା ସମସ୍ୟା ଦେଖାଦେଲେ କାରାଗାର ପରିଦର୍ଶନ ଆସୁଥିବା ପାନେଲ ଓକିଲ କିମ୍ବା ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ଅବଗତ କରିପାରିବେ ବୋଲି କହିଥିଲେ ।

## 'ଜାଗା ମିସନ୍'କୁ ଜାଗା ଅଡୁଆ: ପୂର୍ତ୍ତ ବିଭାଗ ଜମିରେ ୨୨ ବସ୍ତି, ବିଏମ୍‌ସି ନାମରେ କରିବାକୁ ଚିଠି

ଭୁବନେଶ୍ୱର, ୧୬/୦୭ (ନି.ପ୍ର): ବିବାଦ ଜାଗା ମିସନ୍‌ର ପିଛା ଛାଡୁନି । କେଉଁଠି ବସ୍ତି କଲ୍ୟାଣ ସଂଘ (ଏସ୍‌ଡିଏ) ଯୋଗ୍ୟ ହିତାଧିକାରୀଙ୍କ ନାଁ ତାଲିକାରୁ କାଟି ଦେଉଛି ତ କେଉଁଠି ହାତଗୁଞ୍ଜା ଦେଲେ ତାଲିକାରେ ନାଁ ଯୋଡ଼ି ହୋଇଯାଉଛି ବୋଲି ଅଭିଯୋଗ ହେଉଛି । ଜାଗା ମିସନ୍‌ରେ ଆସିଥିବା ଏଭଳି ୪୭ ହଜାର ଅଭିଯୋଗକୁ ନେଇ ବିଏମ୍ ?ସି ଛନ୍ଦି ହୋଇପଡ଼ିଥିବା ବେଳେ ନୂଆ ଜାଗା ଅଡୁଆ ଏହି ମିସନ୍‌ର ବାଟ ଓଗାଳିଛି । ପୂର୍ତ୍ତ ବିଭାଗ ଅଧୀନରେ ରହିଥିବା ଜାଗାରେ ଗଢ଼ି ଉଠିଥିବା ୨୨ଟି ବସ୍ତିରେ ୧୧୩୯ ପରିବାର ଘର କରି ରହୁଛନ୍ତି । ଜାଗା ପୂର୍ତ୍ତ ବିଭାଗ ଅଧୀନରେ ରହିଥିବାରୁ ବିଏମ୍‌ସି ଏମାନଙ୍କୁ ଜମି ଅଧିକାର ଦେବାରେ ସମସ୍ୟା ଉପୁଜିଛି । ଏହି ନୂଆ ଅଡୁଆ ବାବଦରେ ବିଏମ୍‌ସି କମିସନର ବିଜୟ ଅମୃତା କୁଲାଙ୍ଗେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି । ଏହି ସବୁ ଜମି ବିଏମ୍‌ସି ନାମରେ କରିଦେଲେ, ଜମି ଅଧିକାର ପ୍ରଦାନ କରାଯିବ ବୋଲି ଦର୍ଶାଇଛନ୍ତି । ଚିଠିକୁ ଆଧାର କରି ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ସମ୍ପୃକ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଏ ବାବଦରେ ନିଷ୍ପତ୍ତି ନେବାକୁ କହିଛନ୍ତି । କୌତୂହଳର କଥା ହେଉଛି ଅଧିକାଂଶ ଜାଗା ରାସ୍ତା ଓ ନୟନଯୋଡ଼ି ରହିଛି । ଏହି ଜଗା ଯଦି ପୂର୍ତ୍ତ ବିଭାଗ ବିଏମ୍‌ସିକୁ ଦେଇ ଦେଉଛି, ତେବେ ରାସ୍ତା ପାଇଁ ଉଦ୍ଦିଷ୍ଟ ଜାଗାରେ ଘର ହୋଇଯିବ । ଏହାକୁ ନ ଦେଲେ ୧୧୩୯ ପରିବାର ସରକାରଙ୍କ ପାଇଲଟ୍ ପ୍ରୋଜେକ୍ଟ 'ଜାଗା ମିସନ୍'ରୁ ବାଦ୍ ପଡ଼ିଯିବେ । ଏଣୁ ପୂର୍ତ୍ତ ବିଭାଗ ହରଡ଼ଘଣାରେ ପଡ଼ିଛି । ସମସ୍ତେ ପୂର୍ତ୍ତ ବିଭାଗର ନିଷ୍ପତ୍ତିକୁ ଚାହିଁ ବସିଛନ୍ତି । ଯଦିଓ ଏଥିପାଇଁ କୌଣସି ଶେଷ ତାରିଖ ଧାର୍ଯ୍ୟ କରାଯାଇନାହିଁ, ତଥାପି ଅଗଷ୍ଟ ସୁଦ୍ଧା ନିଷ୍ପତ୍ତି ନେବାକୁ ପୂର୍ତ୍ତ ବିଭାଗକୁ କୁହାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଜାଗା ମିସନ୍‌କୁ ସରକାର ଗୁରୁତ୍ୱର ସହ ନେଇଥିଲେ । ଗତ ମେ'ରେ ବିଏମ୍‌ସିରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରମାଣପତ୍ର ବାଣ୍ଟିବା ପାଇଁ ଯୋଜନା ହୋଇଥିଲା । କିନ୍ତୁ ବିଏମ୍‌ସିରେ ଅଭିଯୋଗପତ୍ର ଗଦା ହେବାରେ ଲାଗିଥିଲା । ଆସିଥିବା ପ୍ରାୟ ୪୭ ହଜାର ଅଭିଯୋଗରୁ ପ୍ରାୟ ୧୬ ହଜାର ଅଭିଯୋଗକାରୀଙ୍କ ଠିକଣା ଭୁଲ ରହିଥିବା ବେଳେ ୮ ହଜାର ଅଭିଯୋଗକାରୀଙ୍କର ଆଧାରକାର୍ଡରେ ତ୍ରୁଟି ଥିଲା । ଏଭଳି ଅଭିଯୋଗ ବଢ଼ି ବଢ଼ି ଚାଲିଥିଲା । ବିରୋଧୀ ମଧ୍ୟ ଏହାକୁ ପ୍ରସଙ୍ଗ କରି ଆନ୍ଦୋଳନ କରିଥିଲେ । ଏଭଳି ସମସ୍ୟାରେ ବିଏମ୍‌ସି ଯୁଝି ହେଉଥିବା ବେଳେ ଜାଗାକୁ ନେଇ ନୂଆ ବିବାଦ ଛିଡ଼ା ହୋଇଥିଲା । ସର୍ଭେ ବେଳେ ଜଣାପଡ଼ିଥିଲା କି ପୂର୍ତ୍ତ ବିଭାଗ ଜାଗାରେ ୧୧୩୯ ଘର ଥିଲା । ପ୍ରାୟ ସାଢ଼େ ୩ ଏକର ଜାଗା ଏହି ବସ୍ତିବାସିନ୍ଦାଙ୍କ ଅଧୀନରେ ରହିଥିଲା । ଏହି ସବୁ ଜମି ପୂର୍ତ୍ତ ବିଭାଗକୁ ଦିଆଯାଇଥିଲା । ଏଥିରୁ ପ୍ରାୟ ୨ ଏକର ଜାଗା ରାସ୍ତା କରିବା ପାଇଁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । କେତେକ ଜାଗାରେ ନୟନଯୋଡ଼ି ଥିଲା । ଆଉ କେତେକ ଜାଗା ନାଳ ଓ ନାଳ ବନ୍ଧ ରହିଥିଲା । ରାମପୁର ମୌଜା ଶାସ୍ତ୍ରୀନଗର ଉପର ବସ୍ତିରେ ୬୦.୩୬ ଡିସିମିଲି ବା ୨୬୨୯୨ ବର୍ଗଫୁଟ୍ ଜାଗାରେ ୧୩୪ ଘର ହୋଇଛି । ଏହି ବସ୍ତି ସର୍ବାଧିକ ଜାଗା ମାଡ଼ି ବସିଛି । ଏହା ପରେ ପାଣ୍ଡରା ମୌଜାର ନହରକଣ୍ଟା ଭୋଇସାହିର ୯ ପରିବାର ୩୦ ଡିସିମିଲି ବା ୭୫୩୩ ବର୍ଗଫୁଟ ଅଞ୍ଚଳରେ ଘର କରିଛନ୍ତି ।

# ନିଦ୍ର ଗାଁ

ଦୁନିଆରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାକୁ ଗଲେ କେବଳ ନିଦ ହିଁ ଲାଗିଥାଏ ଏବଂ ଲୋକମାନେ ଗଭୀର ନିଦରେ ଶୋଇପଡ଼ିଥାନ୍ତି । ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ କଥାଟି ସତ୍ୟ । କାଜାଖସ୍ଥାନର ଉତ୍ତର ଦିଗରେ ଏମିତି ଏକ ଗ୍ରାମ ଅଛି । ଗ୍ରାମର ନାମ 'କାଲାଚି' । ଏହି ଗ୍ରାମକୁ ଯିଏ ବି ଯାଉଛି ସେ ନିଦରେ ଶୋଇପଡୁଛି । ଦିନେ ନୁହେଁ କି ଦୁଇଦିନ ନୁହେଁ ବରଂ ପାଖାପାଖି ଏକ ବର୍ଷ ଧରି ଶୋଇ ଯାଉଛନ୍ତି ଲୋକମାନେ । ସେଥିପାଇଁ ଏହି ଗ୍ରାମକୁ 'ସ୍ଲିପିଂ ହୋଲୋ' କୁହାଯାଉଛି । ଏହି ଘଟଣା ପ୍ରଥମେ ୨୦୧୦ ମସିହାରେ ଦେଖାଯାଇଥିଲା । ସେହି ଗ୍ରାମର କିଛି ଲୋକ ହଠାତ୍ ଢୁଳାଇ ଶୋଇବାକୁ ଲାଗିଲେ । ଏହା ଧୀରେ ଧୀରେ ଏପରି ବଢ଼ିଲା ଯେ,








କାଜାଖସ୍ଥାନର ସରକାର ସେହି ଗ୍ରାମ ଛାଡ଼ିବାକୁ ଲୋକଙ୍କୁ କହିବା ସହ ଗ୍ରାମକୁ ଅନ୍ୟ ଲୋକ ନଯିବା ପାଇଁ ମଧ୍ୟ ଆଦେଶ ଜାରି କରିଛନ୍ତି । ସେହି ସମୟରେ ଗ୍ରାମରେ ୮୧୦ ଲୋକ ବାସ କରୁଥିଲେ । ଏମାନେ ଥିଲେ ରଷିଆ ଏବଂ ଜର୍ମାନୀର ମୂଳ ଅଧିବାସୀ । ମାତ୍ର ସେମାନଙ୍କ ମଧ୍ୟରୁ ୨୦୦ଜଣ ଏହି ରୋଗରେ ଆକ୍ରାନ୍ତ ଥିଲେ । ଆକ୍ରାନ୍ତମାନଙ୍କ ମଧ୍ୟରୁ ଅଧିକାଂଶ ଯୁବକ ଏବଂ ଛୋଟ ପିଲା ଥିଲେ । ବୈଜ୍ଞାନିକଙ୍କ ମତରେ, ଗ୍ରାମର ବଦଳୁଥିବା ପରିବେଶ ପାଇଁ ଦାୟୀ ହେଉଛି ଏହା ନିକଟରେ ଥିବା ୟୁରାନିଅମ ଖଣି ଏବଂ ଖଣିରୁ ବାହାରୁଥିବା କାର୍ବନ ମନୋକ୍ସାଇଡ୍ ଗ୍ୟାସ । ଏହି ଗ୍ୟାସ ପ୍ରଭାବରୁ ସେଠିକାର ଲୋକ ଶୋଇ ପଡ଼ିଥାନ୍ତି । କିନ୍ତୁ କେତେକ ବିଶେଷଜ୍ଞ ପ୍ରଶ୍ନ କରିଛନ୍ତି ଯେ, ଯଦି ଏସବୁ କାରଣରୁ ସେଠିକାର ଲୋକ ଶୋଇପଡୁଛନ୍ତି, ତେବେ ପଶୁ ଏବଂ ପକ୍ଷୀଙ୍କଠାରେ ଏପରି ଲକ୍ଷଣ ଦେଖାଯାଉନି କାହିଁକି ?

କାଜାଖାସ୍ଥାନର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ୭ହଜାର ଘରେ ପରୀକ୍ଷା କରିଥିଲେ, ମାତ୍ର ଏହାର କାରଣ ପାଇନଥିଲେ । ସ୍ଥାନୀୟ ଗ୍ରାମବାସୀଙ୍କ ଅନୁସାରେ ଭୂତ ଏପରି କରୁଛି । ଏବେ ବି ଏହି ଗ୍ରାମ ଉପରେ ବୈଜ୍ଞାନିକ ଗବେଷଣା କରୁଛନ୍ତି । ଏହାଛଡ଼ା ୮ବର୍ଷ ମଧ୍ୟରେ ୨୨୩ଟି ପରିବାର ଏହି ଗ୍ରାମ ଛାଡ଼ି ସାରିଲେଣି ।

'ଡଗି ଆର୍ମର୍' ଓ 'ଭେରିଫଷ୍ଟଟୁ' କମ୍ପାନୀ ପକ୍ଷରୁ ମିଳିତ ଭାବେ ଏକ କୁକୁର ପିନ୍ଧା ଜ୍ୟାକେଟ୍ ତିଆରି କରାଯାଇଛି, ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ନବେ ଲକ୍ଷ ଟଙ୍କା । ଚବିଶ କାରେଟ୍ ସୁନାରେ ଜ୍ୟାକେଟ୍‌ଟି ତିଆରି । ସେଥିରେ ଲାଗିଛି ମୋଟ ଚାଳିଶିଟି ଗଳା ହୀରା ଓ ସ୍ୱାର୍ଭୋସ୍କି ସ୍ଫଟିକ । ଜ୍ୟାକେଟ୍ ଟି ବୁଲେଟ୍-ପ୍ରୁଫ୍ ଜାତରୟ । ମୁନିଆ ଛୁରି ଭେଦି ପାରିବ ନାହିଁ ।




# ମହିଳାଙ୍କର ଦୁଇଟି ଗର୍ଭାଶୟ


ମହିଳାଙ୍କର ଥିଲା ଦୁଇଟି ଗର୍ଭାଶୟ । ଦୁଇଟି ଗର୍ଭାଶୟରେ ଦୁଇଟି ଶିଶୁ ମଧ୍ୟ ଥିଲା । ଗର୍ଭବତୀ ହେବାପରେ ହିଁ ଏ ବିଷୟରେ ଜେନିଫର ଜାଣିପାରିଥିଲେ । ନିକଟରେ ସେ ଦୁଇଟି ସନ୍ତାନକୁ ମଧ୍ୟ ଜନ୍ମ ଦେଇଛନ୍ତି । ଏବେ ଜେନିଫର ଏବଂ ତାଙ୍କର ଦୁଇଟି ସନ୍ତାନଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ଅଛି । ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ୫୦କୋଟିରେ ଏପରି ଗୋଟିଏ ଘଟଣା ଦେଖିବାକୁ ମିଳିଥାଏ ।ଏକାସାଙ୍ଗରେ ଅନେକ ପିଲା ଜନ୍ମହେବା କଥା ଆପଣ ଜାଣିଥିଲେ । କିନ୍ତୁ ଏକାସାଙ୍ଗରେ ଜଣେ ମହିଳାଙ୍କର ଦୁଇଟି ଗର୍ଭାଶୟ ରହିବା ଏବଂ ଦୁଇଟି ଗର୍ଭାଶୟରୁ ଦୁଇଟି ଛୁଆ ଜନ୍ମହେବା କଥା ପ୍ରଥମ । ନିକଟରେ ବ୍ରିଟେନରେ ଦେଖିବାକୁ ମିଳିଛି ଏପରି ଘଟଣା ଜେନିଫର ନାମକ ୩୧ବର୍ଷୀୟା ମହିଳାଙ୍କ କ୍ଷେତ୍ରରେ ।

# ହୃଦ୍‌ଘାତ ପୂର୍ବରୁ ଜାଣିରଖନ୍ତୁ

ପ୍ରତି ୧୫ଜଣରେ ୫ଜଣ ହୃଦଘାତରେ ପ୍ରାଣ ହରାଉଥିବାର ସର୍ବେକ୍ଷଣରୁ ପ୍ରକାଶିତ । ବର୍ତ୍ତମାନ ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ମହିଳା ହୃଦରୋଗରେ ଆକ୍ରାନ୍ତ ହେଉଛନ୍ତି । ବିଶେଷଜ୍ଞଙ୍କ ମତରେ ଏବର ପରିସ୍ଥିତିରେ ମହିଳାଙ୍କ ଉପରେ କାମର ଚାପ ବଢୁଥିବାରୁ ସେମାନେ ହୃଦଘାତରେ ଶିକାର ହେଉଛନ୍ତି । ୩୦ବର୍ଷ ଅତିକ୍ରମ କରିବା ପରେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଆବଶ୍ୟକ । ନିରବ ହୃଦଘାତ ହେବା ପୂର୍ବରୁ କୌଣସି ସଙ୍କେତ ଜଣାପଡ଼ିନଥାଏ । ଡାକ୍ତରୀ ଭାଷାରେ ଏହାକୁ 'ସାଇଲେଣ୍ଟ ମାୟୋକାର୍ଡିଆଲ ଇନଫାର୍କସନ୍' କୁହାଯାଏ । ଏହି ରୋଗର ହୃଦଯନ୍ତ୍ରଣା ଆଦୌ ହୋଇନଥାଏ । ଶବ ବ୍ୟବଚ୍ଛେଦରେ ହିଁ ହୃଦଘାତ ହୋଇଥିବାର ଜଣାପଡ଼େ । ଉଭୟ ପୁରୁଷ ଓ ମହିଳା ନିଜ ଖଦ୍ୟପାନୀୟ ତଥା ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିତାନ୍ତ ଆବଶ୍ୟକ।

ନିୟମିତ ଭାବେ ସିଝା ଖାଦ୍ୟ ଖାଇବାର ଅଭ୍ୟାସ ଆରମ୍ଭ କରନ୍ତୁ । ସୁଆଦିଆ ଖାଦ୍ୟ ପ୍ରତି ମୋହ ସମସ୍ତଙ୍କର ଥାଏ । ହେଲେ ଏହାକୁ ନିୟମିତ ଅଭ୍ୟାସରେ ନ ପକାଇ ସପ୍ତାହକୁ ଥରେ କିମ୍ବା ମାସକୁ ୨-୩ଥର ଖାଆନ୍ତୁ ।

ମୃଦୁପାନୀୟ (କୋଲ୍ଡ୍ରିଙ୍କସ୍) ଠାରୁ ନିଜକୁ ଦୂରେଇ ରଖିବାର ପ୍ରତିଜ୍ଞା କରନ୍ତୁ



ଏବର କର୍ମଚାରୀ ମହିଳା ଏଇସବୁ ପାନୀୟ ପିଇ ହିଁ ସ୍ୱାସ୍ଥ୍ୟର ଅବନତି କରୁଥିବା ବେଳେ ଏହାର ବିଭିନ୍ନ ତତ୍ତ୍ୱ ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ କ୍ଷତି ପହଞ୍ଚାଇଥାଏ ।

ମାନସିକ ଚାପରୁ ମଧ୍ୟ ନିରବ ହୃଦଘାତ ହୋଇଥାଏ । ଜୀବନ ଖୁବ୍ ସଂକ୍ଷିପ୍ତ- ଏହି ଉକ୍ତିକୁ ମନରେ ରଖି ପ୍ରତି ମୁହୂର୍ତ୍ତରେ ଉପଭୋଗ କରିବାକୁ ଚେଷ୍ଟା କରିବା ଉଚିତ ।

# ଆକ୍ୟୁପ୍ରେସର; ସୁଗାର ସ୍ତରକୁ ନିୟନ୍ତ୍ରଣ କରିବ



ଆଜିକାଲି ଲୋକମାନେ କମ୍ ପରିଶ୍ରମ କରିବାକୁ ପସନ୍ଦ କରୁଛନ୍ତି । କିନ୍ତୁ ଖାଦ୍ୟରେ ପ୍ରଚୁର ମାତ୍ରାରେ କ୍ଷୀର, ଦହି, ମାଂସ, ମାଛ, ଅଣ୍ଡା, ଆଳୁ, ଚିନି ଓ ଭାତ ସାମିଲ କରୁଛନ୍ତି । ଏହାଦ୍ୱାରା ସେମାନଙ୍କର ଠାରେ ସୁଗାର ସ୍ତର ବୃଦ୍ଧି ହେଉଛି । ସେମାନଙ୍କୁ ଡାଇବେଟିସ୍ ପରି ସାଂଘାତିକ ରୋଗ ହେଉଛି । ଏବେ ଆକ୍ୟୁପ୍ରେସର ମାଧ୍ୟମରେ ଚିକିତ୍ସା କରୁଛନ୍ତି । ସୁଗାରର ସ୍ତର ବୃଦ୍ଧି ହେଲେ ମୁଖ୍ୟତଃ ଆଙ୍ଗୁଠି, ଗୋଇଠି, ମୁହଁ, ଗୋଡ ଦୁର୍ବଳ ହୋଇଯାଏ । ଏହି ଅଂଶଗୁଡିକ ସର୍ବଦା ଦରଜ ରହେ । ଏହି ସ୍ଥାନ ଗୁଡିକରେ ଆକ୍ୟୁପ୍ରେସର କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଆକ୍ୟୁପ୍ରେସର ପ୍ରୟୋଗ କରିବା ଦ୍ୱାରା ନିଷ୍କ୍ରିୟ ହୋଇ ଯାଇଥିବା ଅଙ୍ଗ ଗୁଡିକ ସକ୍ରିୟ ହୋଇପାରିବ । ଅଙ୍ଗଗୁଡିକ ସକ୍ରିୟ ହୋଇ କାମ କରିବା ଦ୍ୱାରା ଡାଇବେଟିସ୍ ରୋଗୀର ସୁଗାର ସ୍ତର ତଳକୁ ଖସି ଆସେ । ଦରଜ ହୋଇଥିବା ସ୍ଥାନରେ ଆକ୍ୟୁପ୍ରେସର କରନ୍ତୁ । ବିଶେଷଜ୍ଞଙ୍କଠୁ ଟ୍ରେନିଂ ନେଇ ଆକ୍ୟୁପ୍ରେସର ପ୍ରୟୋଗ କଲେ ଗୋଟିଏ ମାସ ଭିତରେ ସୁଗାର ସ୍ତର ଉପରେ ନିୟନ୍ତ୍ରଣ ଆଣିପାରିବେ ।

# ମୋଟାପଣ ହ୍ରାସ କରିବ ହ୍ୱାଇଟ୍ ଟି

ମୋଟାପଣ ଓ କୋଲେଷ୍ଟୋରଲ ବୃଦ୍ଧିକୁ ନେଇ ଚିନ୍ତିତ ଥିବା ବ୍ୟକ୍ତିଙ୍କ ପାଇଁ ଆସିଛି ନୂଆ ଫର୍ମୁଲା । ହ୍ୱାଇଟ୍ ଟି । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ସୁନ୍ଦର, ସତେଜ ରଖିବା ସହ ବିଭିନ୍ନ ପ୍ରକାର ରୋଗରୁ ମଧ୍ୟ ମୁକ୍ତ ରଖିବ । ଏବେ



ମନରେ ପ୍ରଶ୍ନ ଉଠୁଥିବ ହ୍ୱାଇଟ୍ ଟି' ପ୍ରକୃତରେ କ'ଣ ? ଗ୍ରୀନଟି ଉତ୍ପାଦନ ହେଉଥିବା ଗଛରୁ ହିଁ ହ୍ୱାଇଟ୍ ଟି' ଆସିଥାଏ । କିନ୍ତୁ ଗ୍ରୀନ ଟି ତୁଳନାରେ ହ୍ୱାଇଟ ଟି ବିଶେଷଭାବେ ଲାଭଦାୟକ । ଏହା ଚାରୋଟି ନମୁନାରେ ଉପଲବ୍ଧ ହୋଇଥାଏ, ସିଲୋନ, ଆଫ୍ରିକାନ, ଦାର୍ଜିଲିଙ୍ଗ ଏବଂ ଆସାମ । ଏହି ଚା' ଦୁର୍ଲଭ ହେବା ସାଙ୍ଗକୁ ମହଙ୍ଗା ମଧ୍ୟ । ଏଥିରୁ ପ୍ରଚୁର ପରିମାଣରେ ଆଣ୍ଟି ଅକ୍ସିହାଣ୍ଟ ତତ୍ତ୍ୱ ରହିଛି, ଯାହା କୋଲେଷ୍ଟୋରଲକୁ କମ କରିବାରେ ସହାୟକ ହୋଇଥାଏ । ଏହାସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା, କ୍ୟାନ୍ସର, କେଶ ଝଡ଼ିବା ସମସ୍ୟାରୁ ମୁକ୍ତି, ରୂପି ହ୍ରାସ ଏବଂ ରକ୍ତ ପ୍ରବାହ ଉତ୍ତମ ହୋଇଥାଏ । ଅନ୍ୟ ଚା' ତୁଳନାରେ ହ୍ୱାଇଟ ଟି'ର କମ୍ ମାତ୍ରାର କେଫିନ୍ ଥାଏ । ତେବେ ଏହାର ସେବନ ପୂର୍ବରୁ ବିଶେଷକରି ଗର୍ଭବତୀ ମହିଳାଙ୍କ ଡାକ୍ତରଙ୍କ ସହ ପରାମର୍ଶ କରିନେବା ଉଚିତ୍ ।

# କ୍ଷତିକାରକ ବିଳମ୍ବିତ ରାତ୍ରିର ଭୋଜନ



ବିଳମ୍ବିତ ରାତ୍ରୀରେ ଭୋଜନ କରିବାକୁ ଅନେକ ସ୍ୱାସ୍ଥ୍ୟବିତମାନେ ବାରଣ କରିଥାନ୍ତି । କାରଣ ଏହାଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଯାଇଥାଏ । ଏହାଦ୍ୱାରା ଶରୀରରେ ବିଭିନ୍ନ ଉପକାରୀ ରସ କ୍ଷରଣ ହେବାକୁ ଲାଗିଥାଏ । ଏହା ସହିତ ରକ୍ତଚାପ ବଢ଼ିବା, ମସ୍ତିଷ୍କ ଓ ହୃଦଘାତ ହେବାର ଆଶଙ୍କା ବି ବଢ଼ିଯାଇଥାଏ । ରାତ୍ରୀ ଭୋଜନର ଦୁଇ ଘଣ୍ଟା ମଧ୍ୟରେ ଶୋଇ ପଡୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଏହି ଆଶଙ୍କା ପଚିଶ ପ୍ରତିଶତ ଅଧିକ ରହିଥାଏ । ତେବେ ବିଳମ୍ବିତ ରାତ୍ରି ଭୋଜନର ଅସୁବିଧାକୁ ଦର୍ଶାଇଛନ୍ତି ତୁର୍କି ବିଶ୍ୱବିଦ୍ୟାଳୟର ହୃଦରୋଗ ବିଶେଷଜ୍ଞମାନେ । ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ । ଯେଉଁଥିରେ ସେମାନେ ସାତଶହ ମହିଳା- ପୁରୁଷଙ୍କୁ ନେଇ ଏକ ଗବେଷଣା କରିଥିଲେ । ଗବେଷଣାରୁ ଏମାନେ ମତ ଦେଇଥିଲେ ଯେ ସନ୍ଧ୍ୟା ୭ଟାରେ ରାତ୍ରି ଭୋଜନ ହିଁ ଉପଯୁକ୍ତ ସମୟ ଏବଂ ଏହାର ଦୁଇଘଣ୍ଟା ପରେ ଶୋଇବା ଉଚିତ୍ । ଏପରି କରିବା ଦ୍ୱାରା ଚାପ ବୃଦ୍ଧିକାରୀ ହର୍ମୋନ ସନ୍ତୁଳିତ ହୁଏ, ମେଦ କମେ ନାହିଁ, ସ୍ୱାସ୍ଥ୍ୟ ଠିକ୍ ରହେ । ସେହିପରି, ନିୟମିତ ପ୍ରାତଃ ଭୋଜନକୁ ଗୁରୁତ୍ୱ ଦେଲେ ରକ୍ତଚାପ ସମସ୍ୟା କମେ ।

# ଖାଦ୍ୟନଷ୍ଟ ରୋକିବା ଲାଗି ସଚେତନତା ଯାତ୍ରା

ଆମ ଦେଶରେ ଅନେକ ଅତି ଗରିବ ଶ୍ରେଣୀର ଲୋକ ଖାଇବାକୁ ପାଉ ନ ଥିବା ବେଳେ, ପ୍ରତିଦିନ କେତେ ପରିମାଣରେ ଖାଦ୍ୟ ନଷ୍ଟ ହେଉଛି, ଏହାର ହିସାବ କିଏ ରଖିଛି ? ତେବେ, ଏହା ନିଶ୍ଚିତ ବହୁତ ପରିମାଣରେ ଖାଦ୍ୟ ନଷ୍ଟ ହେଉଛି । ଏହାକୁ ରୋକିବା ସହ ଏ ବାବଦରେ ସଚେତନତା ସୃଷ୍ଟି କରିବା ଲାଗି ପଦଯାତ୍ରା କରୁଛନ୍ତି, କନ୍ୟାକୁମାରୀ ପଚିଶ ବର୍ଷ ବୟସ୍କ ବିଟେକ୍ ଛାତ୍ର ନିଗୀନ ବୀନୀଶ । ଏକ ଧୀବର ଗ୍ରାମରେ ତାଙ୍କର ଜନ୍ମ । ଖାଦ୍ୟାଭାବ କ'ଣ, ସେ ଶୈଶବରୁ ଭଲ ଭାବେ ଜାଣିଛନ୍ତି । ଗତ ବର୍ଷ ଅଗଷ୍ଟରେ ସେ କୋୟଂବତୁରରୁ ନିଜର କଷ୍ଟସାଧ ପଦଯାତ୍ରା ଆରମ୍ଭ କରିଥିଲେ । ଇତି ମଧ୍ୟରେ କୋଡ଼ିଏଟି ବଡ଼ ବଡ଼ ମହାନଗରୀରେ ତାଙ୍କର ପାଦ ପଡ଼ିସାରିଲାଣି । ଅତିକ୍ରମ କଲେଣି ୧୮୦୦ କିଲୋମିଟର ପଥ । ଯାତ୍ରାରମ୍ଭର ୧୩୬ଦିନ ପରେ ପହଞ୍ଚିଥିଲେ ନୂଆଦିଲ୍ଲୀରେ । ଏବେ ଜାମ୍ମୁ-କାଶ୍ମୀର ଆଡ଼କୁ ଅଗ୍ରସର ହେଉଛନ୍ତି । ସାଙ୍ଗରେ ଉଡ଼ନ୍ତା ତିରଙ୍ଗା ଏବଂ ନିତ୍ୟ-ଆବଶ୍ୟକୀୟ ଜିନିଷ-ପତ୍ର । ପଥ ମଧ୍ୟରେ ସେ ଶ୍ରଦ୍ଧା-ଆଦର, ଖାଦ୍ୟ-ଆଶ୍ରୟ ପାଉଛନ୍ତି । ତାଙ୍କର ଏହି ରୋମାଞ୍ଚକର ଅଭିଯାନ ଦ୍ୱାରା ଲୋକେ ସଚେତନ ହେବେ ବୋଲି ନଗୀଶ ବିଶ୍ୱାସ କରନ୍ତି ।

# ସୂର୍ଯ୍ୟାଲୋକ ପ୍ରଜନନ କ୍ଷମତା କମାଏ

ଅତ୍ୟଧିକ ସୂର୍ଯ୍ୟାଲୋକ ସ୍ୱାସ୍ଥ୍ୟ ପାଇଁ ଅହିତକର । ଏହା ଦ୍ୱାରା ନାନା ରୋଗ, ଏପରିକି କର୍କଟର ଆଶଙ୍କା ମଧ୍ୟ ବଢ଼ିଥାଏ । ଏଥିରେ ଥିବା ଅତି ବାଇଗଣୀ ରଶ୍ମି ମଣିଷର ପ୍ରଜନନ କ୍ଷମତା ନଷ୍ଟ କରିପାରେ । ଏହାର କୁ ପ୍ରଭାବରେ ଶରୀରରୁ ଭିଟାମିନ ବି ୯ ପରିମାଣ କମିଯାଏ । ଏହି ଭିଟାମିନ ମହିଳାଙ୍କ ପାଇଁ ଅତ୍ୟନ୍ତ ଜରୁରୀ । ଶରୀରରେ ବି ୯ ଭିଟାମିନର ପରିମାଣ କମିଲେ, ମହିଳାଙ୍କ ପ୍ରଜନନ କ୍ଷମତା ହ୍ରାସ ପାଏ । ଅଳ୍ପାୟୁ ଶିଶୁ ଜନ୍ମ ହୁଅନ୍ତି । ନରଓ୍ୱେର ସ୍ୱାସ୍ଥ୍ୟ ଗବେଷକମାନେ ନଅ ହଜାର ଲୋକଙ୍କ ପାରିବାରିକ ବିବରଣୀ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଖରାରେ କାମ କରୁଥିବା ଶ୍ରମିକ ଶ୍ରେଣୀର ଲୋକେ ଅଧିକ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସୁଥିବାରୁ ସେମାନଙ୍କର ଆୟୁ କମ ବୋଲି ଏହି ଅଧ୍ୟୟନରରୁ ସ୍ପଷ୍ଟ ହୋଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମମତାଙ୍କ ମମତ୍ୱ...

ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ଦେଶର ଗଣମାଧ୍ୟମମାନଙ୍କରେ ଯେତିକି ଗୁରୁତ୍ୱର ସହିତ ଆଲୋଚିତ ହୋଇଛି, ଅନ୍ୟ କୌଣସି ରାଜ୍ୟର ଗ୍ରାମାଞ୍ଚଳ ନିର୍ବାଚନ କ୍ୱଚିତ୍ ସେତିକି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏମିତିରେ ତ ରାଜନୀତି ଦୃଷ୍ଟିରୁ ପଶ୍ଚିମବଙ୍ଗ ସାରା ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ଭାବରେ ବିବେଚିତ ହୋଇଥାଏ । ତେବେ ପଞ୍ଚାୟତ ନିର୍ବାଚନରେ ଏହି ରାଜ୍ୟ ବେଶୀ ଚର୍ଚ୍ଚାକୁ ଆସିଛି ବ୍ୟାପକ ପରିମାଣରେ ଭୋଟ୍ ଟାମ୍ପରିଂ ଅଭିଯୋଗ ଏବଂ ପ୍ରାକ୍ ଓ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡଗୁଡ଼ିକ ଯୋଗୁଁ, ଯେଉଁଥିରେ ନିହାତି କମ୍‌ରେ ଚାଳିଶ ଜଣ ପ୍ରାଣ ହରାଇଛନ୍ତି; ଶତାଧିକ ହୋଇଛନ୍ତି ଆହତ। ଗତ ସପ୍ତାହରେ ଶେଷ ହୋଇଥିବା ଶେଷ ମତଦାନର ଗଣତି ଏ ପର୍ଯ୍ୟନ୍ତ ହୋଇନାହିଁ । ତା' ସତ୍ତ୍ୱେ ତୃଣମୂଳ କଂଗ୍ରେସ (ଟିଏମ୍‌)ର ସମର୍ଥକ ଭାବରେ ପ୍ରଭୂତ ପରିମାଣର ବଙ୍ଗଳା ଭୋଟର ରହିଥିବାକୁ ଏହି ନିର୍ବାଚନ ଦର୍ଶାଇଛି। ବହୁ-ମୁଣ୍ଡିଆ ବିରୋଧୀମାନେ ବାସ୍ତବରେ ଦୀର୍ଘ ବାର ବର୍ଷ ଧରି ଶାସନ କରି ଆସୁଥିବା ଏହି ଦଳ ଦ୍ୱାରା ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନକୁ ଠେଲି ହୋଇ ଯାଇଛନ୍ତି । ପଞ୍ଚାୟତର ସମସ୍ତ ତିନିଗୋଟିଯାକ ସ୍ତର- ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତଗୁଡ଼ିକରେ ଟିଏମ୍‌ସି ପ୍ରାୟତଃ ଦୁଇ-ତୃତୀୟାଂଶ ଆସନ ହାତେଇଛି । ବିଜେପି ହାରାହାରି ୧୦ ପ୍ରତିଶତ ଆସନ ଲାଭ କରିଥିବା ବେଳେ ସିପିଆଇ (ଏମ୍)- କଂଗ୍ରେସ ମିଳିତ ଭାବେ ତା'ଠୁ ମଧ୍ୟ କମ୍ ପାଇଛନ୍ତି । ଏକଥା ସତ ଯେ ଟିଏମ୍‌ସି ୨୦୧୮ ଭଳି ସମସ୍ତ ତିନିଗୋଟିଯାକ ସ୍ତରରେ ଏକାକୀ ବାଜିମାତ୍ କରିବା ପରି ଚଳିତ ଥର ବିପୁଳ ବିଜୟ ହାସଲ କରିପାରି ନାହିଁ, କିନ୍ତୁ ଏଥର ଏହା ନିଜର ଶତ୍ରୁମାନଙ୍କଠାରୁ ଭୋଟ୍ ଏବଂ ଆସନ କ୍ଷେତ୍ରରେ ଏକ ସ୍ୱଚ୍ଛନ୍ଦ ସ୍ଥିତିରେ ରହିଛି ଯାହାକି ନିର୍ବାଚନ ପରବର୍ତ୍ତୀ ଅବସ୍ଥାରେ ଯଥେଷ୍ଟ ମହତ୍ତ୍ୱ ରଖୁଥାଏ। ଏଥରର ପଞ୍ଚାୟତ ନିର୍ବାଚନରେ ରାଜ୍ୟରେ ଅନ୍ୟ ଏକ କ୍ଷେତ୍ରରେ ଉନ୍ନତି ଘଟିଥିବା ମଧ୍ୟ ଦେଖିବାକୁ ମିଳିଛି- ୨୦୧୮ରେ ୩୪ ପ୍ରତିଶତ ଆସନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହୋଇଥିବା ବେଳେ ଏଥର ମାତ୍ର ପାଖାପାଖି ୧୦ ପ୍ରତିଶତ ଆସନରେ ତାହା ଦେଖିବାକୁ ମିଳିଛି । ସେ ଯାହାହେଉ, ଟିଏମ୍‌ସିର ଏହି ସଫଳତା ରାଜ୍ୟର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀଙ୍କର ଅଖଣ୍ଡ ଲୋକପ୍ରିୟତା ଏବଂ ତାଙ୍କ ସରକାର ସାଧାରଣ ଲୋକମାନଙ୍କ ଉନ୍ନତି କଳ୍ପେ କାର୍ଯ୍ୟକାରୀ କରିଥିବା ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକର ଗ୍ରହଣୀୟତାକୁ ଦର୍ଶାଇଛି । ଆଉ ଏହା ହୋଇଛି ତାଙ୍କ ଦଳର ବେଶ୍ କେତେକ ନେତାଙ୍କ ବିରୁଦ୍ଧରେ ଦୁର୍ନୀତି ଏବଂ ସ୍କାଣ୍ଡାଲର ଅଭିଯୋଗ ଅଣାଯିବା ପରେ। ଚଳିତ ବର୍ଷର ରାମ ନବମୀ ଅବସରରେ ଏହି ରାଜ୍ୟରେ ଯେଉଁଭଳି କାଣ୍ଡ ଘଟିଲା, ବିଜେପି ସେଥିରୁ ମଧ୍ୟ କିଛିଟା ଫାଇଦା ଉଠାଇ ଥିବା କୁହାଯାଇପାରେ । ତେବେ ଅନୈତିକ ଉପାୟରେ ରାଜନେତାମାନେ ଯେପରି ପରିସ୍ଥିତିରୁ କୌଣସି ପ୍ରକାରର ଫାଇଦା ଉଠାଇ ନ ପାରନ୍ତି, ତାକୁ ଭଣ୍ଡୁର କରିବା ପଶ୍ଚିମବଙ୍ଗର ଲୋକମାନଙ୍କ ଉପରେ ନିର୍ଭର କରେ । ଅପର ପକ୍ଷରେ, ୨୦୧୧ ବିଧାନସଭା ନିର୍ବାଚନରେ ଶକ୍ତ ଆଘାତ ପାଇଥିବା ସିପିଆଇ (ଏମ୍)-ନେତୃତ୍ୱାଧୀନ ବାମପନ୍ଥୀ ସାମ୍ମୁଖ୍ୟ କେତେକାଂଶରେ ତା'ର ସ୍ଥିତିକୁ ଫେରି ପାଇଥିବା ବେଳେ ଏହାର ମିତ୍ର ଦଳ କଂଗ୍ରେସ ବିରୋଧୀମାନଙ୍କ ନିମନ୍ତେ ସମ୍ପ୍ରସାରିତ ହେଉଥିବା ସ୍ଥାନରୁ କିଛି ଦଖଲ କରିବାରେ ଏଯାବତ୍ ସମର୍ଥ ହୋଇନାହିଁ । ଏସବୁ ଦୃଷ୍ଟିରୁ ତେଣୁ କୁହାଯାଇପାରେ ଯେ ପଶ୍ଚିମବଙ୍ଗର ପଞ୍ଚାୟତ ନିର୍ବାଚନ ଏକ ଉତ୍ତମ ରାଜନୀତିକ ଲଢ଼େଇକୁ ପ୍ରତ୍ୟକ୍ଷ କରିଛି । ତେବେ ଏସବୁ ୨୦୨୪ ଲୋକସଭା ନିର୍ବାଚନ ପାଇଁ କେଉଁ ବର୍ଷା ଦେଉଛି, ବିଶେଷକରି ପଶ୍ଚିମବଙ୍ଗର ମୋଟ ଲୋକସଭା ଆସନ ୪୨ ହୋଇଥିବା ଦୃଷ୍ଟିରୁ ? ଏହା ଏକ ସ୍ୱାଭାବିକ କଥା- ଯେ କୌଣସି ରାଜ୍ୟର ଶାସକ ଦଳ ସେହି ରାଜ୍ୟର ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିବା ନିମନ୍ତେ ଅନେକାଂଶରେ ସୁବିଧା ପାଇଥାନ୍ତି । କିନ୍ତୁ ଇତିହାସ ସାକ୍ଷୀ, ପଶ୍ଚିମବଙ୍ଗର ପଞ୍ଚାୟତ ନିର୍ବାଚନ ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ କିଛି ମିଶ୍ରିତ ବାର୍ତ୍ତା ପ୍ରଦାନ କରିଥାଏ। ୨୦୧୧ରେ ଯେଉଁ ବାମପନ୍ଥୀ-ବିରୋଧୀ ହାୱା ସିପିଏମ୍‌କୁ ରାଜ୍ୟରେ କ୍ଷମତାରୁ ଅପସାରିତ କରିଥିଲା, ତାହା ପ୍ରଥମେ ଦେଖା ଯାଇଥିଲା ୨୦୦୮ ପଞ୍ଚାୟତ ନିର୍ବାଚନରେ ଟିଏମସିର ପ୍ରଦର୍ଶନରେ । ତେବେ ସୁଶ୍ରୀ ମମତା ଏକଥା ମଧ୍ୟ ମନେ ରଖିଥିବେ ଯେ ୨୦୧୮ ପଞ୍ଚାୟତ ନିର୍ବାଚନରେ ବିପୁଳ ବିଜୟ ସତ୍ତ୍ୱେ ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ରାଜ୍ୟରେ ୧୮ଟି ଆସନ ଅକ୍ତିଆର କରିଥିଲା । ଆଜିକା ଦିନରେ ବିଜେପି ଅବଶ୍ୟ ଦ୍ୱିତୀୟ ସ୍ଥାନରେ ରହିଛି । କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କହିବା ସହଜ ନୁହେଁ ଯେ ୨୦୨୪ ଲୋକସଭା ନିର୍ବାଚନରେ ଏହା ପଶ୍ଚିମବଙ୍ଗର ସମସ୍ତଙ୍କୁ ସାଙ୍ଗରେ ନେଇ ପାରିବ କି ସୁଖୀ ମମତାଙ୍କ ମମତ୍ୱର ପଲା ଭାରି ରହିବ।

## ଶ୍ରାବଣରେ ଶିବ

### ଡକ୍ଟର ରାଜକିଶୋର ମିଶ୍ର



ବହୁ ପ୍ରାଚୀନ କାଳରୁ ପୁଣ୍ୟଭୂମି ଉତ୍କଳ ଧର୍ମ ସଂସ୍କୃତିର ମହାସଙ୍ଗମ ତଥା ସମନ୍ୱୟସ୍ଥଳ ଭାବରେ ସୁପ୍ରସିଦ୍ଧ। ଓଡ଼ିଶାର ଧର୍ମଧାରଣା, ସାମାଜିକ ପ୍ରକ୍ରିୟା, କଳା ଓ ସଂସ୍କୃତି ଅତୀବ ବିସ୍ମୟକର। ଧର୍ମଦୃଷ୍ଟିରୁ ଓଡ଼ିଶାକୁ ୫ ଭାଗରେ ବିଭକ୍ତ କରାଯାଇପାରେ। ବିଭିନ୍ନ ସମୟରେ ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଓ ସୌର ଉପାସନା ପୁଣ୍ୟଭୂମି ଉତ୍କଳର ଧାର୍ମିକ ପରମ୍ପରାକୁ ଶୀର୍ଷକୁ ନେଇଥିବାର ପ୍ରମାଣ ରହିଛି। ଆଲୋଚ୍ୟ ଶୈବଧର୍ମ ଆର୍ଯ୍ୟ ସ ଅନାର୍ଯ୍ୟ ସଂସ୍କୃତିର ମିଳନରେ ସୃଷ୍ଟି ବୋଲି ଗବେଷକମାନଙ୍କର ଦୃଢ଼ମତ। ଶୈବଧର୍ମ ଓଡ଼ିଶାର ପ୍ରାଚୀନ ଧର୍ମ ଭାବରେ ବିବେଚିତ। ଶୈବ ଧର୍ମାବଲମ୍ବୀମାନଙ୍କର ଉତ୍କଳ ହିଁ ହେଉଛି ଅତୀବ ପ୍ରାଚୀନ ତଥା ମୁଖ୍ୟ ଉପାସନା କ୍ଷେତ୍ର। ଶୈବଧର୍ମ ଓଡ଼ିଶାର ଅତ୍ୟନ୍ତ ପ୍ରାଚୀନ ଓ ଲୋକପ୍ରିୟ ହୋଇଥିବାର ପ୍ରମାଣ ଓଡ଼ିଶାର କୋଣଅନୁକୋଣରେ ପ୍ରତିଷ୍ଠିତ ଶିବମନ୍ଦିରମାନଙ୍କରୁ ହିଁ ମିଳିଥାଏ। କୁଶାଣ ରାଜତ୍ୱ କାଳ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଶିବପୂଜା ଓଡ଼ିଶାର ଏକ ସ୍ୱତନ୍ତ୍ର ଧର୍ମ ଭାବରେ ପ୍ରସିଦ୍ଧି ଲାଭ କରିଥିଲା। ଗଞ୍ଜାମର ମୁଖଲିଙ୍ଗ ଠାରେ ପ୍ରାଚୀନ କାଳରେ କଳିଙ୍ଗର ରାଜଧାନୀ ପ୍ରତିଷ୍ଠା ହୋଇଥିବା ସମୟରେ ମଧୁକେଶ୍ୱର ନାମରେ ଏକ ଶିବଲିଙ୍ଗ ସ୍ଥାପିତ ହୋଇଥିଲେ। ଏହି ମଧୁକେଶ୍ୱର ହେଉଛନ୍ତି ଶବର ପୂଜିତ ଶିବଲିଙ୍ଗ। ସ୍କନ୍ଧ ପୁରାଣରେ ବର୍ଣ୍ଣିତ ଆଖ୍ୟାନରୁ ଜଣାଯାଏ, କଳିଙ୍ଗର ଏକ ନିବିଡ଼ ଅରଣ୍ୟରେ ପ୍ରାଚୀନ କାଳରେ ବାସ କରୁଥିଲେ ଜଣେ ଶବର ନେତା। ତାଙ୍କ କୁଟିର ନିକଟରେ ଥିବା ଏକ ମଧୁକ ବୃକ୍ଷମୂଳରୁ ଲିଙ୍ଗାକୃତି ପ୍ରସ୍ତରପ୍ରାପ୍ତ ହେଲେ। ତତ୍କାଳୀନ କଳିଙ୍ଗ ରାଜା କାମାର୍ଣ୍ଣବ ଦେବ ଗୋଟିଏ ମନ୍ଦିର ନିର୍ମାଣ କରି ଶୈବରୀତିରେ ସେହି ଲିଙ୍ଗକୁ ସ୍ଥାପନ କରି ତାଙ୍କର ନାମ ରଖିଲେ ମଧୁକେଶ୍ୱର। ବର୍ତ୍ତମାନ ସୁଦ୍ଧା ସେହି ଲିଙ୍ଗପୂଜା ପାଉଛନ୍ତି ମଧୁକେଶ୍ୱର ନାମରେ।

ଓଡ଼ିଶାରେ ଶୈବଧର୍ମର ଦୁଇ ମୁଖ୍ୟ ସମ୍ପ୍ରଦାୟ ଯଥା ପାଶୁପତ ଓ ମଞ୍ଜମୟୁର ଖ୍ରୀଷ୍ଟୀୟ ପ୍ରଥମ ଦ୍ୱିତୀୟ ଶତକରେ ନକୁଳୀଶ ବା ଲକୁଳୀଶଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ଖ୍ରୀଷ୍ଟୀୟ ତୃତୀୟ ଚତୁର୍ଥ ଶତକ ସୁଦ୍ଧା ଓଡ଼ିଶାର କେନ୍ଦୁଝର ଅଞ୍ଚଳରେ ଶିବପୂଜା ବହୁଳଭାବରେ ପ୍ରଚଳିତ ଥିବା ଆସନପାଟରୁ ଆବିଷ୍କୃତ ବିଗ୍ରହରୁ ଜଣାଯାଏ। ଦଶମ ଶତାବ୍ଦୀରୁ ଉତ୍କଳରେ ଶୈବଧର୍ମ ଇତିହାସରେ ନବ ଯୁଗର ସୂତ୍ରପାତ ହେଲା। ରାଜାମାନଙ୍କ ପୃଷ୍ଠପୋଷକତାରେ ଓଡ଼ିଶା ଧର୍ମ ଓ ସଂସ୍କୃତି କ୍ଷେତ୍ରରେ ହେଲା ଅଗ୍ରସର। ସମଗ୍ର ଉତ୍କଳର ପୁରପଲ୍ଲୀରେ ଶତ ଶତ ଶିବ ମନ୍ଦିର ପ୍ରତିଷ୍ଠିତ ହେଲା। ଭୁବନେଶ୍ୱରରେ ପ୍ରଥମ ଯଯାତି ମୁକ୍ତେଶ୍ୱର ମନ୍ଦିର ନିର୍ମାଣ କରି ନିଜର ସ୍ୱପ୍ନ ସାର୍ଥକ କଲେ। ଦ୍ୱିତୀୟ ଯଯାତି ଓ ତାଙ୍କ ପୁତ୍ର ଉଦ୍ୟୋତ କେଶରୀ ଭୁବନେଶ୍ୱର ଠାରେ ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିର ନିର୍ମାଣ କରି ଚିରଦିନ ପାଇଁ ଅକ୍ଷୟକୀର୍ତ୍ତି ଅର୍ଜନ କଲେ। କେନ୍ଦୁଝର ଜିଲ୍ଲାର ଦେଓଗାଁସ୍ଥିତ କୁଶଳେଶ୍ୱର ଶିବ ମନ୍ଦିର ଏହି ସମୟରେ ଯଯାତିକେଶରୀଙ୍କ ଦ୍ୱାରା ନିର୍ମିତ ବୋଲି ଜନଶ୍ରୁତି ରହିଛି। କେବଳ ସେତିକି ନୁହେଁ ଯାଜପୁର, ବାଣପୁର, ପୁରୀ ଓ ପ୍ରାଚୀ ନଦୀ ଅବବାହିକାରେ ମଧ୍ୟ ସୋମବଂଶୀ ରାଜାମାନେ ଅସଂଖ୍ୟ ଶିବମନ୍ଦିର ନିର୍ମାଣ କରିଥିବାର ପ୍ରମାଣ ରହିଛି। ଏହି ସମୟରେ ଶିବଙ୍କ ନାମ ସହିତ ବହୁଳଭାବରେ ଈଶ୍ୱର ନାମ ସଂଯୁକ୍ତ କରାଯାଇଥିବା ଜଣାପଡ଼େ। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର, କପିଳେଶ୍ୱର, ମୁକ୍ତେଶ୍ୱର, ଗୁପ୍ତେଶ୍ୱର, ଧବଳେଶ୍ୱର, କପୋତେଶ୍ୱର, ବେଲେଶ୍ୱର, ଜଳେଶ୍ୱର ଓ ଚନ୍ଦନେଶ୍ୱର ନାମ ପ୍ରଣିଧାନଯୋଗ୍ୟ। ଓଡ଼ିଶାର ପ୍ରମୁଖ ଧବଳେଶ୍ୱର ମନ୍ଦିର ଦଶମ ଏକାଦଶ ଶତାବ୍ଦୀର ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ ମତବ୍ୟକ୍ତ କରନ୍ତି। ଓଡ଼ିଶାରେ ବୌଦ୍ଧଧର୍ମର ଉଦ୍ଭବ ଓ ବିକାଶ କ୍ଷେତ୍ରରେ ଶ୍ରୀଧବଳେଶ୍ୱର ପୀଠର ସ୍ୱତନ୍ତ୍ର ଭୂମିକା ସ୍ୱୀକାର୍ଯ୍ୟ। ଓଡ଼ିଶାର ଅନ୍ୟତମ ଶୈବପୀଠ କପିଳାସ। ଏଠାରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ମନ୍ଦିରଟି ପୁରୀର ଗଜପତି ରାଜା ପ୍ରଥମ ନରସିଂହ ଦେବ ୧୨୫୨ - ୧୨୫୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରିଥିବା ଜଣାଯାଏ। କପିଳାସ ନିକଟବର୍ତ୍ତୀ ନାଗନାଠାରେ ଓଡ଼ିଶାର ଶୈବରାଜାମାନେ ଏକ ଶୈବ ମନ୍ଦିର ନିର୍ମାଣ କରିଥିଲେ। କାରଣ ଏଠାରେ ବ୍ରାହ୍ମଣୀ ନଦୀ ଉତ୍ତରବାହିନୀ, ଏଠାରେ ସ୍ଥାପିତ ଶିବଙ୍କୁ ନାଗନାଥ ବୋଲି କୁହାଯାଏ। ଗବେଷକମାନଙ୍କ ମତରେ ନାଗନାର ଏହି ନାଗନାଥ ମୂର୍ତ୍ତିଟି କାଶୀ ବିଶ୍ୱନାଥଙ୍କ ସମସାମୟିକ, ପ୍ରାଚୀନ କାଳରେ ଏଠାରେ ଦାରୁକବନ ନାମରେ ଏକ ଅରଣ୍ୟ ଥିଲା। ଓଡ଼ିଶାର ଏହି ନାଗନାଥ ମନ୍ଦିର ବହୁ ପ୍ରାଚୀନ ଶୈବପୀଠ ଭାବରେ ଖ୍ୟାତ। ଏଠାରେ ସେହି ସମୟରେ ଅନ୍ନଭୋଗ ହେଉଥିଲା। ଖଜା, ପିଠା, ଡାଲି, ଅନ୍ନ, ଖିରି, ଖେଚେଡ଼ି, ନାଗନାଥଙ୍କଠାରେ ଲାଗି ହେଉଥିଲା। ଏହାକୁ କୁହାଯାଉଥିଲା ନିର୍ମାଲ୍ୟ। ଶାସକ ରାଜାମାନଙ୍କ ପୃଷ୍ଠପୋଷକତାରେ ଶୈବଧର୍ମ ଉପରୋକ୍ତ ସମୟରେ ପ୍ରାଧାନ୍ୟ ଲାଭ କରିଥିଲେ ହେଁ ଅନ୍ୟ ଧର୍ମଗୁଡ଼ିକର ବିଲୁପ୍ତି ସାଧନ ହୋଇନଥିଲା। କେଶରୀ ବଂଶୀୟ ରାଜାମାନେ ଥିଲେ ଶିବ ଉପାସକ। ତଥାପି ଯଯାତି ଜଗନ୍ନାଥ ମନ୍ଦିର ନିର୍ମାଣ ଓ ଏହାର ପୂଜା ପଦ୍ଧତି ଅନୁସରଣ କରିବା ସହ ଅନ୍ୟ ଦେବଦେବୀମାନଙ୍କର ଉପାସନା ପ୍ରତି ଗୁରୁତ୍ୱ ଦେଉଥିଲେ। ସ୍ଥୂଳତଃ ଏହି ସମୟରେ ଶୈବ, ଶାକ୍ତ, ବୈଷ୍ଣବ, ଜୈନ ଓ ବୌଦ୍ଧ ଆଦି ସଂପ୍ରଦାୟ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ସଦ୍‌ଭାବ ଓ ଭ୍ରାତୃଭାବ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ଶୈବଧର୍ମର ପ୍ରଭାବ ଥିଲା ବହୁ ଉଚ୍ଚରେ। ଏହି ରାଜାମାନଙ୍କ ରାଜୁତି କାଳରେ ଭୁବନେଶ୍ୱରର ଗୌରୀ ମନ୍ଦିର ଓ ପୁରୀର ମାର୍କଣ୍ଡେଶ୍ୱର ପୁଷ୍କରିଣୀ ନିକଟସ୍ଥ ସପ୍ତମାତୃକା ପ୍ରତିଷ୍ଠା ହୋଇଥିଲେ। ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରାଚୀନତା ଭୌମକରବଂଶ, ସୋମବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶୀ ଗଜପତିମାନଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ଏହି ଶାସକମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ନିର୍ମାଣ କରାଇଥିବା ଶିବ ମନ୍ଦିରଗୁଡ଼ିକ ଏହାର ପ୍ରମାଣ ବହନ କରନ୍ତି। ଓଡ଼ିଶାର ବହୁ ପ୍ରମୁଖ ଶିବ ମନ୍ଦିର ବା ଶୈବପୀଠ ମାନଙ୍କ ମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ, କଟକ ଜିଲ୍ଲା ଆଠଗଡ଼ର ଶ୍ରୀ ଧବଳେଶ୍ୱର, ଢ଼େଙ୍କାନାଳର କପିଳାସ, ଭଦ୍ରକର ଆରଡ଼ି, କୋରାପୁଟର ଗୁପ୍ତେଶ୍ୱର ଓ ଶ୍ରୀକ୍ଷେତ୍ରସ୍ଥିତ ବିଭିନ୍ନ ଶିବ ମନ୍ଦିର ଆଦି ଅନ୍ୟତମ। ଏହିସବୁ ଶୈବପୀଠର କାହାଣୀ କିମ୍ବଦନ୍ତୀ ଅତ୍ୟନ୍ତ ରୋଚକ ଓ ମନମୁଗ୍ଧକର। ଭୁବନେଶ୍ୱର ଲିଙ୍ଗରାଜଙ୍କ ଅନ୍ୟନାମ ତ୍ରିଭୁବନେଶ୍ୱରର ସଂକ୍ଷିପ୍ତ ନାମ। ଏହାକୁ ଗୁପ୍ତକାଶୀ ବୋଲି କୁହାଯାଏ।

କଥିତ ଅଛି। ଏକାମ୍ର କ୍ଷେତ୍ର ଏକ ଊଣା ଲକ୍ଷେଶିବ ସ୍ଥାପିତ ହୋଇଛନ୍ତି। ସମୟକ୍ରମେ ବହୁ ମନ୍ଦିର ଧ୍ୱଂସ ପ୍ରାପ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଏଠାରେ ତ୍ରିଭୁବନେଶ୍ୱର ବା ଲିଙ୍ଗରାଜ, ମୁକ୍ତେଶ୍ୱର, ସିଦ୍ଧେଶ୍ୱର, ଇନ୍ଦ୍ରେଶ୍ୱର, ପରଶୁରାମେଶ୍ୱର, କେଦାରେଶ୍ୱର, ସ୍ୱର୍ଣ୍ଣକଳେଶ୍ୱର, ଭାସ୍କରେଶ୍ୱର, ମେଘେଶ୍ୱର, ଉତ୍ତରେଶ୍ୱର, ସୂକ୍ଷ୍ମେଶ୍ୱର, ଭରତେଶ୍ୱର, ଲକ୍ଷ୍ମଣେଶ୍ୱର, ଶତ୍ରୁଘନେଶ୍ୱର, ଶିଶିରେଶ୍ୱର, କପିଳେଶ୍ୱର, ଚକ୍ରେଶ୍ୱର, ଭୀଷ୍ମେଶ୍ୱର, ପରମେଶ୍ୱର, ବରୁଣେଶ୍ୱର ଓ ବ୍ରହ୍ମେଶ୍ୱର ଆଦି ଶିବ ମନ୍ଦିର ଅକ୍ଷତ ଅବସ୍ଥାରେ ରହିଛନ୍ତି। ଅସଂଖ୍ୟ ଶିବଲିଙ୍ଗ ମଧ୍ୟରେ ତ୍ରିଭୁବନେଶ୍ୱର ସର୍ବଶ୍ରେଷ୍ଠ ହୋଇଥିବାରୁ ତାଙ୍କୁ ଲିଙ୍ଗରାଜ ବୋଲି କୁହାଯାଏ। ଲିଙ୍ଗରାଜ ମନ୍ଦିର ଦ୍ୱିତୀୟ ଯଯାତି (୧୦୨୦-୧୦୪୦)ଙ୍କ ସମୟରୁ ଆରମ୍ଭ ହୋଇ ସୋମବଂଶୀ ରାଜା ଉଦ୍ୟୋତ କେଶରୀ (୧୦୪୦-୧୦୬୫)ଙ୍କ ସମୟରେ ପୂର୍ଣ୍ଣାଙ୍ଗପ୍ରାପ୍ତ ହୋଇଥିବା ଜଣାଯାଏ। ଭଦ୍ରକର ଆରଡ଼ିସ୍ଥିତ ଆଖଣ୍ଡଳମଣି ଶିବ ହେଉଛନ୍ତି ସ୍ୱୟମ୍ଭୁ ଲିଙ୍ଗ। ଶିବଙ୍କର ପ୍ରକାରଭେଦରେ ସ୍ୱୟମ୍ଭୁ ଲିଙ୍ଗ ବା ଜ୍ୟୋତିର୍ଲିଙ୍ଗ, ବାଣ ଲିଙ୍ଗ ଓ ଇତରଲିଙ୍ଗ। ଏଠାରେ ଆଖଣ୍ଡଳମଣିଙ୍କ ବିଶେଷତ୍ୱ ଏହା ପାଷାଣର ସର୍ବାଙ୍ଗ ଲିଙ୍ଗମୟ ଅସଂଖ୍ୟ ଲିଙ୍ଗର ସମାହାର। ଇନ୍ଦ୍ରଙ୍କ ଦ୍ୱାରା ସେ ପୂଜା ପାଇ ସୋମନାଥ ନାମ ଧାରଣ କଲେ। ସେହିପରି ଆରଡ଼ିର ମହାଦେବ ଇନ୍ଦ୍ରଙ୍କ ଦ୍ୱାରା ପୂଜାପାଇ ଆଖଣ୍ଡଳମଣି ନାମ ଧାରଣ କରିଥିବାର କିମ୍ବଦନ୍ତୀ ଶୁଣିବାକୁ ମିଳେ। ଆରଡ଼ିସ୍ଥିତ ଶିବଲିଙ୍ଗର ଉପରି ଭାଗ ଶହ ଶହ ବର୍ଷ ଘର୍ଷଣ ପରେ ବି ସେହିପରି ଅମସୃଣ ଓ ଅମଳିନ ହୋଇ ରହିଛନ୍ତି। ଅନେକଙ୍କ ମତରେ ଏହି ପଥରର କିଛି ବିଶେଷତ୍ୱ ରହିଛି। ଯାହାଫଳରେ କି ତାହା ସର୍ପର ବିଷକୁ ମଧ୍ୟ ପ୍ରଶମିତ କରୁଛି। ତେଣୁ କୁହାଯାଏ ସେହି ଘର୍ଷଣ ଓ ଚରଣୋଦକ ହିଁ ଅମୃତ। ଏଠାରେ ଲୋକମୁଖରେ ପ୍ରଚଳିତ ଅଛି - ବାବା ମଣିହେ ! ତୁମ ନାମ ଧରି ବିଷ ହୁଏ ପାଣି ହେ.. ପୁଣି ଆରଡ଼ିରେ ଗାରେଡ଼ି ନାହିଁ। କୋରାପୁଟ ଜିଲ୍ଲାର ଶୈବପୀଠ ଗୁପ୍ତେଶ୍ୱର କୌଣସି ନଗର ବା ଜନପଦରେ ଅବସ୍ଥିତ ନୁହେଁ। ଏହା ଶ୍ୱାପଦସଙ୍କୁଳ ଘୋର ବନାନୀ ପରିବେଷ୍ଟିତ ପ୍ରକୃତିର ମନୋରମ କୋଳରେ ବିଦ୍ୟମାନ। ଗୁପ୍ତେଶ୍ୱରଙ୍କ ଆବିର୍ଭାବ ସମ୍ପର୍କରେ କୌଣସି ବଳିଷ୍ଠ ଐତିହାସିକ ତଥ୍ୟ ମିଳେନାହିଁ। କେବଳ କିମ୍ବଦନ୍ତୀ ହିଁ ଏକମାତ୍ର ଆଶ୍ରୟ। ଲୋକମୁଖରୁ ଶୁଣାଯାଏ ତ୍ରେତୟା ଯୁଗରେ ରାମଚନ୍ଦ୍ର ବନବାସ ସମୟରେ ଏହିପଥ ଦେଇ ଅତିକ୍ରମ କରିଥିଲେ। ନିଜେ ଶିବଙ୍କର ଜଣେ ଶ୍ରଦ୍ଧାଳୁ ଭକ୍ତ ଥିବାରୁ ଏଠାରେ ସେ ଶିବଙ୍କର ମୂର୍ତ୍ତି ସ୍ଥାପନ କରିଥିଲେ। ସେହି ଶିବଲିଙ୍ଗଟି ଘୋର ଅରଣ୍ୟ ମଧ୍ୟରେ ଗୁପ୍ତ ଭାବରେ ଥିବାରୁ ସାଧାରଣ ଲୋକେ ତାଙ୍କ ପରିଚୟପ୍ରାପ୍ତ ହୋଇ ନଥିଲେ। କାଳକ୍ରମେ ସେହି ଲିଙ୍ଗଙ୍କ ଇଚ୍ଛାରୁ ଜନୈକ ଶବର ମାଧ୍ୟମରେ ଏହା ଲୋକ ଲୋଚନକୁ ଆସିପାରିଲା। ସାରଳା ମହାଭାରତରୁ ଜଣାଯାଏ ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପ୍ରଥମେ ଥିଲା ଏକ ଶୈବ ପୀଠ। ଏଠାରେ ପ୍ରଥମେ ହର ପରେ ହରି। ଅଲାବୁକେଶର ବା ଶ୍ରୀଲୋକନାଥ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦ୍ୱାରା ପ୍ରତିଷ୍ଠିତ ବୋଲି କିମ୍ବଦନ୍ତୀ ରହିଛି। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଲୋକନାଥ ମନ୍ଦିରକୁ ଯାଆନ୍ତି। ସେଠାରେ ମଦନମୋହନଙ୍କର ସ୍ୱତନ୍ତ୍ର ପୂଜା ବିଧି ଅନୁସାରେ ଅନୁଷ୍ଠିତ ହୁଏ। ଶ୍ରୀକ୍ଷେତ୍ରରେ ପୂଜା ପାଆନ୍ତି ପଞ୍ଚମହାଦେବ। ସେମାନେ ହେଲେ ଶ୍ରୀପରମେଶ୍ୱର, ଶ୍ରୀମାର୍କଣ୍ଡେୟ, ଶ୍ରୀଲୋକନାଥ, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠ। ଏହି ମହାଦେବମାନେ ପଞ୍ଚ ପାଣ୍ଡବ ନାମରେ ଖ୍ୟାତ। ଏହି ମହାଦେବଙ୍କର ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମନ୍ଦିରର କେତେକ ଯାନିଯାତ୍ରା ସହ ସମ୍ପୃକ୍ତି ଥିବା ହେତୁ ଶ୍ରୀକ୍ଷେତ୍ରରେ ଶୈବଉପାସନା ପ୍ରସିଦ୍ଧି ଲାଭ କରିଥିବାର ଜଣାଯାଏ। ଏହା ବ୍ୟତୀତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବହୁ ପ୍ରାଚୀନ ଶୈବମନ୍ଦିର ଓ ଶୈବପୀଠ ବିଦ୍ୟମାନ। ନୟାଗଡ଼ର ଶରଣକୁଳସ୍ଥିତ ଲଡୁକେଶ୍ୱର ମହାଦେବ, ବାଣପୁରର ଦକ୍ଷେଶ୍ୱର, କନ୍ଧମାଳ ଚକାପାଦର ବିରୁପାକ୍ଷ ମହାଦେବ, ବିରଜାକ୍ଷେତ୍ର ନିକଟସ୍ଥ ବରୁଣେଶ୍ୱର, ପୁରୀ ଜିଲ୍ଲା ଗୋପ ଅନ୍ତର୍ଗତ ବାଲିକପିଳେଶ୍ୱର, ନୀଳଗିରିର ପଞ୍ଚଲିଙ୍ଗେଶ୍ୱର, କଳାହାଣ୍ଡିର ବୁଢ଼ାରାଜା, ବାଲେଶ୍ୱରର ଚନ୍ଦନେଶ୍ୱର ଓ ଟିଟିଲାଗଡ଼ର ଧବଳେଶ୍ୱର ଆଦି ପ୍ରାଚୀନ ଶୈବପୀଠ ଭାବରେ ପରିଚିତ। ଓଡ଼ିଶାରେ ଶିବପୂଜା ଜନପଦରୁ ଆରମ୍ଭ କରି ରାଜପଥ ପର୍ଯ୍ୟନ୍ତ ବିସ୍ତାରିତ। ଶିବ ହେଉଛନ୍ତି ସଂସାର ପରିଚାଳକ। ତାଙ୍କର ନିର୍ଦ୍ଦିଷ୍ଟ ସ୍ଥାନରେ ନିବାସ ନାହିଁ। ସେ ଅଘୋରୀ, ହିନ୍ଦୁ ସଂସ୍କୃତି ଓ ଧାର୍ମିକ ପରମ୍ପରାର ଈଶ୍ୱରୀୟ ତ୍ରିଧାରା ମଧ୍ୟରୁ ମହେଶ୍ୱର ବା ଶିବ ଏକ ପ୍ରମୁଖ ଆଧାର। ଯାହାହେଉ ଓଡ଼ିଶାରେ ଶୈବଉପାସନାର ଏକ ସୁଦୀର୍ଘ ପରମ୍ପରା ରହିଛି। ଗ୍ରାମ ହେଉ କି ସହର ଶିବଉପାସନା ବହୁ ଅତୀତ କାଳରୁ ସମ୍ପନ୍ନ ହୋଇ ଆସୁଛି।

ଶିକ୍ଷାବିତ୍ ଓ ପୂର୍ବତନ ସମ୍ପାଦକ,
ଶ୍ରୀସତ୍ୟସାଇ ବିଦ୍ୟାଳୟ,
କଳାବିକାଶ କେନ୍ଦ୍ର ମାର୍ଗ, କଟକ,
ମୋ : ୭୦୦୮୧୮୧୮୨୦

## ଏଫ୍.ଏମ୍. ମେଡ଼ିକାଲ କଲେଜ ବାଲେଶ୍ୱର ରାଜ୍ୟରେ ଏବେ ତୃତୀୟ ସ୍ଥାନରେ

### ସୁବ୍ରତ କର



ଏହା ଆମ ବାଲେଶ୍ୱର ବାସୀଙ୍କ ପାଇଁ ଏକ ଖୁସୀର ଖବର ଏବଂ ବିଶେଷ କରି ଏହି କଲେଜକୁ ୨୦୦୫ ମସିହାରୁ ତିଆରି କରିବାରେ ସାହାଯ୍ୟ କରିଥିବା ବିଶେଷ ମଣିଷମାନଙ୍କ ପାଇଁ। ଏହି ଖବର ମୁଁ ଆପଣମାନଙ୍କୁ ଦେଉନାହିଁ। ଏହା ଗତ ୧୧/୭ ତାରିଖ ଦିନ ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତିର ସାଧାରଣ ସଭାରେ ଭାଗ ନେଇଥିବା ଦାୟିତ୍ୱବାନ ଲୋକଙ୍କର ମତ। ଆମ କଲେଜ ବହୁ କ୍ଷେତ୍ରରେ ଏପରିକି କଟକ ମେଡ଼ିକାଲ କଲେଜର ପାଖାପାଖି ଏବଂ କିଛି କ୍ଷେତ୍ରରେ ଟ୍ରଫି ମଧ୍ୟ ପାଇଛି। ଏବେ ଏହାକୁ ପ୍ରମାଣ କରିବାର ଆବଶ୍ୟକତା ରହିଛି। ବାହାରୁ ଆସୁଥିବା ସାରା ବର୍ଷରେ (ଏପ୍ରିଲ ୨୦୨୨ଠାରୁ ମାର୍ଚ୍ଚ ୨୦୨୩) ରୋଗୀଙ୍କ ସଂଖ୍ୟା ୭୭୨୨୯ ଡାକ୍ତରଖାନାରେ ରହି ଚିକିତ୍ସିତ ହୋଇଥିବା ରୋଗୀମାନଙ୍କ ସଂଖ୍ୟା (ସାରାବର୍ଷ ୧୪୦୨୯୭, ଅପରେସନ୍ ହୋଇଥିବା ରୋଗୀଙ୍କ ସଂଖ୍ୟା- ୧୬୭୨୫ କଲେଜରେ ଡେଲିଭରି ହୋଇଥିବାର ସଂଖ୍ୟା- ୧୪୦୧୯, ସିଜର- ୫୫୦୨, ଏକ୍ସରେ-୫୧୩୦୧, ଡାଏଲେସିସ- ୧୧୬୯୩, ଏମ.ଆର.ଆଇ- ୧୦୨୧୦, ସିଟି ସ୍କାନ-୨୦୩୦, ଇଉ.ଏସ.ଜି-୩୨୪୪୮, ହିପ ରିପ୍ଲେସମେଣ୍ଟ-୧, ଲେପ୍ରୋସ୍କପିକ୍ ଅପରେସନ୍-୯୨, କରନିଆ ଇନଜୁଏରୀ ରିପେଆରି-୩୮, ଜାପାନିଜ୍ ଏନ୍‌ସେଫଲାଇଟିସ-୧୩। ଏବେ ଏବେ ଆମ ମେଡ଼ିକାଲ କଲେଜରେ ଗଳାରେ ଯଦି କଏନ, ଆଲପିନ୍ ବା କି ଗଳିଯାଏ ତାହାକୁ ବାହାର କରିବା ପାଇଁ ସୁବ୍ୟବସ୍ଥା ମଧ୍ୟ ହୋଇ ପାରିଛି। ଗୋଟାଏ ୯୦ ଲକ୍ଷ ଟଙ୍କା ଦେଇ ମେସିନ ଉପରୋକ୍ତ ଅପରେସନ୍ ପାଇଁ କିଣା ହୋଇଛି ଏବଂ ଏହା ପାଇଁ କଟକ ଯିବା ଦରକାର ହେବ ନାହିଁ। ସବୁଠୁ ବଡ଼ କଥା ହେଲା ବାହାନଗା ଠାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣା ରାତିରେ ଆମର ଏହି ମେଡ଼ିକାଲ କଲେଜ ପ୍ରାୟ ୧୮୫ ଛୋଟବଡ଼ ଅପରେସନ କରି ରେକର୍ଡ ତିଆରି କରି ପାରିଛି। ଆହୁରି ବଡ଼ କଥା ହେଲା ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ମଧ୍ୟରୁ କେହି ମୃତ୍ୟୁବରଣ କରି ନଥିଲେ। ଏହାକୁ ଫଳପ୍ରଦ କରିବାରେ ପ୍ରଚୁର ସାହାଯ୍ୟ କରିଛନ୍ତି ଆମ କଲେଜର ଏହି ବର୍ଷ ପାସ କରିଥିବା (୯୮ଜଣ) ପିଲାମାନେ। ସେମାନେ ରାତିଯାକ ତାଙ୍କର ହାଉସ ସର୍ଜନସିପ୍ ମାଧ୍ୟମରେ ସମସ୍ତ ରୋଗୀଙ୍କୁ (ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ) ଭଲ କରିପାରିଥିଲେ ଏବଂ ଏମିତି ହୋଇଥିଲା ଏଠାରେ ଚିକିତ୍ସିତ ହେଉଥିବା ରୋଗୀମାନେ ନିଜ ନିଜ ପ୍ରଦେଶକୁ ଯିବା ପାଇଁ ମନା କରି ଦେଇଥିଲେ। ଏହା ଆମ ପାଖରେ ନିଶ୍ଚିତ ଗର୍ବ ଏବଂ ଗୌରବର କଥା। ଡାଏଲେସିସି ରୋଗୀଙ୍କ ଚାହିଦାକୁ ଦେଖି ସୋରଠାରେ ଏକ ନୂଆ କରି ସେଣ୍ଟର ବସାଇବାର ମଧ୍ୟ ନିଷ୍ପତ୍ତି ଗ୍ରହଣ କରା ହୋଇଥିଲା। ଆଉ ଦୁଇମାସ ମଧ୍ୟରେ ମେଡ଼ିସିନ ବିଭାଗ ଏବଂ ପେଡିଆଟ୍ରିକ ବିଭାଗ ରେମୁଣାଠାରେ ଥିବା ମେଡ଼ିକାଲ କଲେଜ ପ୍ରାଙ୍ଗଣକୁ ଉଠିବାକୁ ଏବଂ ଏହା ପରେ ଧିରେ ଧିରେ ଅନ୍ୟାନ୍ୟ ବିଭାଗ ମଧ୍ୟ ଯିବ। ଏହା ସମ୍ଭବ ହୋଇ ପାରିଛି ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନର ସଭ୍ୟସଭ୍ୟାମାନଙ୍କ ପାଇଁ ଏମାନଙ୍କୁ ସରକାର ଭୁଲିବା ଉଚିତ ନୁହେଁ।




### ଅବୋଲକରା

ଇଂ ସତ୍ୟବ୍ରତ ରଥ

ପିଲାଦିନେ ମୁଁ ସହଜେ
ଖାଇବାକୁ ରାଜି ଦେଉ ନଥିଲି
ବୋଲି
ଜେଜୀମା ନାଆଁ ଦେଇଥିଲେ
ଅବୋଲକରା,
ସେଇ ନାଆଁ ରହିଗଲା ଅକ୍ଷୁର୍ଣ୍ଣ
ଆଜିକୁ ଏତେ ବର୍ଷ ପର୍ଯ୍ୟନ୍ତ ।

ଜେଜୀମା'ଙ୍କ ପାଇଁ
ଘରେ ନିତି ହସଖୁସି, ଗହଳ ଚହଳ
ସ୍ନେହର ସେ ପଦ୍ମ ସରୋବର
ମମତାର ପୂନେଇ ଆକାଶ ।
ହସିହସି ସେ ଥରେ ମୋତେ
କହିଥିଲେ
ବୟସ ଆସିଗଲାଣି ବାପ, ହୁସିଆର
ହାତକୁ ଦିହାତ ହେଲେ
ପାଦ ହୋଇଯିବ ସଳଖ
ଛାଡ଼ିଯିବ ଅବୋଲ କରା ଢଙ୍ଗ ।

ମାସେ ହେଲାଣି ଜେଜୀମା ଅସୁସ୍ଥ
ମୁଠେ ଭାତ ଖାଇବାକୁ ନାରାଜ,
ଖିର ଗିଲାସ ଦେଖିଲେ ବଡ଼ ରାଗ
ମୋ ଆଖିରେ ଜକେଇ ଆସିଲା
ଲୁହ ।
ଖଟ ପାଖେ ବସି ପଚାରିଲି
ଜେଜୀମା ନଖାଇ ନଖାଇ କେତେ
ଦୁର୍ବଳ ହେଲଣି
ଅଳ୍ପ କିଛି ଖାଅ ।
ମୁଁ ସିନା ଅବୋଲକରା
ତୁମେ କି ମାନୁଛ ଆମ କଥା ।

ମଉଳା ହସଟେ ହସିଲେ ଜେଜୀମା
ଥରଥର ହାତରେ ମୋତେ ଛୁଇଁ
କହିଲେ-
ଯେତେ ଭାତ ଖାଇଲିଣି ଆଜିଯାଏ
ସେତକ ହେବ ଗୋଟେ ପାହାଡ଼,
ଏ ପେଟରେ ହଜମ ହେଲାଣି
କେତେ ଶହ ଶଗଡ଼ ଫସଲ
ଖାଇବାକୁ ଆଉ ରୁଚୁନି କିଛି ।
ଅଳ୍ପ ଦିନ ବାକି ବୋଲି ଜାଣୁଛିରେ
ଧନ !
ଏମିତି ଆଖିବୁଜି ଘୁମେଇ ପଡ଼ିଲେ
ଜଣା ପଡ଼ିବନି ସମୟ ।

+କଲେଜ ରୋଡ଼, ବାଙ୍କୀ, କଟକ
ପିନ୍- ୭୫୪୦୦୮
ମୋ: ୯୯୩୭୭୩୨୭୬୪୭

### ସୁଆଣ୍ଡୋ ଗାଁ'ର ଗୋପବନ୍ଧୁ

ରାମ ଚନ୍ଦ୍ର ପ୍ରଧାନ



ସୁଆଣ୍ଡୋ ଗାଁ'ର ଗୋପବନ୍ଧୁ
ତାଙ୍କ ଭଳି ଲୋକ ନ ଥିବେ କେଉଁଠି
ଯେ' ଥିଲେ ଦରଦୀ ବନ୍ଧୁ ।
ଅଠର ଶହ ସତସ୍ତୁରୀ
ଅକ୍ଟୋବର ନଅ ତାରିଖେ ଜନମି
ପ୍ରିୟପାତ୍ର ହେଲେ ସବୁରି ।
ମାଆ ଛେଉଣ୍ଡ ପିଲା ବୋଲି
ପାଳିଥିଲେ ତାଙ୍କୁ ମାଉସୀ କମଳା
ବାତ୍ସଲ୍ୟ ମମତାରେ ଝୁଲି ।
ଉତ୍କଳ ମଣି ଉପାଧି ପାଇ
ଜାତୀୟ ସେବାରେ ଜୀବନ ଉତ୍ସର୍ଗୀ
ସେ ଥିଲେ ଗାନ୍ଧୀବାଦୀ ହୋଇ ।
ବନ୍ୟା ଦୁର୍ଭିକ୍ଷ ଅସମୟେ
ସାଥେ ଧରି ଚୁଡ଼ା ଚାଉଳ ଛତୁଆ
ବାଣ୍ଟୁଥିଲେ ସିଏ ନିର୍ଭୟେ ।
ପୁରୀ ସ୍ଥିତ ସାକ୍ଷୀ ଗୋପାଳେ
ସତ୍ୟବାଦୀ ବନ ବିଦ୍ୟାଳୟ ଗଢ଼ି
ଖ୍ୟାତି ଅର୍ଜିଲେ ଛାତ୍ର ମେଳେ ।
ସଂସ୍କାର ସଂସ୍କୃତି ସେବାରେ
'ସମାଜ'ର ପ୍ରାଣ ପ୍ରତିଷ୍ଠାତା ସାଜି
ମଜିଲେ ସାମ୍ବାଦିକତାରେ ।
ଗଢ଼ିଥିଲେ ଶାନ୍ତି ନଅର
ବକୁଳ ବନର ସତ୍ୟବାଦୀ କୋଳେ
ଅତୀତ ଏବେ ସାକ୍ଷୀ ଯା'ର ।
ସାହିତ୍ୟର ଉନ୍ନତି ପାଇଁ
କାଳଜୟୀ ସୃଷ୍ଟି ରଚିଯାଇ ଥିଲେ
ଧନ୍ୟ କରି ଉତ୍କଳ ଭୂଇଁ ।
ମଉଡମଣୀ ସେ' ଆମର
ଦୁଃଖି ଦରିଦ୍ରଙ୍କ ବନ୍ଧୁଟିଏ ସାଜି
ରହିଛନ୍ତି ଚିର ଅମର ।

+ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

### ବୋଲବମ ଶ୍ରାବଣ ମାସର

ସତ୍ୟ ସିଂ ବାଗ



ସମୁଦ୍ର ମନ୍ଥନେ ଦେବ ଦଇତ୍ୟଗଣେ
ନାଗ ବାସୁକୀର ବିଷଜ୍ୱାଳା ଭିଆର
ସାରା ଦିଗେ ହା ହାକାର ଶୁଭିଲା
ସର୍ବେ ଗୁହାରଇ ରକ୍ଷାକର ଆମର !

ଦେବ ମହାଦେବ ଶୁଣିଣ ଗୁହାରି
ବିଷଜ୍ୱାଳା ତକ କଲେକ ପାନ
ସେହି ବିଷଜ୍ୱଳେ କଣ୍ଠ ନୀଳ ତାଙ୍କ
ତେଣୁ ନୀଳକଣ୍ଠେଶ୍ୱର ର ମାନ !

ତୁମ କୃପାବଳେ ପଙ୍ଗୁ ଲଙ୍ଘଇ ଗିରି
ଅପାର ବରଦାତା ତୁମେ ସଂସାରର
ଅନେକ ଶ୍ରଦ୍ଧାଳୁ ଭକ୍ତିରେ ବିଭୋର
ଏ ମହା ଶିବବ୍ରତ ଅଟେ
ବୋଲବମ ଶ୍ରାବଣ ମାସର...

ବିଷଜ୍ୱାଳାର ତାପ ବହୁଳ ହେବାରୁ
ଶିବ ଜୀ ସ୍ୱର୍ଗ ମଞ୍ଚ ପାତାଳ ବୁଲିଲେ
ଯେଉଁ ମହାଦେବ ରାମ ନାମ ଜପନ୍ତି
ତାଙ୍କମୁଖରୁ ବମ ବମ ଶବ୍ଦାଇଲେ !

ବିଷରଉତ୍ତାପକୁ ଶାନ୍ତପାଇଁ ଦେବଗଣ
ଶିବଙ୍କ ଶିରେ ଜଳ ଢାଳିଲେ ପ୍ରଚୁର
ଶେଷସମୟେ ଶିବମସ୍ତକରେ ଦେବେ
ମା ଗଙ୍ଗାଙ୍କ ସ୍ଥାପନା ଭରା ଆକାର !

ତୁମ କୃପାବଳେ ପଙ୍ଗୁ ଲଙ୍ଘଇ ଗିରି
ଅପାର ବରଦାତା ତୁମେ ସଂସାରର
ଅନେକ ଶ୍ରଦ୍ଧାଳୁ ଭକ୍ତିରେ ବିଭୋର
ଏ ମହା ଶିବବ୍ରତ ଅଟେ
ବୋଲବମ ଶ୍ରାବଣ ମାସର....

ସେହିଦିନ ଠାରୁ ପରମ୍ପରା ରହିଅଛି
ନୀଳକଣ୍ଠେଶ୍ୱରଙ୍କୁ ଜଳଢାଳିବା ବିଧି
ଚାଲେ କାଉଡିଆ କାନ୍ଧ ଭାର ଜଳେ
ବୋଲବମ ଉପାସନାର ତପସାଧି !

ମହାଶ୍ରାବଣେ ଦେବାଦେବୀ ଶୁଅନ୍ତି
କେବଳ ଶଙ୍କର ହିଁ ଜାଗ୍ରତ ସ୍ୱରୂପ
ନିଜକୁ ବିଶ୍ୱାସୀ ଶିବ ପ୍ରେମେ ଭରା
ମନ୍ଦିରେ ଢାଳିଜଳ ଜଳା ଶ୍ରଦ୍ଧାଦିପ !

ତୁମ କୃପାବଳେ ପଙ୍ଗୁ ଲଙ୍ଘଇ ଗିରି
ଅପାର ବରଦାତା ତୁମେ ସଂସାରର
ଅନେକ ଶ୍ରଦ୍ଧାଳୁ ଭକ୍ତିରେ ବିଭୋର
ଏ ମହା ଶିବବ୍ରତ ଅଟେ
ବୋଲବମ ଶ୍ରାବଣ ମାସର...

ଆଷାଢ଼ ପୁନେଇଁ ରୁ ଶ୍ରାବଣ ପୂର୍ଣ୍ଣମା
ଏ ମହା ପବିତ୍ର ଶ୍ରାବଣ ପୁଣ୍ୟ ତିଥି
ମୀରାମିଷା ଭୁଞ୍ଜିଣ କର ପୁଣ୍ୟଅର୍ଜୁନ
ଉମା ପତିକୁ ହୃଦୟେକରି ଅତିଥି !

ତୁମ କୃପାବଳେ ପଙ୍ଗୁ ଲଙ୍ଘଇ ଗିରି
ଅପାର ବରଦାତା ତୁମେ ସଂସାରର
ଅନେକ ଶ୍ରଦ୍ଧାଳୁ ଭକ୍ତିରେ ବିଭୋର
ଏ ମହା ଶିବବ୍ରତ ଅଟେ
ବୋଲବମ ଶ୍ରାବଣ ମାସର....

+ଗ୍ରା /ପୋ - ତେରେସିଂହା
ଭାୟା -ରିଷିଡା
ଜି - କଳାହାଣ୍ଡି
ପିନ - ୭୬୬୦୩୧
ମୋ - ୬୩୫୩୩୭୪୫୦୯

# ବର୍ଷା ବସନ୍ତ ବୈଶାଖ



ସୁଦର୍ଶନ ମହାପାତ୍ର



ହଠାତ୍ ଦିନେ ପ୍ରତୀଚି ଜୀବନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଲା। ସନ୍ଧ୍ୟାରେ ବିନୟ ଯେତେବେଳେ ଅଫିସରୁ ଫେରି ଡୋର ବେଲ୍ ବଜେଇଲା , ପ୍ରତୀଚି କବାଟ ଖୋଲି ବିନୟଙ୍କ ସହିତ ଆଗନ୍ତୁକଙ୍କୁ ଦେଖି ଭିତରେ ଭିତରେ ଜଡସଡ ହୋଇ ପଡିଲା।

-'ପ୍ରତ୍ୟୁଷ ମୋର ଘନିଷ୍ଠ ବନ୍ଧୁ। ଦୁହେଁ ଦୁହିଁଙ୍କୁ ପିଲାଦିନରୁ ଜାଣିଛୁ। ଏକା କଲେଜରୁ ଏମ୍.ଏ. ପାଶ କରିଛୁ। ସେ ଏବେ ଆମ ଏଠିକା କଲେଜରେ ଜଏନ କରିଛି। ଭଡା ଘର ପାଇନାହିଁ ବୋଲି ହୋଟେଲରେ ରହୁଛି। ଘର ପାଇବା ପର୍ଯ୍ୟନ୍ତ ସେ ଆମ ଘରେ ରହିଯିବାକୁ ମୁଁ ତାକୁ କହୁଛି। ତୁମେ ହିଁ ତାକୁ ବୁଝାଅ।' ବିନୟ ପ୍ରତ୍ୟୁଷଙ୍କ ହାତ ଧରି ସୋଫା ଉପରେ ବସେଇଦେଲା। ସେତେବେଳକୁ ପ୍ରତୀଚିର ସାରାଟା ଦେହ ଝାଳରେ ଏକରକମ ବୁଡି ସାରିଥିଲା ।

'ତୁମେ ବସ, ମୁଁ ଚା' କରି ଆଣୁଚି' କହି ପ୍ରତୀଚି ପଳାଇ ଆସିଲା କିଚେନକୁ। ଗ୍ୟସରେ ଚା' ବସେଇ ଭାବିଲା କ'ଣ କରିବ ଏବେ। ପ୍ରତ୍ୟୁଷ ଘରେ ରହିବା ମାନେ ଯେ କ'ଣ ହେବ ତାହା ସେ ନିଜେ ବୁଝି ପାରୁଥିଲା। କିନ୍ତୁ ଏବେ ବିନୟକୁ ସେ କ'ଣ କହିବ ?

ଚା' ଖାଇ ପ୍ରତ୍ୟୁଷ ଫେରିଗଲେ। ହେଲେ ଯିବାବେଳକୁ ନିଜଆଡୁ କହିଲେ 'ନା,ବିନୟ ! ମୋର ଏଠାରେ ଅସୁବିଧା ହେବ। କାରଣ ତୋ ଘରଠାରୁ ମୋ କଲେଜ ଅନେକ ଦୂର। ହଁ,ତୋ ମିସେସ୍ଙ୍କର ଆପତ୍ତି ନଥିଲେ ମଝିରେ ମଝିରେ ଆସି ଏମିତି ସୁନ୍ଦର ଚା' ଟିକେ ପିଇଯିବି।'

ପ୍ରତ୍ୟୁଷଙ୍କ କଥାରେ ସ୍ୱସ୍ତିରେ ନିଃଶ୍ୱାସ ମାରିଲା ପ୍ରତୀଚି।

-' ଆପଣ ଏମିତି କ'ଣ କହୁଛନ୍ତି ? ଆପଣଙ୍କ ବନ୍ଧୁଙ୍କ ଘରକୁ ଆପଣ ଯେତେବେଳେ ଇଛା ଆସିପାରନ୍ତି।' ମନ ରଖିବାକୁ ମୁହଁରେ ହସ ଫୁଟାଇ କହିଲା ପ୍ରତୀଚି।

ପ୍ରତ୍ୟୁଷ ବିଦାୟ ନେଲାପରେ ପ୍ରତିଚୀ ଯେମିତି ରାଗରେ ଫାଟି ପଡିଲା ଭଳି ବ୍ୟବହାର କଲା। 'ତୁମର କ'ଣ କାଣ୍ଡଜ୍ଞାନ ନାହିଁ। ତାଙ୍କୁ ତୁମେ କେଉଁ ଅକଲରେ ଏଠି ରହିବାକୁ କହୁଥିଲ ଶୁଣେ ? ସେ ରହିଲେ ମୁଁ ଏ ଘରେ ସ୍ୱଚ୍ଛନ୍ଦରେ ରହି ପାରିବି ?'

-' ଆମେ ପିଲାଦିନୁ ପରସ୍ପରକୁ ଜାଣିଛୁ। ଦୁହେଁ ଉତ୍ତମ ବନ୍ଧୁ। ସେ ରହିଥିଲେ ବି ତୁମ ପ୍ରତି କିଛି ବିପଦ ନଥିଲା। ତା' ବିଷୟରେ, ମାନେ ତାକୁ ମୁଁ ଭଲଭାବରେ ଜାଣେ। ସେଥିପାଇଁ ମୁଁ...। ହେଲେ ଛାଡଃ...!' ଯେମିତି କିଛି କଥା ଉହ୍ୟ ରଖି ପ୍ରତୀଚିକୁ ବୁଝାଇବାକୁ ଚେଷ୍ଟା କରିଥିଲା ବିନୟ ।

ବିଗତ ଦିନର କଥା ସ୍ମୃତି ହୋଇ ଫେରିଆସିଲା। କଲେଜରେ ନୂଆ ଯୋଗ ଦେଇଥିବା ଅଧ୍ୟାପକ ପ୍ରତ୍ୟୁଷଙ୍କ ପ୍ରଥମ କ୍ଲାସରେ ହିଁ ପ୍ରତିଚୀ ତାଙ୍କ ପ୍ରତି ଢଳିଥିଲା। ପ୍ରତ୍ୟୁଷ ମଧ୍ୟ ମନକୁ ଟାଣିଲା ଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଏକଦା ସମସ୍ତଙ୍କ ଆଢୁଆଳରେ ପ୍ରତ୍ୟୁଷ ମଧ୍ୟ ତା'ପାଇଁ କ୍ରମେ ଦୁର୍ବଳ ହୋଇ ପଡୁଛନ୍ତି ବୋଲି ସ୍ୱୀକାର କରିଥିଲେ। ମନର ମଣିଷକୁ କେବେ କେବେ ଏକାନ୍ତରେ ପାଇ ନିଜର ଭଲପାଇବାକୁ ଜାହିର କରିବାକୁ ପଛେଇ ନଥିଲା ପ୍ରତୀଚି ।

ଆଜି ବିବାହର ପାଞ୍ଚବର୍ଷ ପରେ ମଧ୍ୟ ପ୍ରତିଚୀ ସନ୍ତାନର ଜନନୀ ହୋଇପାରିନି। ପ୍ରତ୍ୟୁଷଙ୍କ ପ୍ରଶ୍ନରେ ଆଜି ବିନୟ ମଧ୍ୟ କେମିତି ଅସହଜ ଭଳି ଲାଗିଲେ। ହେଲେ ବିନୟ କଥାକୁ ହାଲକା କରିବାକୁ 'ଏତେ ଶୀଘ୍ର ପିଲାଛୁଆଙ୍କ ଜଞ୍ଜାଳରେ ଘାଣ୍ଟି ହେଲେ, ଜୀବନକୁ କ'ଣ ଉପଭୋଗ କରି ହେବ ?' ଚଟାପଟ ଉତ୍ତର ଫେରେଇ ଥିଲେ ପ୍ରତ୍ୟୁଷଙ୍କୁ। ପ୍ରତ୍ୟୁଷଙ୍କୁ ଏ ଉତ୍ତର ବୋଧହୁଏ ସନ୍ତୁଷ୍ଟ କରି ପାରି ନଥିଲା। ତାଙ୍କ ଭାବଭଙ୍ଗୀରେ ସେଇ ଭାବ ନିରୀକ୍ଷଣ କଲା ପ୍ରତୀଚି।

କିନ୍ତୁ ଏଇ ପାଞ୍ଚ ବର୍ଷ ଭିତରେ ବିନୟ କେବେହେଲେ ସ୍ନେହ ପ୍ରେମରୁ ବଞ୍ଚିତ କରିନି ପ୍ରତୀଚିକୁ। କୌଣସି ସମୟରେ ସେ ଦୁଃଖ ଓ ଅଭାବ ଅନୁଭବ କରିପାରିନି। ମଝିରେ ମଝିରେ ତା ମନରେ ପିଲାଛୁଆଙ୍କ କଥା ଉଦୟ ହୁଏନା ଏମିତି ନୁହେଁ। ହେଲେ ସେ ନିଜେ ଜାଣିନି ତା'ର ଏ ବନ୍ଧ୍ୟାଦୋଷ ପାଇଁ କିଏ ଦାୟୀ ? ସେ ନିଜେ ନା ବିନୟ ?

ପ୍ରତୀଚି ଭାବିଲା କେବେ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ଠିକ୍ ହେବ। ହେଲେ ପର ମୁହୂର୍ତରେ ତା ମନକୁ ପାପ ଛୁଇଁଲା। ଯଦି ତା'ର କିଛି ଦୋଷ ନଥାଏ, ତେବେ ବିନୟଙ୍କ ଅସାମର୍ଥତାକୁ ନେଇ ସାରା ଜୀବନ ବଞ୍ଚିପାରିବ ତ ! ଆଉ ଯଦି ତା'ର ଦୋଷ ଥାଏ, ତେବେ ବିନୟଙ୍କର ତା' ପ୍ରତି ଥିବା ପ୍ରେମ ଆକର୍ଷଣ ଆଉ ରହିବ ତ ? ପ୍ରତୀଚି ମୁଣ୍ଡଟା ଭାରି ହୋଇ ଉଠିଲା। ମନଟା ହାହାକାରରେ ଭରିଗଲା। ଉଚ୍ଛଳ ନଦୀ ଭଳି ବିନୟ ପ୍ରେମରେ ଅବଗାହନ କରୁଥିବା ପ୍ରତୀଚି କେତେ ଦିନ ଭିତରେ ଶୁଷ୍କ ନଦୀ ଶଯ୍ୟା ଭଳି ହୋଇଗଲା। ମନ ଭିତରେ ତା'ର ନାନା ପ୍ରକାର ଦ୍ୱନ୍ଦ ଦେଖାଗଲା।

ବିବାହର ପାଞ୍ଚବର୍ଷ ଭିତରେ ଯେଉଁ ପ୍ରଶ୍ନ ଥରେ ମାତ୍ର ଉଠିନଥିଲା, ଆଜି ହଠାତ୍ ସେଇ ପ୍ରଶ୍ନ ତାକୁ ଆନ୍ଦୋଳିତ କରୁଛି। ତା'ର ଉତ୍ତର ସେ ଖୋଜି ପାଉନି। ନିଜକୁ ନିଜେ ପ୍ରବୋଧନା ଦେବାକୁ ଚେଷ୍ଟା କଲା ପ୍ରତୀଚି। ପ୍ରତ୍ୟୁଷ ଗଲାପରେ ମଧ୍ୟ ଏସବୁ ବିଷୟରେ ବିନୟ କେବେହେଲେ କଥା ହେଲେ ନାହିଁ। ଆଗପରି ଗତାନୁଗତିକ ଜୀବନ ବହି ଚାଲିଲା। ପ୍ରେମରେ କାଣିଚାଏ ବି ଭଟ୍ଟା ଅନୁଭବ କରି ପାରିଲାନି ପ୍ରତୀଚି।

ଦିନ ଗଡି ଚାଲିଲା। ପ୍ରତ୍ୟୁଷର ଯିବା ଆସିବା ଓ ମିଳାମିଶା ଭିତରେ ପ୍ରତୀଚି କ୍ରମେ ସ୍ୱାଭାବିକ ହୋଇଗଲା। ଦିନେ ବିନୟଙ୍କ ଅନୁପସ୍ଥିତିରେ କଥା ପ୍ରସଙ୍ଗରେ ପ୍ରତ୍ୟୁଷଙ୍କୁ ତାଙ୍କର ଅନ୍ତର୍ଦ୍ଧାନର କାରଣ ପଚାରି ବସିଲା ସେ।

-' ଆରେ ନା ନା, ଅନ୍ତର୍ଦ୍ଧାନ କାହିଁକି ହେବି ? ମୁଁ ସ୍କଲାରସିପ୍ ପାଇ ଲଣ୍ଡନରେ ପିଏଚଡି କଲି ଏବଂ ପରେ ହାଭାର୍ଡ ୟୁନଭରସିଟିରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲି। ଏବେ ଫେରିଛି। ହଁ, ଆଜି ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ, ମୁଁ ସେତେବେଳେ ତୁମ ପ୍ରତି ଦୁର୍ବଳ ହୋଇ ପଡ଼ିଥିଲି। ଅନ୍ୟ ଅର୍ଥରେ କହିଲେ ମୁଁ ତୁମକୁ ଭଲ ପାଇ ବସିଥିଲି।'

ପ୍ରତୀଚି ପ୍ରତ୍ୟୁଷଙ୍କ କଥାରେ ଟିକେ ଲାଜେଇଗଲା। ମୁହଁଟା ତା'ର ଲାଲ ହୋଇଗଲା। କିନ୍ତୁ କିଛି ସମୟପରେ ମୁହଁ ଉଠେଇ କହିଲା -' ଆଜି ବି ଆପଣଙ୍କ ମନରେ ମୋ ପ୍ରତି ସେଇ ଭାବ ଅଛି ?'

ପ୍ରତ୍ୟୁଷ କିଛି ସମୟ ପ୍ରତୀଚି ମୁହଁକୁ ଚାହିଁଲା। ଧୀରେ ଧୀରେ କହିଲା ' ଯଦି କହେ ଆଜି ବି ମୁଁ ତୁମକୁ ସେମିତି ଭଲପାଏ' । ପ୍ରତୀଚି ନୀରବ ରହିଲା। ବୁଝି ପାରିଲାନି ଏବେ କି ପ୍ରକାର ଉତ୍ତର ଦିଆଯିବା ଠିକ୍ ହେବ।

ହଠାତ୍ ପ୍ରତୀଚି ଅନୁଭବ କଲା ପ୍ରତ୍ୟୁଷଙ୍କର ସ୍ପର୍ଶ। କେଜାଣି କାହିଁକି ନିଜକୁ ଛଡେଇ ନେଇ ପାରିଲା ନାହିଁ। ଜୀବନର ସେଇ ପ୍ରଥମ ପୁରୁଷର ସ୍ପର୍ଶକୁ ଏତେ ଦିନ ପରେ ପୁଣି ଥରେ ପାଇ ସେ ଦୁର୍ବଳ ହୋଇ ପଡିଲା। କିଛି ପ୍ରତିବାଦ କରି ପାରିଲାନି। ତା ମନଟା ଉତ୍ତାଳ ହୋଇ ପଡିଲା। ସେମାନେ ଧିରେ ଏକାକାର ହୋଇଗଲେ। ସେ ପର୍ଯ୍ୟନ୍ତ ବିନୟ ଅଫିସରୁ ଫେରି ନଥିଲା।

ତୃପ୍ତ ମନ ଓ କ୍ଳାନ୍ତ ଶରୀରକୁ ନେଇ ପ୍ରତ୍ୟୁଷ ଘରୁ ନିଷ୍କ୍ରାନ୍ତ ହୋଇଗଲେ। ପ୍ରତ୍ୟୁଷ ଚାଲିଗଲା ପର ମୁହୂର୍ତରେ ପ୍ରତୀଚି ମନରେ ପାପବୋଧ ହେଲା। ମନ ଭିତରଟା ତା'ର ଛଟପଟ ହେଲା। ବିନୟ ତା'ର ସ୍ୱାମୀ। ସବୁଠାରୁ ପ୍ରିୟ ପୁରୁଷ। କିନ୍ତୁ ଆଜି ସେ ସେଇ ପ୍ରିୟ ପୁରୁଷକୁ ପ୍ରତାରଣା କରିଛି।

ସେଦିନ ପ୍ରାୟ ଘଣ୍ଟେ ଦୁଇ ଘଣ୍ଟା ଡେରିରେ ବିନୟ ଫେରିଲା। ଚେହେରା ଅବଶ ଅବଶ। ପ୍ରତୀଚି ସହିତ ପଦେ ଦୁଇପଦ କଥା ହୋଇ ଶୀଘ୍ର ଶୋଇ ପଡ଼ିଲା। ପ୍ରତୀଚି ମନରେ ଭୟ। ତେବେ କ'ଣ ବିନୟ କିଛି ସୁରାକ ପାଇଛି ? ଘାଣ୍ଟି ଗୋଳେଇ ହେଲା ମନ। ରାତିସାରା ଛଟପଟ ହେଲା ସେ ଉଦବିଗ୍ନତାରେ ।

ସକାଳୁ ସକାଳୁ କିନ୍ତୁ ବିନୟ ତାକୁ ଭିଡି ଧରିଲା ନିବିଡ ଆଶ୍ଳେଷରେ। ପ୍ରତୀଚି ବି ନିଜକୁ ଅକାତରେ ସମର୍ପି ଦେଲା ବିନୟ ପାଖରେ। ତାପରେ ଉଠି ଚା' କରିବାକୁ ଗଲା। ଚା' ଦୁଇ କପ୍ ନେଇ ଆସିଲା ବେଳକୁ ବିନୟ ତାକୁ ଏକ ଖବର ଦେଇ ଚମତ୍କୃତ କରିଦେଲା। ସେଇଦିନ ହିଁ ସେ ଓ ପ୍ରତୀଚି ସାତଦିନ ପାଇଁ ଉଟି ବୁଲିଯିବେ ବୋଲି କହିଲା। ସେଥିପାଇଁ ସବୁ ବୁଝାବୁଝି କରି ଆସିଛି ବୋଲି କହି ପ୍ରତୀଚିକୁ ସଶ୍ରଦ୍ଧ ଚୁମାଟିଏ ଦେଲା। ପ୍ରତୀଚି ଆଶ୍ୱସ୍ତ ହେଲା, ଖୁସି ବ୍ୟକ୍ତ କଲା, ବିନୟକୁ ନିବିଡ ଚୁମାଟିଏ ଫେରେଇଲା ମଧ୍ୟ।

ବିନୟ ଓ ପ୍ରତୀଚି ବୁଲାବୁଲି କରି କେତେ ଦିନର ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରି ଫେରି ଆସିଲେ। ଗୋଟିଏ ଦିନର ବିଶ୍ରାମ ପରେ ବିନୟ ଅଫିସରେ ଯୋଗ ଦେଲା। ପ୍ରତ୍ୟୁଷ ଆଜି ନିଶ୍ଚୟ ଆସିବେ- ଏମିତି ଭାବନା ଭିତରେ ପ୍ରତୀଚି ପ୍ରତୀକ୍ଷାରେ ରହିଲା। ମାତ୍ର ନିରାଶ ହେଲା। ପରଦିନ ବିନୟ ଅଫିସ ଗଲାପରେ ପ୍ରତ୍ୟୁଷ ଙ୍କୁ ଫୋନ୍ ଲଗାଇଲା। କି ଆଶ୍ଚର୍ଯ୍ୟ..! ଫୋନ୍ ବି ଲାଗୁନାହିଁ। ଦ୍ୱିଧାରେ ପଡିଲା।

ଡୋରବେଲ୍ ବାଜିଲା। ପ୍ରତ୍ୟୁଷ ଆସିଛନ୍ତି ନିଶ୍ଚୟ !

କବାଟ ଖୋଲିଲା ପ୍ରତୀଚି। ଭିତରକୁ ପଶି ଆସିଲା ବିନୟ। ସମୟ ପୂର୍ବରୁ ଆଜି ଫେରି ଆସିଛି ସେ। ପ୍ରତୀଚି ମନରେ ସଂଶୟ ଜାତ ହେଲା। ବିନୟ ମୁହଁରେ ଚିନ୍ତାର ରେଖା। କିଛି ନକହି ଯାଇ ଡ୍ରେସ୍ ବଦଳାଇଲା । ପ୍ରତୀଚି ଚା'କରିବାକୁ ଚୁପଚାପ୍ କିଚେନ କୁ ଗଲା। ଚା' ନେଇ ଫେରିଲା ବେଳକୁ ବିନୟ ଟିଭି ଦେଖୁଥିଲା।

-' ଦେହ କ'ଣ ଖରାପ ଲାଗୁଛି ?' ପ୍ରତୀଚି ପଚାରିଲା ଧୀରେ।

ବିନୟ ତା' ମୁହଁକୁ ଚାହିଁଲା କିଛି କ୍ଷଣ। ଧୀରେ ଧୀରେ କହିଲା ପ୍ରତ୍ୟୁଷ ତା' ଚାକିରୀରୁ ଇସ୍ତଫା ଦେଇ ଦେଇଛି। କାହିଁକି ସେ ଏମିତି କଲା ଏବଂ କୁଆଡେ ଗଲା କେହି ଜାଣି ନାହାଁନ୍ତି। ପ୍ରତୀଚି ହାଁ ହୋଇ ଚାହିଁ ରହିଲା ବିନୟ ମୁହଁକୁ। ଦୁଃଖରେ ଝାଉଁଳି ପଡିଲା ଅସମ୍ଭବ ଭାବରେ।

ଦିନ ଗଡି ଚାଲିଲା। ଦୁଇ ମାସ ପରେ ପ୍ରତୀଚି ଅନୁଭବ କଲା ତା ଦେହରେ କିଛି ଅଘଟଣ ଘଟିଛି। ତାକୁ ଖାଲି ବାନ୍ତି ବାନ୍ତି ଲାଗୁଛି। ବାନ୍ଧବୀ ଡାକ୍ତର ଲିଜା ମିଶ୍ରଙ୍କ ସହିତ ଯୋଗାଯୋଗ କଲା। ସେ ମା' ହେବାକୁ ଯାଉଥିବା ଖବର ଶୁଣି ଖୁସିରେ ଆତ୍ମହରା ହୋଇପଡିଲା। ଏତିକି ବେଳକୁ ମନେ ପଡିଲା ପ୍ରତ୍ୟୁଷଙ୍କ ସହିତ ସହବାସର କଥା। ହେଲେ ମନକୁ ବୁଝାଇଲା। ଟେଷ୍ଟ ଟ୍ୟୁବ୍ ମାଧ୍ୟମରେ ସନ୍ତାନ ଧାରଣ କରିବା ଆଜିକାଲି ଯୁଗରେ ସାଧାରଣ ଘଟଣା ହେଲାଣି। ଅଜଣା ସମର୍ଥ ପୁରୁଷର ବୀର୍ଯ୍ୟ ଗର୍ଭରେ ଧାରଣ କରିବା ଅପେକ୍ଷା ଜଣେ ସମର୍ଥ ପୁରୁଷ ସହ ସହବାସ କରି ଗର୍ଭବତୀ ହେବାରେ ଦୋଷ କେଉଁଠି ! ମନ ଭିତରୁ ପାପବୋଧ କଟି ଯାଇଥିଲା।

ନିଜ ସପକ୍ଷରେ ଅନେକ କଥା ଭାବିଲା ପ୍ରତୀଚି। କିନ୍ତୁ ତା'ର ଗର୍ଭ ଧାରଣକୁ କେମିତି ଭାବରେ ଗ୍ରହଣ କରିବ ବିନୟ ! ସେ ଦିନ ବିନୟକୁ କିଛି କହିଲାନି ପ୍ରତୀଚି। ପରଦିନ ଥିଲା ରବିବାର। ବିଛଣା ଛାଡ଼ିବା ପୂର୍ବରୁ ବିନୟ ଉପରେ ଲଦି ହୋଇ ପଡ଼ି ତା କାନରେ ଫିସଫିସ ସ୍ୱରରେ କହିଲା - ' ତମେ ବାପା ହେବାକୁ ଯାଉଛ।' ବିନୟ ଖୁସିରେ ଯେମିତି ଆତ୍ମହରା ହୋଇ ପଡିଲା। ପ୍ରତୀଚିକୁ କୋଳାଗ୍ରତ କରିନେଲା ଗୋଟାପଣେ।

ପ୍ରତୀଚି ବିନୟର ଖୁସି ଦେଖି ବୋକା ବନିଗଲା । ଏ ପିଲା ତା'ର ନୁହେଁ ବୋଲି କ'ଣ ଜାଣି ନଥିବ ବିନୟ ! ନିଶ୍ଚୟ ଜାଣିଥିବ ସେ ବାପା ହେବାକୁ ଅସମର୍ଥ ବୋଲି। ତଥାପି...!

- ' ଜାଣ ପ୍ରତୀଚି ! ମୁଁ ଗୋଟିଏ କଥା ତୁମକୁ ଲୁଚେଇ ଥିଲି। ସେଦିନ ପ୍ରତ୍ୟୁଷର କଥାରେ ମୁଁ ବିମର୍ଷ ହୋଇ ଯାଇଥିଲି। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ନିଜ ଦେହରେ ଗୋଟିଏ ଛୋଟିଆ ଅପରେସନ କରାଇ ନେଇଥିଲି। ଡାକ୍ତର ମୋତେ ଆଶ୍ୱାସନା ଦେଇଥିଲେ ମୁଁ ବାପା ହୋଇ ପାରିବି ବୋଲି। ତା'ପରେ ମନ ପରିବର୍ତ୍ତନ ପାଇଁ ତୁମକୁ ନେଇ ମୁଁ ଉଟି ବାହାରି ଯାଇଥିଲି। ଏତେ ଶୀଘ୍ର ଭଲ ଖବର ପାଇବି ବୋଲି ଆଶା କରି ନଥିଲି।'

ବିନୟର ଏ କଥା ପ୍ରତୀଚିକୁ ଆହୁରି ଦ୍ୱନ୍ଦରେ ପକାଇ ଦେଲା।

ପୁତ୍ର ସନ୍ତାନକୁ ନେଇ ଦୁହେଁ ଘରକୁ ଫେରିଲେ ତ ନୂତନ ଅତିଥିଙ୍କୁ ସ୍ୱତନ୍ତ୍ର ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା। ଏକୋଇଶିଆ ପୂଜା ଦିନ ଭୁରି ଭୋଜନରେ ଆପ୍ୟାୟିତ କରାଗଲା ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଙ୍କୁ।କଥା ପ୍ରସଙ୍ଗରେ ପ୍ରତ୍ୟୁଷ ଙ୍କ କଥା ପଡିଲା। 'ପ୍ରତ୍ୟୁଷ ଥିଲେ ବହୁତ ଖୁସି ହୋଇଥାନ୍ତା, ତା' ଗୋଡ଼ ତଳେ ଲାଗୁନଥାନ୍ତା' ବୋଲି ମନ୍ତବ୍ୟ ଦେଲା ବିନୟ।

ଏତିକି କଥାରେ ପ୍ରତିଚୀ ଛାତିଟା ଥରି ଉଠିଲା।

-' ତୁମ ପୁଅ ପାଇଁ ସେ କାହିଁକି ଏତେ ଖୁସି ହୋଇଥାନ୍ତେ ?' ଛେପ ଢୋକି କହିଲା ପ୍ରତୀଚି।

-' ଗୋଟିଏ ଗୂଢ କଥା ତୁମକୁ କହିନାହିଁ। ପ୍ରତ୍ୟୁଷର ବାପା ହେବାର କ୍ଷମତା ନାହିଁ। ବହୁତ ଡାକ୍ତର ଦେଖାଇଛି, ଚେଷ୍ଟା କରିଛି। ମାତ୍ର ସୁଫଳ ପାଇନାହିଁ। ସେଥିପାଇଁ ସେ ବାହା ହୋଇ ନାହିଁ।ଆମ ପାଇଁ ତା'ର ମଧ୍ୟ ମନଦୁଃଖ ଥିଲା। ତା'ରି ପରାମର୍ଶରେ , ମୁଁ ନିଜର ଚିକିତ୍ସା କରାଇଥିଲି। ସେ ଆମ ପୁଅ ପାଇଁ ଖୁସି ହୋଇଥାନ୍ତା କି ନାହିଁ କୁହ !'

ବିନୟର କଥାରେ ପ୍ରତିଚୀ ଏକବାର ହତବାକ ହୋଇଗଲା ! ତେବେ କ'ଣ ପ୍ରତ୍ୟୁଷ ଧ୍ୱାନ୍ତ-ଧୂସର ବୈଶାଖର ରୂପ..!

ଦୁଇ ବର୍ଷ ପରେ ପ୍ରତୀଚି ଆଉଥରେ ମାଆ ହେବାକୁ ଯାଉଛି ଜାଣି, ତା' ମନ ଭିତରେ ସେପର୍ଯ୍ୟନ୍ତ ସମ୍ୟକ ଜାଗରିତ ଥିବା ଦ୍ୱିଧାଭାବ ସଂପୂର୍ଣ୍ଣ କଟି ଯାଇଥିଲା ।

+କୁଞ୍ଜବିହାରୀ ଲେନ, କଟକ

# ସାମାଜିକ କଳଙ୍କ



ସୁନନ୍ଦା ମହାନ୍ତି



ଅପା ଜୀବନର ସାଂସାରିକ ଦୁର୍ଘଟଣା ପାଇଁ ଚେସ ପାଲିର ଖେଳ ଦାୟୀ ହୋଇଥିବାରୁ, ଘରେ ଚେସ ପାଲି ଖେଳ ଏକଦମ ବନ୍ଦ। କାଲି ପରି ଲାଗୁଛି, ଅପା ବୋହୂ ବେଶ ହୋଇ ଟିପି ଟିପି ଚନ୍ଦନ ନାଇ ଝିପି ଝିପି ଶ୍ରାବଣରେ ସାଧବ ବୋହୂ ହୋଇ ଏ ଘରୁ ବିଦା ହେଲାବେଳେ ବାପା ବୋଉଙ୍କ ସହ ଅନି ବି ଖୁବ କାନ୍ଦୁଥିଲା। କିନ୍ତୁ ବର୍ଷେ ପୂରିଛି କି ନାହିଁ ଅପା ଯେବେ ନେଇଥିବା ଦାମୀ ଆଟାଚିରେ ଦାମୀ ଶାଢ଼ୀ, ଗହଣା ଭରି ଏକା ଏକା ଘରକୁ ଆସିଥିଲା ସବୁଠୁ ବେଶୀ ଖୁସି ହୋଇଥିଲା ଆନି। ବୋଉ ବାପା ଆଉ ଅନ୍ୟମାନେ ସେଦିନ ବିଦା ବେଳେ ଏତେ କାନ୍ଦୁଥିଲେ ତ ଅପାକୁ ଦେଖି ଖୁସିରେ ଫାଟି ପଡିବା କଥା କିନ୍ତୁ ସେମିତି କେହି ଖୁସି ହେଲେନି। ବାପାଙ୍କ ଗୁମସୁମ ଚେହେରା ଓ ବୋଉର ସୁଉଁ ସୁଉଁ କାନ୍ଦ ଦେଖି ଆନିକୁ ଅଜବ ଲାଗୁଥିଲା। ଅପାଟା ବି ଘର ଛାଡିଗଲା ପରେ, ଏତେ କାନ୍ଦୁଥିଲା ଯେ ଆନି ଲୁଚେଇ ଲୁଚେଇ ସାଇବାବାଙ୍କୁ ଡାକୁଥିଲା, ଅପା ଫେରିଆସୁ। ଦୁଇ ଭଉଣୀ ଯେମିତି ଖେଳୁଥିଲେ, ବୁଲୁଥିଲେ, ଖୁସି ମଜ୍ଜା କରୁଥିଲେ, ସେମିତି କରନ୍ତେ। ଏକାଠି ପାଖାଳ ଖାଆନ୍ତେ, ହାରମୋନିଅମ କାଢ଼ି ନୂଆ ଗୀତର ତାଳରେ ଗୀତ ବୋଲୁଥାଆନ୍ତେ, ଫଟୋ ଉଠାଉଥାଆନ୍ତେ ହେଲେ ଅପା ବି ଦୁଃଖୀ ଦୁଃଖୀ ରହୁଥିଲା କାହିଁକିର ଉତ୍ତର ଆନି ପାଖେ ନଥିଲା। ସ୍କୁଲରେ ଆନି ଯେବେ ସବୁକଥା କହି ଲିସା ଆଗରେ କାନ୍ଦି ପକାଇଥିଲା, ଲିସା ବୁଝେଇ ଦେଇଥିଲା, ଏମିତି ହୁଏ।

କଣ ଏମିତି ହୁଏ ଲିସା ? କାହିଁକି ? ଆନି ଗୋଟେ ବଡ଼ ପରିବାର ଅର୍ଥାତ ଯୌଥ ପାରିବାରର ଝିଅ ହୋଇଥିବାରୁ, ଆନି ବୟସର ହେଲେ ବି, ଖୁବ ଅଭିଜ୍ଞ ଥିଲା। ତା ପରେ ନବମ ଶ୍ରେଣୀର ଝିଅଟା ନା, ସେ ଯେବେ କୁହେ ଆଶିଷ ତାକୁ ଭଲପାଉଛି, ଆନି କହେ ହଁ ଆଶିଷ ମତେ ବି ଭଲପାଉଛି ତ ଖୁବ ରାଗିଯାଏ।ଲିସା କହେ ହେ ମୋ ମାଲକୁ ତୁ ଆଖିପକେଇବୁନି କେବେ। ଏମିତି କଣ କହୁଛୁ ଲିସା କହିଲେ ଲିସା, ଆନିର ଗାଲ ଚିପି ଦେଇ କହେ କିଛି ଜାଣିନୁ, କୁନି ପିଲାଟା ତୁ। ଆନି ଜଡ଼ସଡ଼ ହେଇଯାଏ। ସତରେ ସେ କିଛି ବୁଝିପାରେନି, ଯେମିତି ବୁଝିପାରୁନି ଅପା ଫେରିଆସିବା ପରେ ଘରେ ଖୁସି ବଦଳରେ ଦୁଃଖ କାହିଁକି ?

ଲିସା ବୁଝେଇ ଦେଇଥିଲା। ଝିଅ ଜନମ ପର ଘରକୁ। ଆଉ ପୁଣି ଝିଅ ଥରେ ବାପା ମାଆଙ୍କ ପାଖରୁ ବିଦା ହୋଇଗଲା ପରେ, ବାପାଙ୍କ ଘରକୁ ଫେରିଆସିବା ପୁଣି ଏକା ଏହା, ଏହା ଏକ ସାମାଜିକ କଳଙ୍କ, ଆନି ଆଶ୍ଚର୍ଯ୍ୟରେ ଆଁ କରି ଶୁଣୁଥାଏ ଲିସା କଥା, ଲିସା ତାକୁ ହଲେଇ ଦେଇ ପଚାରେ କିନ୍ତୁ କାରଣ କଣ ? ଡରି ଡରି ଆନି କହୁଥିଲା ଯେତିକି ଶୁଣିଛି, ଭିଣୋଇଙ୍କର ଚେସ ପାଲିର ନିଶା ଯୋଗୁଁ ଅପା ଘର ଛାଡ଼ିଛି। ମୁଣ୍ଡ ଆଉଁସି ଦେଇ ଆନିର, ଲିସା କହିଲା ଆସନ୍ତା କାଲି ରବିବାର ଅଛି, ମୁଁ ତୁମ ଘରକୁ ଯାଇ ସବୁ ସମାଧାନ କରିଦେବି ଧନ, ଜମା ବ୍ୟସ୍ତ ହୁଅନି ଆନି। ଆଶ୍ଚର୍ଯ୍ୟରେ ଆନି କହୁଥିଲା ତୁ ? ତୁ ଆମ ଘରେ ଶାନ୍ତି ଫେରାଇ ଆଣି ପାରିବୁ !

ତା ଆରଦିନ ଲିସା ପହଞ୍ଚିଥିଲା ଆନି ଘରେ। କିଛି ସମୟ ପରେ ଅପା ଓ ଆନିଙ୍କୁ ଚେସ ପାଲି ଖେଳ ଖେଳିବାକୁ କହି କହୁଥିଲା, ଚେସ ନଖେଳି କିଏ କେମିତି ରହି ପାରୁଛନ୍ତି କେଜାଣି ? ମୁଁ ତ ଜମା ରହିପାରିବି ନାହିଁ, ଏମିତିକି ବାହା ହେଲା ପରେ ଆଶିଷ ଯେବେ ମୋ ସହ ଚେସ ପାଲିର ଖେଳ ନଖେଳିବେ, ସିଧା ଡିଭୋର୍ସ ଦେଇଦେବି କହୁଛି। ତା କଥାରେ ସମସ୍ତେ ଚକିତ ଓ ଆଶ୍ଚର୍ଯ୍ୟ ହେଲାବେଳେ, ଚେସ ଖେଳିବାକୁ ଆନି ଓ ଅପାକୁ ଡାକୁଥିଲା ଲିସା। ସେତେବେଳେ ଅପା ଆସିବାର ଏତେଦିନ ପରେ, ଭିଣୋଇଙ୍କୁ ଫୋନ କରି କହୁଥିଲା ମତେ ଆସି ନେଇଯାଅ, ଆନିର ପରୀକ୍ଷା ପରେ ଆମେ ପୁଣି ମିଶିକି ଆସିବା, ଏଠି ଲିସା ଓ ଆନି ସହ ଚେସ ପାଲି ଖେଳ ଜମିବ। ଅପାଙ୍କ କଥା ଶୁଣି ଲିସା ଚୁପ ଚୁପ ଆନି କାନରେ କହୁଥିଲା ଖେଳ ଖତମ। ଏଥର ମଧ୍ୟ ଆନି ଆଁ କରି ଲିସାକୁ ଅନେଇଲା ବେଳେ ଅପା ଭିଣୋଇଙ୍କ ପାଖକୁ ଫେରିବାକୁ ବ୍ୟାଗ ବ୍ୟାଗେଜ ସଜାଡୁ ଥିବା ଦେଖି ବାପା ବୋଉଙ୍କ ଗୋଡ଼ ତଳେ ଲାଗୁନଥିଲା। ଲିସା ଫେରିଯାଉ ଯାଉ କହୁଥିଲା ଆନି ତୋ ଭିଣେଇ ଆସିଲେ ତାଙ୍କ ସହ ଥରେ ଚେସ ପାଲିର ଖେଳ ଜମାଇଦେବା, ନା କଣ କହୁଛୁ। ଆନି କିଛି କହିବା ଆଗରୁ ଆନିର ଅପା କହୁଥିଲେ, ଭିଣୋଇଙ୍କୁ ଚେସ ଖେଳରେ ହରାଇଲେ ସେ ରାଗିଯାଆନ୍ତି ତେଣୁ ଦେଖିଚାହିଁ ଗୋଟି ଚଲେଇବୁ ଲିସା। ଆନି କେବଳ ଆବାକାବା ହୋଇ ଶୁଣୁଥିଲା ସେ ଦୁହିଁଙ୍କ କଥା।

+ସାକ୍ଷୀଗୋପାଳ

## ମିନିଗଳ୍ପ

# ଚାଂଚଲ୍ୟ

ଡ. ଅନିଲ ନନ୍ଦ



ଆଜକୁ ଠିକ୍ ଦଶବର୍ଷ ତଳେ ଏଇ ପାର୍କ ପାଖରେ ଜୋର୍ ଧରିଥିଲା ଚର୍ଚ୍ଚା । କିଛି ବିସ୍ମୟ, କିଛି ଅସହିଷ୍ଣୁତା ଆଉ କିଛି ଅତିରଞ୍ଜିତ ପ୍ରସଙ୍ଗ ଯୋଡ଼ି ନିମାଇଁ ବାବୁଙ୍କ ପ୍ରଚେଷ୍ଟା ଓ ସଫଳତାକୁ କରା ଯାଇଥିଲା ବିଚିତ୍ରବର୍ଣ୍ଣା । ପେଟକୁ ଭୋକରେ ବାନ୍ଧି, ସମ୍ପର୍କକୁ ସାତସିଆଁ କରି, ଅକାଳ ବାର୍ଦ୍ଧକ୍ୟକୁ ବନ୍ଧୁତା ଭାବି ନେଇ ସାଇତି ରଖିଥିବା ଦୁଇକୋଟି ଟଙ୍କା ହିଁ ଦେଇ ଥିଲା ଦୁଇ ମହଲା ଘର ।

ଆଜି ପୁଣି ସେଇ ନିମାଇଁ ବାବୁଙ୍କୁ ନେଇ ସବୁଠି ଚର୍ଚ୍ଚା । ପ୍ରବାସରେ ପିଲାମାନେ। ବିଦେଶରୁ ଫେରିବେ କି ନା କିଏ ଜାଣେ ! ଖାଁ ଖାଁ ଘର । ନିଃସଙ୍ଗତା ସଙ୍ଗେ ବନ୍ଧୁତା । ନୀରବତା ଏକମାତ୍ର ମନ୍ତ୍ର । ବୃଦ୍ଧ ବୟସରେ ତୁହାକୁ ତୁହା ରୋଗବ୍ୟାଧିର ଯାନିଯାତ୍ରା । ଅସହାୟତାରେ ଆଉଟୁ ପାଉଟୁ ବର୍ତ୍ତମାନ । ଏଡେବଡ ଶୂନ୍ୟତା ଭାଙ୍ଗିବାକୁ ମଝିରେ ମଝିରେ ପଶିଆସେ ଦଲକାଏ ପବନ । କୋଉଠି ମିଳାଇ ଯାଏ ଅନ୍ଧାର ସାଙ୍ଗରେ ଜମା ଜଣା ପଡେନାହିଁ ଆହା !

କ୍ୟାମ୍ପସ -୯ , କିଟ୍, ଭୁବନେଶ୍ୱର
( ମୋ ) ୯୯୩୭୮୪୩୩୬୮

# ଦେଢ଼ ବର୍ଷ ତଳୁ ୫୮୦୦ କଳାକାର କରିଛନ୍ତି ଆବେଦନ: ଅଡିସନ୍ ସରିଛି, ମିଳୁନି ଭତ୍ତା

ପୁରୀ , ୧୬/୦୭ (ନି.ପ୍ର): ବର୍ଷବର୍ଷ ଧରି କଳାକୁ ବଞ୍ଚେଇ ରଖିବା ସତ୍ତ୍ୱେ କଳାକାର ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି ଅନେକ। ଆବେଦନ କରିଛନ୍ତି, କିନ୍ତୁ ଜୀବନର ଅନ୍ତିମ କ୍ଷଣରେ ଲୋଡ଼ୁଥିବା କଳାକାର ଭତ୍ତା ମିଳିବା ସମୟକୁ ଗଡ଼ାଇ ଚାଲିଛନ୍ତି ସରକାର। ଦେଢ଼ ବର୍ଷ ତଳୁ ପ୍ରାୟ ୫୮୦୦ କଳାକାର ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇଁ ଆବେଦନ କରିଛନ୍ତି। ଚୟନ କମିଟି ଯାଇ ଅଡିସନ୍ କରି ଚୟନ ପ୍ରକ୍ରିୟା ସାରିଛି। ଅଥଚ ଆଜିଯାଏ ଭତ୍ତା ମିଳି ପାରିଲା ନାହିଁ।



ପୁରୀ ଜିଲ୍ଲାରେ ୯୬ଜଣଙ୍କୁ ଯୋଡ଼ିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏଥିପାଇଁ ଆବେଦନ କରିଥିଲେ ୫୮୦୦ କଳାକାର। ଏମାନଙ୍କ ମଧ୍ୟରୁ ୫ ହଜାର ଆବେଦନପତ୍ର ପ୍ରଥମ ପର୍ଯ୍ୟାୟ ?ରେ ଯାଞ୍ଚ କରି ଚୟନ କରାଯାଇଥିଲା। ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ଏହି ଆବେଦନପତ୍ରର ସତ୍ୟାସତ୍ୟ ଯାଞ୍ଚ ପାଇଁ ବ୍ଲକ୍ ପ୍ରଶାସନ ଓ ତହସିଲ ପକ୍ଷରୁ ମିଳିତ ଭାବେ ଏକ କମିଟି ଗଠନ କରାଯାଇଥିଲା। ଇତିମଧ୍ୟରେ ଦେଢ଼ ବର୍ଷ ବିତିଯାଇଥିଲେ ହେଁ କେଉଁ କଳାକାର ବାସ୍ତବରେ ଭତ୍ତା ପାଇବେ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଇତିମଧ୍ୟରେ କିଛି କଳାକାରଙ୍କର ଦେହାନ୍ତ ହୋଇଯାଇଛି।

ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ ପ୍ରଧାନ କହିଛନ୍ତି, ୨୦୧୮ ମସିହାରେ ୩୦ଟି ପାରମ୍ପରିକ କଳାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ପାଇଁ ଚୟନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ କଳାକାର ନୁହନ୍ତି। ବହୁ ଅଣକଳାକାରଙ୍କୁ ପ୍ରମାଣପତ୍ର ବାଣ୍ଟିଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଏନେଇ ପୂର୍ବରୁ ଜଣେ କଳାକାର ଭାବେ ଅଭିଯୋଗ କରି ଆସିଥିଲି। କିନ୍ତୁ ବାସ୍ତବତା ବୁଝିବା ପରେ ଚୁପ୍ ରହିବାକୁ ପଡ଼ିଥିଲା। ଆବେଦନ ସଂଖ୍ୟା ଯେତେ ବଢ଼ିଲେ ବି ସମସ୍ତେ ଭତ୍ତା ପାଇବେ ନାହିଁ। ସୀମିତ ସଂଖ୍ୟକ କଳାକାରଙ୍କୁ ଭତ୍ତା ଦିଆଯିବାର ବ୍ୟବସ୍ଥା ରହିଛି। ଭତ୍ତା ପାଉଥିବା କଳାକାରଙ୍କ ମଧ୍ୟରୁ ପ୍ରାୟ ୧୦୫ ଜଣ କଳାକାରଙ୍କ ଦେହାନ୍ତ ପରେ ତାଙ୍କ ସ୍ଥାନରେ ଅନ୍ୟମାନଙ୍କ ନାଁ ଯୋଡ଼ାଯିବ। ସେଇ ଭିତ୍ତିରେ ବରିଷ୍ଠତାକୁ ଗୁରୁତ୍ୱପୂର୍ବକ ଏହି ତାଲିକାରେ ଯୋଡ଼ିବା ପାଇଁ ପୂର୍ବରୁ ଅଡିସନ୍ ହୋଇଛି ବୋଲି ସେ କହିଛନ୍ତି। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା କହିଛନ୍ତି, ପୁରୀ ଜିଲ୍ଲାରେ ୧୭୮୧ ଜଣ କଳାକାର ୧୨୦୦ ଟଙ୍କା ଲେଖାଏଁ ଭତ୍ତା ପାଉଛନ୍ତି। ଅନ୍ୟ ଆବେଦନକାରୀଙ୍କର ଅଡିସନ୍ ସରିଛି। ଖୁବଶୀଘ୍ର ଯୋଗ୍ୟ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ତାଲିକାରେ ଯୋଡ଼ିହେବେ ବୋଲି ସେ କହିଛନ୍ତି।

# ୨୦ରୁ ୨୫ ବର୍ଷ ନିରନ୍ତର ସେବା ଯୋଗାଇଥିବା ସୁରକ୍ଷା ଗାର୍ଡଙ୍କୁ ଛଟେଇ: ପୁନଃ ଥଇଥାନ ଦାବିରେ ଧାରଣା

କନ୍ଧମାଳ, ୧୬/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ମୁଖ୍ୟାଳୟରେ ଥିବା ବିଦ୍ୟୁତ ବିଭାଗର ବିଦ୍ୟୁତ୍ ସରଞ୍ଜାମ ଗୋଦାମରେ ଦିର୍ଘ ବର୍ଷ ଧରି ନିରନ୍ତର କାର୍ଯ୍ୟ କରି ଆସୁଥିବା ସୁରକ୍ଷା ଗାର୍ଡ ମାନଙ୍କୁ ଛଟେଇ କରି ଦିଆଯାଇଛି। ସେମାନଙ୍କୁ ପୁନଃ ଥଇଥାନ ଦାବିରେ ଆଜି ସମସ୍ତ ଛଟେଇ ସୁରକ୍ଷା ଗାର୍ଡ ଭୀଷଣ ବର୍ଷାରେ ମଧ ଗୋଦାମ ଆଗରେ ଧାରଣାରେ ବସିଛନ୍ତି। ସେମାନଙ୍କ ଦାବି ଅନୁସାରେ ସେମାନେ ଫୁଲବାଣୀ ବିଦ୍ୟୁତ୍ ଡିଭିଜନ ଷ୍ଟୋରରେ ସିକ୍ୟୁରିଟି ଗାର୍ଡ ଭାବେ ଆଜିକୁ ପ୍ରାୟ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିଲେ। ସେମାନଙ୍କୁ ସେଥିପାଇଁ ଅତି କମ୍ ଦରମା ପ୍ରଦାନ କରାଯାଉଥିଲା। ତଥାପି ସେମାନେ ସେହି କମ ଦରମାରେ ନିଜ ନିଜର ପରିବାର ପ୍ରତିପୋଷଣ କରୁଥିଲେ। ଏହା ମଧ୍ୟରେ ଏହି କାର୍ଯ୍ୟ ଦୁଇ ତିନିଟି ଠିକା ସଂସ୍ଥା ହାତକୁ ଯାଇଥିଲେ ହେଁ ସେହି ସଂସ୍ଥା ଏହି ସୁରକ୍ଷା ଗାର୍ଡ ମାନଙ୍କୁ ଛଟେଇ କରି ନଥିଲା। ସେମାନେ ମଧ ଠିକ୍ ଭାବରେ ଗୋଦାମର ସୁରକ୍ଷା ଦାୟିତ୍ୱ ତୁଲାଇ ଆସୁଥିଲେ। ହେଲେ ଆଜି ଠାରୁ ସେଠାର ସୁରକ୍ଷା ଦାୟିତ୍ୱ ନୂତନ ଠିକା ସଂସ୍ଥା ନେଇଛି। ଏହି ସଂସ୍ଥାର ମାଲିକ ଏହି ସୁରକ୍ଷା ଗାର୍ଡ ମାନଙ୍କୁ ବୟସ ଅଧିକ ହୋଇଥିବା କହିବା ସହିତ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଓ ଶାରୀରିକ ଫିଟନେସ୍ ନ ଥିବା କହି ସେମାନଙ୍କୁ କାର୍ଯ୍ୟରୁ ଛଟେଇ କରି ଦେଇଥିବା କହିଛନ୍ତି। ତେଣୁ ଆଜିଠାରୁ ସୁରକ୍ଷା କର୍ମୀଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଥିବା ସୀମାଟଂଳ ପଟ୍ଟନାୟକ, ଜଗନ୍ନାଥ ସାହୁ, ମନୋରଞ୍ଜନ ମୁଖି ଓ ସୁରେଶ ତରାଇ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସିଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ଏହି ବାବଦରେ ଠିକା ସଂସ୍ଥା ହିଁ କୌଣସି ନିଷ୍ପତି ନେବ ବୋଲି କହିଛନ୍ତି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲେବୁଲ -୩ ପ୍ରଧାନ ଶିକ୍ଷକଙ୍କ ପଦୋନ୍ନତିରେ ଅନିୟମିତତା ଅଭିଯୋଗ

କେନ୍ଦ୍ରାପଡା , ୧୬/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଲେବୁଲ -୩ ପ୍ରଧାନ ଶିକ୍ଷକଙ୍କ ପଦୋନ୍ନତି ରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ପଦୋନ୍ନତି ରୁ ବଂଚିତ ହୋଇଥିବା ବହୁ ବରିଷ୍ଠ ଶିକ୍ଷକ ଏନେଇ କ୍ଷୋଭ ପ୍ରକାଶ କରିବା ସହ ପଦୋନ୍ନତି ସଂପର୍କିତ ଗାଇଡଲାଇନ କୁ ଅଣଦେଖା କରାଯାଇ ଥିବା ଅଭିଯୋଗ କରିଛନ୍ତି। ବ୍ଲକରେ ସମୁଦାୟ ୧୯ଟି ଲେବୁଲ -୩ ପ୍ରଧାନ ଶିକ୍ଷକଙ୍କ ପଦବୀ କୁ ପ୍ରମୋଶନ ଦିଆଯାଇ ଥିବାବେଳେ ଏଥିରେ ଜନଜାତି ବର୍ଗର ୨ ଜଣଙ୍କୁ ଓ ଦଳିତ ବର୍ଗର ୮ ଜଣ ଓ ସାଧାରଣ ବର୍ଗର ୯ ଜଣଙ୍କୁ ଲେବୁଲ ପଦୋନ୍ନତି ଦିଆଯାଇଛି। ସଂରକ୍ଷଣ କୋଟା ଅନୁଯାଇ ଦଳିତ ବର୍ଗର ୨୫ ଭାଗ ଓ ସାଧାରଣ ବର୍ଗର ୬୨ ଭାଗ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯିବା କଥା। କିନ୍ତୁ ଏଠାରେ ସମାନ ସଂଖ୍ୟକ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ଥିବା ଅଭିଯୋଗ ହୋଇଛି। ଓ ଏହି ଅନିୟମିତତା ପଛରେ ଆର୍ଥିକ କାରବାର ର ସଂପର୍କ ଅଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ବନ୍ଧରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରବୀଣ କୁମାର ରାଉତଙ୍କୁ ପଚାରିବାରେ ସେ କହନ୍ତି ଯେ ପଦୋନ୍ନତି ଦେବାରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କୌଣସି ଭୂମିକା ନାହିଁ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଯେଉଁ ମାନଙ୍କୁ ପଦୋନ୍ନତି ଦିଆଯାଇଛି ସେମାନଙ୍କ ତାଲିକା ଆମ ପାଖକୁ ଆସିଥିଲା। ସେହି ଅନୁଯାଇ ଆମେ ପଦୋନ୍ନତି ଦେଇଛୁ। ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଫୋନ ମାଧମରେ ଯୋଗାଯୋଗ କରାଯାଇ ଥିଲେ ମଧ ସେ ଫୋନ ଉଠାଇ ନଥିବାରୁ ପ୍ରତିକ୍ରିୟା ଜଣାପଡି ନାହିଁ।


# ସୂଚନା ଅଧିକାର କର୍ମୀଙ୍କୁ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ସ୍ମାରକ ପତ୍ର ପ୍ରଦାନ

କନ୍ଧମାଳ , ୧୬/୦୭ (ନି.ପ୍ର): ଦେଶରେ ସ୍ୱଚ୍ଛ ନିର୍ମଳ,ଉତରଦାୟୀ ଓ ଦୁର୍ନୀତିମୁକ୍ତ ଶାସନ ପାଇଁ ଦେଶ ସ୍ୱାଧିନର ୫୯ବର୍ଷ ପରେ ୨୦୦୫ମସିହାରେ ଜନ ସୂଚନା ଅଧିକାର ଆଇନ କାର୍ଯ୍ୟକାରୀ ହେଲା। ଶାସନ କଳକୁ ଅଧିକ ଲୋକାଭିମୁଖୀ ଓ ଅଧିକ ସ୍ୱଚ୍ଛ ଓ ସଂମ୍ପୂର୍ଣ୍ଣ ଦୁର୍ନୀତି ଭ୍ରଷ୍ଟାଚାର ମୁକ୍ତ କରିବାକୁ ଓଡିଶା ସରକାର ଆଉପାଦେ ଆଗକୁ ଯାଇ ୫ଟି କାର୍ଯ୍ୟକାରୀ କଲେ। ହେଲେ ଦୁର୍ନୀତି କିଭଳି ନୀତିରେ ପରିଣତ ହୋଇଛି ସମସ୍ତେ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୂଚନା ଅଧିକାର କର୍ମୀମାନେ ସୂଚନା ଅଧିକାର ଆଇନ ଉପଯୋଗ କରି ଦୁର୍ନୀତିଗ୍ରସ୍ତ କର୍ମଚାରୀ, ରାଜନେତା, ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଦୁର୍ନୀତି ଲୋକ ଲୋଚନକୁ ଆଣଛନ୍ତି।କିନ୍ତୁ ଏଥିରେ ଉତକ୍ଷିପ୍ତ ହୋଇ ଅସାମାଜିକ ଲୋକଙ୍କ ଜରିଆରେ ରାଜନୈତିକ ବ୍ୟକ୍ତି ଓ ଅସାଧୁ ଅଧିକାରୀ ମାନେ ସୂଚନା ଅଧିକାର କର୍ମୀଙ୍କୁ ଆକ୍ରମଣ କରିବା ଓ ମିଥ୍ୟା ମାମଲାରେ ଫସାଇ ସୂଚନା ଅଧିକାର ଆଇନକୁ ଅକାମି କରିବାକୁ ଚେଷ୍ଟା କରୁଛନ୍ତି।ଫୁଲବାଣୀ ପୌର ପରିଷଦରେ ନିମ୍ନମାନର କାମ ହେତୁ ନାରାୟଣୀ ପାର୍କ, ପିଅନପଡା ପୋଖରୀ ଭୁଷୁଡି ପଡିବା,ଅମୃତ ସରୋବର ଠକେଇ ହେବା,ଆଡିବନ୍ଧ ଭାଙ୍ଗି ଯିବା,ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ପିଚୁ ଉଠିଯିବା,ରାସ୍ତା କଡ ଡ୍ରେନ ଗାର୍ଡୱାଲ ଭାଙ୍ଗିଯିବା ,ନିମ୍ନମାନର କୋଠା ନିର୍ମାଣ, କମ ମୂଲ୍ୟ ର କାମକୁ ଅଧିକ ବିଲ କରିବା ଇତ୍ୟାଦି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ୫ଟି କୁ ସୂଚନା ଅଧିକାର କର୍ମୀ କାର୍ଯ୍ୟକାରୀ କରୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ସରକାର ଯତ୍ନବାନ ହେବାକୁ ଜୁଲାଇ ୧୫ତାରିଖରେ ରାଜ୍ୟ ବ୍ୟାପି ଆନ୍ଦୋଳନ କରି ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହା ବ୍ୟତୀତ ଯାଜପୁର ଧାମନଗର ବିଧାୟକଙ୍କ ନିର୍ଦ୍ଦେଶରେ ଧାମନଗର ତହସିଲଦାର ଓ ପୋଲିସ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେଉରାଙ୍କ ଉପରେ ମିଥ୍ୟା ମାମଲା ରୁଜୁ କରିଛନ୍ତି। ସର୍ବେଶ୍ୱର ବେଉରା ଯାଜପୁର ଜିଲ୍ଲାର ୨୦୦ କୋଟିର ଖଣିଜ ସମ୍ପଦର ଲୁଟ ଆରଟିଆଇରେ ମାଗି ଲୋକାୟୁକ୍ତ ରେ ଦେବାରୁ ସେମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ, କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି।ସେହିପରି ବାଲିଚନ୍ଦ୍ରପୁର ଅଞ୍ଚଳରୁ ୨୮୦ କୋଟି ଟଙ୍କା ଲିଜଧାରୀଙ୍କ ଠାରୁ ଆଦାୟ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ।

# ଶୁଖିଲା ପଡ଼ିଛି ଇନ୍ଦ୍ରାବତୀ ଜଳଭଣ୍ଡାର: ଗଚ୍ଛିତ ଅଛି ମାତ୍ର ୧୮ ପ୍ରତିଶତ ଜଳ

## ଗତବର୍ଷ ତୁଳନାରେ ୧୩ ପ୍ରତିଶତ କମ, ଧାର୍ଯ୍ୟ ଲକ୍ଷ୍ୟଠାରୁ ୯ମିଟର କମ ପାଣି

ନବରଙ୍ଗପୁର , ୧୬/୦୭ (ନି.ପ୍ର): ସ୍ୱଳ୍ପ ବୃଷ୍ଟି ଯୋଗୁ ନବରଙ୍ଗପୁର ଜିଲ୍ଲାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲାଣି। ଶୁଖିଗଲାଣି ଚିରସ୍ରୋତା ନଦୀ, ନାଳ ଏବଂ ଅନ୍ୟାନ୍ୟ ଜଳଉତ୍ସ। ଇନ୍ଦ୍ରାବତୀ ଜଳଭଣ୍ଡାର ଅବସ୍ଥା ମଧ ଆଦୌ ଭଲ ନାହିଁ। ଆଗକୁ ବଡ଼ଧରଣର ଜଳସଂକଟ ନିଶ୍ଚିତ ବୋଲି ସଂକେତ ମିଳିସାରିଲାଣି। କାରଣ ଇନ୍ଦ୍ରାବତୀ ଜଳଭଣ୍ଡାରରେ ଗଚ୍ଛିତ ରହିଛି ମାତ୍ର ୨୭୩୬୩ ହେକ୍ଟୋମିଟର ଜଳ। ଯାହାର ଜଳଭଣ୍ଡାରର ଜଳଧାରଣ କ୍ଷମତାର ମାତ୍ର ୧୮.୪୨ ପ୍ରତିଶତ। ଗତବର୍ଷ ଆଜିର ତାରିଖରେ ୪୬୪୯୯ ହେକ୍ଟୋମିଟର ଅର୍ଥାତ ୩୧.୩୦ ପ୍ରତିଶତ ଜଳ ଗଚ୍ଛିତ ରହିଥିଲା। ପ୍ରାୟ ୧୩ପ୍ରତିଶତ ଜଳ କମିଥିବାରୁ ବଡ଼ ବର୍ଷା ନହେଲେ ନିଅଣ୍ଟ ଭରଣା କରିବା ଅସମ୍ଭବ। ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଜଳଭଣ୍ଡାର ଉପରମୁଣ୍ଡରେ ବର୍ଷା ପରିମାଣ ଯଥେଷ୍ଟ କମିଛି। ଗତବର୍ଷ କେବଳ ଜୁନ୍ ମାସରେ ଜଳଭଣ୍ଡାର ଅଞ୍ଚଳରେ ୨୪୧ମିମି ବର୍ଷା ହୋଇଥିବା ବେଳେ ଚଳିତବର୍ଷ ଜୁନ୍ ମାସରେ ୧୭୭ମିମି ଓ ଚଳିତ ମାସର ପ୍ରଥମ ୧୫ଦିନ ମଧ୍ୟରେ ମାତ୍ର ୫୧ମିମି ବର୍ଷା ହୋଇଛି। କେବଳ ଜଳଭଣ୍ଡାର ଅଞ୍ଚଳ ନୁହେଁ ଯେଉଁ ଅଞ୍ଚଳରୁ ଜଳଭଣ୍ଡାରକୁ ପାଣି ଆସୁଛି ସେଠାରେ ମଧ ବିଶେଷ ବର୍ଷା ନାହିଁ। ଜଳଭଣ୍ଡାର ଜଳଧାରଣ କ୍ଷମତା ୧ଲକ୍ଷ ୪୮ହଜାର ୫୫୦ହେକ୍ଟୋମିଟର (ଜଳସ୍ତର ୬୪୨ମିଟର)। ସାଧାରଣତଃ ଜୁଲାଇ ପହିଲାରେ ୬୩୮ମିଟର ପାଣି ଗଚ୍ଛିତ ରହିବା କଥା। କିନ୍ତୁ ଆଜିର ତାରିଖରେ ଜଳଭଣ୍ଡାରରେ ୭୨୯.୧୭ମିଟର ପାଣି ରହିଛି। ଅର୍ଥାତ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ପ୍ରାୟ ୯ମିଟର କମ ପାଣି ବର୍ତ୍ତମାନ ଜଳଭଣ୍ଡରରେ ରହିଛି। ସେହିପରି ଜଳଭଣ୍ଡାର ମଧକୁ ପ୍ରତି ସେକେଣ୍ଡରେ ୨୯ କ୍ୟୁମେକ୍ ଜଳ ପ୍ରବେଶ କରୁଥିବା ବେଳେ ୭୯ କ୍ୟୁମେକ୍ ଜଳ ନିଷ୍କାସିତ ହେଉଛି। ପାୱାର ହାଉସରୁ ପ୍ରତି ସେକେଣ୍ଡରେ ୭୧ କ୍ୟୁମେକ୍ ଜଳ ମହାନଦୀ ବେସିନ୍ ଅନ୍ତର୍ଗତ ହାତୀନଦୀ ବେରେଜ୍‌କୁ ଯାଉଛି। ସେହିପରି ଇନ୍ଦ୍ରାବତୀ ନଦୀରେ ୫.୧୫ କ୍ୟୁମେକ୍ ଜଳ ପ୍ରବେଶ ହେଉଥିବା ବେଳେ ଲିକେଜ୍ ଯୋଗୁ ୨.୫୦ କ୍ୟୁମେକ୍ ଜଳ ନିଷ୍କାସନ ହେଉଛି।



ପ୍ରବେଶ କରୁଥିବା ପାଣି ଠାରୁ ଦୁଇ ଗୁଣ ଅଧିକ ନିଷ୍କାସିତ ହୋଉଥିବା ଜଣାପଡ଼ିଛି।

ଇନ୍ଦ୍ରାବତୀ ପ୍ରକଳ୍ପ ଉପରମୁଣ୍ଡକୁ ଲାଗି କଳାହାଣ୍ଡି, କୋରାପୁଟ, ରାୟଗଡ଼ା ଜିଲ୍ଲାର କାଶୀପୁର, ଥୁଆମୂଳ ରାମପୁର ଓ ନବରଙ୍ଗପୁର ସୀମା ରହିଛି। ଯାହାର ପରିମାଣ ପ୍ରାୟ ୨୬୩୦ ବର୍ଗକିଲୋମିଟର ହୋଇଥିବା ବେଳେ ସେଥିରୁ ୧୧୦ ବର୍ଗକିଲୋମିଟର ପରିବ୍ୟାପ୍ତ ଅଞ୍ଚଳର ବର୍ଷା ଜଳ ଜଳଭଣ୍ଡାର ମଧ୍ୟରେ ଗଚ୍ଛିତ ହୋଇଥାଏ। ଜଳଭଣ୍ଡାର ଅଞ୍ଚଳରେ ଚଳିତ ବର୍ଷ ଜାନୁଆରି ମାସରୁ ଆଜି ପର୍ଯ୍ୟନ୍ତ ମାତ୍ର ୪୩୪.୪୦ ମିମି ବର୍ଷା ହୋଇଛି। ଯାହାଫଳରେ ଜଳଭଣ୍ଡାର ଜଳସ୍ତର କମିଥିବା କୁହାଯାଉଛି। ଏମିତି ସ୍ଥିତିରେ ବିଦ୍ୟୁତ୍ ଉତ୍ପାଦନ ସଂପୂର୍ଣ୍ଣ ପ୍ରଭାବିତ ହେବ ବୋଲି ଆକଳନ କରାଯାଉଛି। କଳାହାଣ୍ଡି ଜିଲ୍ଲାର ଜଳସେଚନକୁ ଆଧାର କରି ଏବଂ ଷ୍ଟେଟ ଲୋଡ୍ ଡେସ୍‌ପାଚ୍ ସେଣ୍ଟରର ଆବଶ୍ୟକ ମୁତାବକ ବିଦ୍ୟୁତ ଉତ୍ପାଦନ ହୋଇଥାଏ। ଏହିକ୍ରମରେ ମୁଖିଗୁଡା ସ୍ଥିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରରୁ ପ୍ରତି ଘଣ୍ଟାରେ ୨୧୪ ମେଗାୱାଟ୍ ବିଦ୍ୟୁତ ଉତ୍ପାଦନ ହେଉଥିବା ସୂଚନା ମିଳିଛି। ବିଦ୍ୟୁତ ଉତ୍ପାଦନ ପରେ ନିଷ୍କାସିତ ପାଣି ମଙ୍ଗଳପୁର ବ୍ୟାରେଜରେ ଗଚ୍ଛିତ ହୋଇ ପରବର୍ତ୍ତୀ ସମୟରେ ହାତୀନଦୀ ଦେଇ ମହାନଦୀରେ ମିଶୁଛି।

# କେନ୍ଦ୍ରାପଡାରେ 'ବିଶ୍ୱ ଯୁବ ଦକ୍ଷତା ଦିବସ' ପାଳନ

କେନ୍ଦ୍ରାପଡା , ୧୬/୦୭ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ 'ବିଶ୍ୱ ଯୁବ ଦକ୍ଷତା ଦିବସ' ପାଳନ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦକ୍ଷତାର ବୃଦ୍ଧି ହେଲେ କେବଳ ମାନବ ସମ୍ବଳର ବିକାଶ ହୁଏନି ସମାଜରେ ବ୍ୟାପକ ରୂପାନ୍ତର ଆସେ ବୋଲି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ବିଜୁ ଦକ୍ଷତା ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା। ସେ ଦକ୍ଷତା ବିକାଶ ପାଇଁ ତାଲିମ୍ ଉପରେ ଫୋକସ୍ କରିବା ପାଇଁ କହିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ପାଇଁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିବା ତାଲିମ୍ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇ ଥିଲା। ପୂର୍ବରୁ ଅନୁଷ୍ଠିତ ହୋଇଥିବା କୁଇଜ୍, ପ୍ରବନ୍ଧ ଓ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନେ ମଧ୍ୟ ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାହୁ ପରିଚାଳନା କରି କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଜୀବି ନେଲେ ତାଲିମ

ଜୟପୁର, ୧୬/୦୭ (ନି.ପ୍ର): ଜୟପୁର ସ୍ଥିତ ଜିଲା କୋର୍ଟ ପରିସରରେ ଆଇନଜିବି ନେଲେ ତାଲିମ। ଭାରଚୁଆଲ ହାଇକୋର୍ଟ ଓ ଇ- ଫାଇଲିଙ୍ଗ ଉପରେ ନେଲେ ତାଲିମ। ଅନ ଲାଇନରେ କିପରି ଫାଇଲିଙ୍ଗ କରିବେ, ବେଲ ଆବେଦନ କରିବେ, ଶୁଣାଣି କରିବେ ସେ ଉପରେ ତାଲିମ ନେଇଥିଲେ। କୋର୍ଟ ପରିସରରେ ତାଲିମ ନେଇଥିଲେ। ଜିଲା ଓକିଲ ସଂଘର ୨୨ ଜଣ ଆଇନଜୀବି ତାଲିମ ନେଇଥିଲେ। ହାଇକୋର୍ଟ ଜଣେ କର୍ମଚାରି ତାଲିମ ଦେଇଥିଲେ। ଜୟପୁର ରେ ଭାରଚୁଆଲ ହାଇକୋର୍ଟ ଖୋଲି ଥିବାରୁ ଆଇନଜିବିଙ୍କ ସୁବିଧା ପାଇଁ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

# ୫ ବର୍ଷର ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠିର ହିସାବ: ଆଦାୟ ୧୨୯୪ କୋଟି, ଖର୍ଚ୍ଚ ୯୬୧ କୋଟି

ଯାଜପୁର , ୧୬/୦୭ (ନି.ପ୍ର): ଯାଜପୁର ଜିଲ୍ଲାର ଖଣି ଓ ଶିଳ୍ପରୁ ଗତ ୫ ବର୍ଷ ମଧ୍ୟରେ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି ବାବଦକୁ ଆଦାୟ ହୋଇଛି ୧୨୯୪ କୋଟି ୪୭ଲକ୍ଷ ଟଙ୍କା। ଡିଏମ୍‌ଏଫ୍ ଅନୁଦାନରୁ ବିଭିନ୍ନ ପ୍ରକଳ୍ପ ବାବଦକୁ ଖର୍ଚ୍ଚ ହୋଇଛି ୯୬୧କୋଟି ୨୨ଲକ୍ଷ ଟଙ୍କା। ହେଲେ ଯେଉଁ ଅଞ୍ଚଳରୁ ଏହି ପାଣ୍ଠି ଆଦାୟ ହୋଇଛି ସେଠାରେ ବିକାଶ ବାଟ ହୁଡ଼ିଛି। ବିକାଶରେ ପାତର ଅନ୍ତର ପାଇଁ କେଉଁଠି ମେଞ୍ଚାଏ ତ ଆଉ କେଉଁଠି କେଞ୍ଚାଏ ଖର୍ଚ୍ଚ ହେଉଛି। ଜିଲ୍ଲାର ଭିତ୍ତିଭୂମି ମଧ ଆଶାଜନକ ବିକାଶ ହୋଇନାହିଁ। ସରକାରୀ ଜମିରୁ ଲଘୁ ଖଣିଜ ମାଫିଆ ମାଟି, ମୋରମ ତାଡ଼ି ନେଉଥିବା ବେଳେ ନଦୀପଠା ଓ ଖାଲୁଆ ଜମି ପୋତିବା ଆଳରେ ସରକାରୀ କଳ ଶହଶହ କୋଟି ଟଙ୍କା ଖର୍ଚ୍ଚ କରୁଛି। ଯାଜପୁର ସହର ବୈତରଣୀ ନଦୀପଠା ପୋତିବାରେ ବ୍ୟାପକ ଅନୁଦାନ ବ୍ୟୟ ହୋଇଥିବା ବେଳେ ଷଠିପୁରଠାରେ ପାଟନାଳୀକୁ ପୋତାରେ ବ୍ୟାପକ ଅନିୟମିତତା ହୋଇଛି। ବିକାଶର ସୀମା ଯାଜପୁର ସହରରୁ ପାଣିକୋଇଲି ମଧରେ ସତେ ଯେପରି ଅଟକି ଯାଇଛି। ସୁକିନ୍ଦାର କ୍ରୋମ ଉପତ୍ୟକାରୁ ଡିଏମ୍‌ଏମ୍ ବାବଦରେ ବହୁ ଅର୍ଥ ଆଦାୟ ହୋଇଥିବା ବେଳେ ତୁମୁଣି ଓ ଗୁହିଆଶାଳ ଭଳି ଜୁଆଙ୍ଗମାନଙ୍କ ଗାଁକୁ ପାଦଚଲା ରାସ୍ତାଟିଏ ହୋଇପାରିନି। ଖାଦ୍ୟ ସୁରକ୍ଷାର ଅଭାବ ସହ ଅପପୁଷ୍ଟି ସମସ୍ୟାରେ ଲୋକେ ସନ୍ତୁଳି ହେଉଛନ୍ତି। ଅନାହାର ପ୍ରସଙ୍ଗରେ ହାଇକୋର୍ଟଙ୍କ ତାଗିଦ ପରେ ବି ଜିଲ୍ଲା ପ୍ରଶାସନର ସେପରି ତତ୍ପରତା ଦେଖିବାକୁ ମିଳୁନାହିଁ। ବାହାର ଚାକଚକ୍ୟ ମଧ୍ୟରେ ବିକାଶ ସୀମିତ ରହିଛି। କହିବାକୁ ଗଲେ ଜିଲ୍ଲାର ଭିତ୍ତିଭୂମି ବିକାଶ ଦିଗହରା ହେବାରେ ଲାଗିଛି। ସରକାରୀ ତଥ୍ୟ ମୁତାବକ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି ବାବଦକୁ ୨୭୦.୦୬ କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ୨୦୧୯ -୨୦ ରେ ୨୪୩.୦୬ କୋଟି ଟଙ୍କା, ୨୦୨୦ -୨୧ରେ ୧୫୩.୦୨ କୋଟି ଟଙ୍କା, ୨୦୨୧-୨୨ରେ ୩୪୪.୦୪ କୋଟି ଟଙ୍କା



,୨୦୨୨-୨୩ରେ ୨୮୩.୭୫ କୋଟି ଟଙ୍କା ଏଭଳି ୫ବର୍ଷରେ ୧୨୯୪କୋଟି ୪୭ଲକ୍ଷ ଟଙ୍କା ଆଦାୟ ହୋଇଛି। ସେହିପରି ୨୦୧୮-୧୯ରେ ଡିଏମ୍‌ଏଫ୍ ଅନୁଦାନ ୧୧୫.୯୯ କୋଟି ଟଙ୍କା ବ୍ୟୟ ହୋଇଥିବା ବେଳେ ୨୦୧୯-୨୦ରେ ୧୪୪.୮୮ କୋଟି ଟଙ୍କା, ୨୦୨୦-୨୧ରେ ୨୬୩.୫୧ କୋଟି ଟଙ୍କା, ୨୦୨୧-୨୨ରେ ୬୮.୫୮ କୋଟି ଟଙ୍କା, ୨୦୨୨ -୨୩ ରେ ୩୬୮.୨୬ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ୫ବର୍ଷରେ ମୋଟ ୯୬୧.୨୨ କୋଟି ଟଙ୍କା ବ୍ୟୟ ହୋଇଛି। ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଶିକ୍ଷା, ଉଦ୍ୟାନ, ଜଳବିଭାଜିକା, ପ୍ରାଣୀ ଚିକିତ୍ସା , ପଞ୍ଚାୟତିରାଜ ଓ ପାନୀୟ ଜଳ, ରେଶମ ଚାଷ, ମିସନ ଶକ୍ତି ପ୍ରଭୃତି ବିଭାଗ ଜରିଆରେ ଖଣିଜ ନ୍ୟାସ ପାଣ୍ଠି ବ୍ୟୟ କରାଯାଇଛି। ତଥାପି ଜିଲ୍ଲାବାସୀଙ୍କ ନିକଟରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚିପାରି ନାହିଁ। କାଳିଆପାଣି କ୍ରୋମଉପତ୍ୟକାର ଜୀବନରେଖା ଟମକା-ମଙ୍ଗଳପୁର ରାସ୍ତା ପାଇଁ ଜଙ୍ଗଲ ବିଭାଗକୁ ଡିଏମଏଫରୁ ମାତ୍ର ୩୭କୋଟି ଟଙ୍କା ଦେବାକୁ ୭ବର୍ଷ ଲାଗିଲାଣି। ଫଳରେ ଲୋକେ ରାସ୍ତା ଜାମ୍ ସମସ୍ୟାରେ ଅହରହ ଘାଣ୍ଟି ହେଉଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ତାତିଲେ ଅଭିଭାବକ: ୨୦ ଶିକ୍ଷକଙ୍କୁ ତାଲା ପକାଇ ରଖିଲେ

ମାର୍ଶାଘାଇ , ୧୬/୦୭ (ନି.ପ୍ର): ଶିକ୍ଷକ ଅଭାବକୁ କେନ୍ଦ୍ର କରି ମାର୍ଶାଘାଇ ବ୍ଲକ୍ କରିଲୋପାଟଣା ଜୟରାମ ହାଇସ୍କୁଲରେ ତୁମୁଳକାଣ୍ଡ ଘଟିଛି। ଶତାଧିକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ପାଟିତୁଣ୍ଡ କରିବା ସହିତ ପ୍ରଧାନଶିକ୍ଷକଙ୍କ ସମେତ ୨୦ ଜଣଙ୍କୁ ଘରେ ତାଲା ପକାଇ ଦେଇଛନ୍ତି। ୫-ଟି ରୂପାନ୍ତରଣରେ ବକଶିତ ହୋଇଥିବା ଏହି ସ୍କୁଲର ଏଭଳି ସ୍ଥିତି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ସୂଚନା ଅନୁଯାୟୀ ଶନିବାର ଦିନ ସ୍କୁଲର ସ୍ମାର୍ଟ କ୍ଲାସ୍‌ରୁମ୍‌ରେ କ୍ଲଷ୍ଟରସ୍ତରୀୟ ପ୍ରଶିକ୍ଷଣ ଚାଲିଥିବା ବେଳେ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ଯୋଗ ଦେଇଥିଲେ। ସେହି ସମୟରେ ଅଭିଭାବକମାନେ ସେଠାରେ ପହଞ୍ଚି ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକ ମାନଙ୍କୁ ଅଫିସ୍ ଭିତରକୁ ଡାକି ନେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ସମେତ ୩ ଜଣ ସହକାରୀ ଶିକ୍ଷକଙ୍କ ସହ କ୍ଲଷ୍ଟରରୁ ଆସିଥିବା ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୬ଜଣ ପ୍ରଧାନଶିକ୍ଷକଙ୍କୁ ଅଫିସ୍ ଘରେ ବସାଇ ତାଲା ପକାଇ ଦେଇଥିଲେ। ପରେ ସେମାନଙ୍କ ମଧ୍ୟରେ ଥିବା ୩ ଜଣ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଛାଡ଼ି ଦିଆଯାଇଥିଲା। ପ୍ରଧାନଶିକ୍ଷକ ଶ୍ରୀ ମନ୍ତ୍ରୀ ଘଟଣା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ ଶୁଭଲକ୍ଷ୍ମୀ ନାୟକ ଓ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କୁ ଅବଗତ କରିଥିଲେ। ଖବରପାଇ କୁଦାନଗରୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକମାନଙ୍କୁ ମୁକୁଳାଇ ଥିଲା। ଆସନ୍ତା ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ଫାଟକରେ ତାଲା ପକାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ନ ହେଲେ ସେମାନେ ପିଲାମାନଙ୍କୁ ଅନ୍ୟତ୍ର ନେଇଯିବାକୁ ସତର୍କ କରାଇ ଦେଇଛନ୍ତି। ଏ ସଂପର୍କରେ ବିଇଓ ଶ୍ରୀ ସ୍ୱାଇଁ କହିଛନ୍ତି, କରିଲୋପାଟଣା ଜୟରାମ ହାଇସ୍କୁଲରେ ପୂର୍ବରୁ ୬ଷ୍ଠରୁ ୧୦ମ ଶ୍ରେଣୀ ରହିଥିଲା। ସେଥିରେ ୧ମରୁ ୫ମ ଶ୍ରେଣୀ ମିଶିଛି। ୧ମରୁ ୫ମ ଶ୍ରେଣୀ ପାଇଁ ୩ ଜଣ ଶିକ୍ଷକ ଅଛନ୍ତି। ସେଠାରେ ଆଉ ଯାହା ଆବଶ୍ୟକତା ପୂରଣ କରାଯିବ। ତେବେ ଡିଇଓଙ୍କ ନିୟନ୍ତ୍ରଣରେ ୬ଷ୍ଠରୁ ୧୦ମ ଶ୍ରେଣୀ ରହିଥିବାରୁ ଖାଲି ପଡିଥିବା ସ୍ଥାନରେ ଡିଇଓ ଅଫିସ ନିଯୁକ୍ତି ଦେବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସରପଞ୍ଚଙ୍କ ପ୍ରତିନିଧି ତଥା ପୂର୍ବତନ ସମିତିସଭ୍ୟ ଅନ୍ନଦା ପ୍ରସାଦ ତ୍ରିପାଠୀ ତାଲା ପକାଯିବା ଘଟଣାର ନିନ୍ଦା କରିଛନ୍ତି। ଉଲ୍ଲେଖ ଥାଉ କି, ଏହି ବିଦ୍ୟାଳୟଟି ରାଜ୍ୟ ସରକାରଙ୍କର ୫-ଟି ଯୋଜନାରେ ରୂପାନ୍ତରଣ କରାଯାଇଛି। ୧୯୪୬ରେ ସ୍ଥାପିତ ଏହି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ହୋଇଛି।

# କିଶୋର ନ୍ୟାୟ ଅଧିନିୟମ ଏବଂ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଂପର୍କିତ କର୍ମଶାଳା



ଭଦ୍ରକ, ୧୬/୦୭ (ନି.ପ୍ର): ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ୍, ଭଦ୍ରକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଗରଦପୁର, ଭଦ୍ରକଠାରେ କିଶୋର ନ୍ୟାୟ ଅଧିନିୟମ (ଯତ୍ନ ଓ ସୁରକ୍ଷା)ଙ୍କ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ୍ ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳାରେ ଆଶିଷ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଦୌରାଜଜ୍, ଭଦ୍ରକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଭଦ୍ରକ, ନେହା ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁକ୍ତିରଞ୍ଜନ ଶତପଥି, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି (ପୋକ୍ସୋ), ଭଦ୍ରକ, ଗିରିଜା ଶଙ୍କର ବୀର, ଜେ.ଏମ୍.ଏଫସି, ଇପସିତା ତରାଇ, ପ୍ରୋଜେନସ, ନିରାକାର ଜେନା, ସଭାପତି, ଭଦ୍ରକ ବାର୍ ଆସୋସିଏସନ, ଭଦ୍ରକ, ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସଭାପତି ଝରଣା ପଟ୍ଟନାୟକ, ପରିଚାଳକ ହୃଷିକେଶ ମହାନ୍ତି, ସଂପାଦକ ଅଶୋକ କୁମାର ଦାସ, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ ରାଜିବ କୁମାର ମହାନ୍ତି, ଡ. ତାପସ କୁମାର ମହାନ୍ତି ଓକିଲ ବିଶ୍ୱରଞ୍ଜନ ଦାସ ଏବଂ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଭାରତୀୟ ସଂବିଧାନ କିଶୋର ମାନଙ୍କ ଅଧିକାରକୁ ସ୍ୱୀକୃତିଦେବା ସହ ଏହା ଯେପରି ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରିବ ସେସବୁ ଉପରେ ଦୃଷ୍ଟି ଦିଆଯାଇ, କିଶୋର ନ୍ୟାୟ ଅଧିନିୟମ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ର କାର୍ଯ୍ୟକାରିତା ସମ୍ବନ୍ଧରେ ଆଲୋଚନା ତଥା ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ ସଂପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରାଯାଇ ପିଲାମାନଙ୍କୁ ଆଗକୁ ଜାଣିବାସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଆଯାଇଥିଲା।

## ବିଷାକ୍ତ ସାପ କାମୁଡାରେ ମହିଳା ମୃତ

ଖୋର୍ଦ୍ଧା, ୧୬/୦୭ (ନି.ପ୍ର): ଘରେ ଶୋଇଥିବା ବେଳେ ମହିଳାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ିଦେବାରୁ ମହିଳା ଗୁରୁତର ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଖୋର୍ଦ୍ଧା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଖୋର୍ଦ୍ଧା ମେଡିକାଲରେ ମହିଳାଙ୍କୁ ଚିକିତ୍ସା କରୁଥିବା ଡାକ୍ତର ମୃତ ଘୋଷଣା କରିଛନ୍ତି । ମୃତ ମହିଳା ଜଣକ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଜରିପଡ଼ା ଦଳ ବେହେରା ସାହିର ୪୦ ବର୍ଷୀୟ ରୁନୁ ବେହେରା ବୋଲି ଜଣାପଡ଼ିଛି । ସୂଚନା ମୁତାବକ, ଗତକାଲି ରାତିରେ ମହିଳା ଜଣକ ଖାଇ ସାରି ନିଜ ପୁଅ ସହ ଘରେ ଶୋଇଥିଲେ । ବିଳମ୍ବିତ ରାତିରେ ମହିଳାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ମହିଳାଙ୍କ ଚିତ୍କାର ଶୁଣି ସାହି ପଡ଼ିଶା ଲୋକ ଏକାଠି ହୋଇ ସାପକୁ ଖୋଜିଥିଲେ । ଘରେ ସାପକୁ ଦେଖିବା ପରେ ସାପକୁ ଉଦ୍ଧାର କରି ଏକ ପ୍ଲାଷ୍ଟିକ୍ ଡବାରେ ରଖିଥିଲେ । ଏପଟେ ମହିଳା ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଚିକିତ୍ସା ପରେ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ମହିଳାଙ୍କୁ ଖୋର୍ଦ୍ଧା ସଦର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ମୃତ ମହିଳାଙ୍କ ସ୍ୱାମୀ ଶ୍ରାବଣ ଜଳ ଭାର ଲାଗି କରିବାକୁ ଯାଇଥିବା ଜଣାପଡ଼ିଛି ।

# ମୟୁରଭଞ୍ଜ ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ




ବାରିପଦା, ୧୬/୦୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲକ୍ଷରେ ଚଳିତ ୨୦୨୩ଖରିଫ ଫସଲ ପାଇଁ ଜିଲ୍ଲା ସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ ସେଣ୍ଟରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ରମାକାନ୍ତ ଗିରି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ, ଡିଆରସିଏସ କୃଷ୍ଣ ଚନ୍ଦ୍ର ଦାସ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଘମିତ୍ରା ପଟ୍ଟନାୟକ, ଡ଼ିଡ଼ିଏମ ନାବାର୍ଡ ସ୍ମୃତି ରଞ୍ଜନ ପଟ୍ଟନାୟକ , ଏଲଡିଏମ ଶିବ ପ୍ରସାଦ ଚୌଧୁରୀ, ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗ ର ପଦାଧିକାରୀ ଯୋଗ ଦେଇ ଜିଲ୍ଲାର କୃଷି ଭିତ୍ତିକ ଚଳିତ ଖରିଫ ଫସଲ ୨୦୨୩ ଏବଂ ରବି ଫସଲ ୨୦୨୨-୨୩ ର କାର୍ଯ୍ୟ ଖସଡ଼ା ସମ୍ପର୍କ ରେ ଆଲୋଚନା କରିଥିଲେ। ଚଳିତ ଖରିଫ ଋତୁ ରେ ମୋଟ ୪,୦୬,୦୦୦ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି। ଧାନ ୨ଲକ୍ଷ ୮୩ହଜାର ହେକ୍ଟର, ମକା ୪୮୫୦ ହେକଟର, ମାଣ୍ଡିଆ ୩୪୦୩ ହେକ୍ଟର, ମାଣ୍ଡିଆ ଜାତୀୟ ୬୨୦ ହେକ୍ଟର, ଡାଲି ଜାତୀୟ ୩୭,୧୧୩ ହେକ୍ଟର, ତୈଳବିଜ ଜାତୀୟ ୬୫୩୫ ହେକଟର, ତନ୍ତୁ ଜାତୀୟ,୯୧୯ ହେକଟର, ପନିପରିବା ୫୬,୭୭୮ ହେକଟର ଓ ମସଲା ଜାତୀୟ ୧୩୮୨୪ ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୧୫୯୮୬ କୁଇଣ୍ଟାଲ ବିହନ ଓ ୪୩୮୦୦ ମେଟ୍ରିକ ଟନ ସାର ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଛି। ବୈଠକରେ ଚଳିତ ୨୦୨୩ ଖରିଫ ଫସଲ ଚାଷ ପାଇଁ ଜିଲ୍ଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରାଯାଇଥିଲା। ବୈଠକ ରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଜିଲ୍ଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମ ରେ ଚାଷୀ ମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଓ କର୍ମଶାଳାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ସହ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, ବଳରାମ ଯୋଜନା ଓ ଫସଲ ବୀମା ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଗୁରୁତ୍ୱ ରୋପ କରିଥିଲେ। ଏଥି ସହିତ ବୈଠକ ରେ ୩୨ ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା )ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କ ରେ ସବିଶେଷ ଆଲୋଚନା କରାଯାଇ ୨୦୨୨-୨୩ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମ ରେ ଚାଷୀମାନଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତି ନିଆଯାଇଥିଲା. କୃଷି ଅଧିକାରୀ ମଧୁସ୍ମିତା ଜେନା ଓ ସୁଧାଂଶୁ ଶେଖର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ଜନତା ପାର୍ଟିର ଟିଫିନ୍ ବୈଠକ



ନୀଳଗିରି , ୧୬/୦୭ (ନି.ପ୍ର): ନୀଳଗିରି ବ୍ଲକ୍ ତେଲିପାଳ ପଞ୍ଚାୟତ କଲ୍ୟାଣମଣ୍ଡପ ଠାରେ ରବିବାର ୯ଟାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଟିଫିନ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ନୀଳଗିରିର ଲୋକପ୍ରିୟ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକର ୨୫ଗୋଟି ପଞ୍ଚାୟତର ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦାନ କରିଥିଲେ। ଲୋକମାନଙ୍କ ବିଭିନ୍ନ ସମସ୍ୟା ଓ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ସାରା ରାଜ୍ୟରେ ଦଳ ପକ୍ଷରୁ ଅନୁଷ୍ଠିତ ହେଉଛି। ବିଜେପିକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ସହିତ ୱାର୍ଡ କମିଟି, ବୁଥକମିଟି ଗଠନକରି ଦଳକୁ ଆଗେଇ ନେବାକୁ ବୈଠକରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଗୁଡିକ ଘରେଘରେ ପହଞ୍ଚି ଜନସାଧାରଣ ମାନଙ୍କୁ ବୁଝାଇବାକୁ ପଡ଼ିବବୋଲି ଉପସ୍ଥିତ ନେତୃମଣ୍ଡଳୀ ମାନେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, ଉପସଭାପତି ତଥା ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ବିଧାୟକ ପ୍ରତିନିଧି ତଥା ବଣସୀମାର ଅଗ୍ରଣୀ ନେତା ଉପେନ୍ଦ୍ର ଦାସ , ଆରବନ୍ଧ ପଞ୍ଚାୟତର ସରପଞ୍ଚ କୁଳମଣୀ ନାୟକ, ଅକ୍ଷୟ ବେହେରା ୧୨ନଂ ମଣ୍ଡଳ ସଭାପତି ଅଶୋକ ନାୟକ ପ୍ରମୁଖ ବହୁ ଆଗଧାଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ନେହେରୁ ଯୁବକେନ୍ଦ୍ର ତରଫରୁ ଯୁବ ଉତ୍ସବ ପାଳନ




ଭଦ୍ରକ , ୧୬/୦୭ (ନି.ପ୍ର): ଭଦ୍ରକ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ କଲେଜରୁ ପ୍ରତିଯୋଗୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମୋବାଇଲ ଫଟୋଗ୍ରାଫି, କବିତା ଲିଖନ, ଚିତ୍ରାଙ୍କନ, ବକ୍ତୃତା ଏବଂ ଦଳଗତ ନୃତ୍ୟ ପରି ବିଭିନ୍ନ ପ୍ରତିଯୋଗିତାରେ ଉନ୍ନୀତ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦୂରଦର୍ଶନ ଓ ଅଲ୍ ଇଣ୍ଡିଆର ସମ୍ବାଦଦାତା ଅଶୋକ କୁମାର ନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭଦ୍ରକ ଉପଜିଲ୍ଲାପାଳ ମନୋଜ ପାତ୍ର ଅନ୍ୟତମ ଅତିଥିଭାବେ ସି.ଟି.ଡ଼ି.ଏସ୍.ପି. ଶ୍ରୀ ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ସ୍ୱଂୟଶାସିତ ମହାବିଦ୍ୟାଳୟର ଅଧକ୍ଷ ସୁବୋଧ ଚନ୍ଦ୍ର ମିଶ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପଦ୍ମନ କୁମାର ରାୟ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଏବଂ ଶୁଭେନ୍ଦୁ କୁମାର ବରାଳ, ଅଧ୍ୟାପକ, ରାଜନୀତି ବିଜ୍ଞାନ ଏବଂ ଡ. ସୁଦର୍ଶନ ଦାସ ଏନ୍.ଏସ୍.ଏସ୍ ପ୍ରୋଗ୍ରାମ କୋଡ଼ିନେଟର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ପ୍ରମୁଖ ଯୋଗ ଦେଇଥିଲେ। ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ । ଯୁବଗୋଷ୍ଠୀ ଉଚ୍ଚ ଶିକ୍ଷିତ ହେବା ସହ ସ୍ୱାସ୍ଥ୍ୟବାନ, ସଚେତନ ଦକ୍ଷ ହୋଇପାରିଲେ ସେମାନଙ୍କର ଉନ୍ନତି ସାଙ୍ଗକୁ ଦେଶର ପ୍ରଗତି ସମ୍ଭବ ହେବ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରସଙ୍ଗରେ ପ୍ରକାଶ କରିଥିଲେ। ପାଠପଢ଼ା ସହିତ ନିଜ ପାଖରେ ଥିବା ଅନ୍ୟ ପ୍ରତିଭାର ବିକାଶ ପାଇଁ ମଧ୍ୟ ସାଧନା ଜାରି ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ଏହି ଯୁବ ଉତ୍ସବ ଉପଲକ୍ଷେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଶନ ଶକ୍ତି, ଜିଲ୍ଲା ନିୟୋଜନ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ଜିଲ୍ଲା ଶିଳ୍ପ କେନ୍ଦ୍ର ତରଫରୁ ଆକର୍ଷଣୀୟ ଷ୍ଟଲ ଖୋଲାଯାଇଥିଲା । ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଧାମନଗର କଲେଜ, ମହିଳା ମହାବିଦ୍ୟାଳୟ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଏହି ମହାବିଦ୍ୟାଳୟର ଛାତ୍ରମାନଙ୍କ ସହିତ ଭଦ୍ରକର ନୃତ୍ୟ ଅନୁଷ୍ଠାନ ମନ୍ଦିରା, ସାଇନୃତ୍ୟ ଏକାଡ଼େମୀର ନୃତ୍ୟ ଶିଳ୍ପୀମାନେ ଅଂଶ ଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଦିଲ୍ଲୀରେ ବନ୍ୟା ସ୍ଥିତି ....

ଜଳ ନିଷ୍କାସନ ପାଇଁ ମଧ୍ୟ ଉଦ୍ୟମ କରୁଛି ପ୍ରଶାସନ। ଏଯାଏଁ ୨୬ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ଅସ୍ଥାୟୀ ଶିବିରକୁ ନିଆଯାଉଛି । ୪୦ରୁ ଅଧିକ ରିଲିଫ କ୍ୟାମ୍ପରେ ଥଇଥାନ କରାଯାଇଛି। ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ରିଲିଫ କ୍ୟାମ୍ପ ବୁଲି ତଦାରଖ କରୁଛନ୍ତି।ଏଣେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଠାରୁ ଆରମ୍ଭ କରି ଉପ ରାଜ୍ୟପାଳ ଭି କେ ସକ୍ସେନାଙ୍କ ପର୍ଯ୍ୟନ୍ତ ବିଭିନ୍ନ ନେତା ଓ ଅଧିକାରୀ ପ୍ରଭାବିତ ଅଂଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ହରିୟାଣାରେ ପ୍ରବଳ ବର୍ଷା ଯୋଗୁଁ ହାତନି କୁଣ୍ଡ ବ୍ୟାରେଜ ଖୋଲାଯିବା ପରେ ଦିଲ୍ଲୀରେ ହୋଇଛି ଏହି ସାଂଘାତିକ ସ୍ଥିତି । ଏହି ଉବୁଟୁବୁ ଅବସ୍ଥାରୁ ଦିଲ୍ଲୀ ବାସୀ କେବେ ଉଦ୍ଧାର ପାଉଛନ୍ତି ଏବେ ତାକୁ ହିଁ ଅପେକ୍ଷା।

## ଚାକିରି ନାଁରେ ବଡ଼ ଠକେଇ.....

ସେମାନଙ୍କଠାରୁ ୬ ଟି କାର ସହ, ଗୋଟିଏ ବସ୍, ଅନେକ ସାର୍ଟିଫିକେଟ ଜବତ କରିଛି ପୁଲିସ। ଏଥି ସହିତ ୧୫ଟି ମୋବାଇଲ୍ ଫୋନ, ସାଇନ ହୋଇଥିବା ଏକାଧିକ ବ୍ଲାଙ୍କ ଚେକ ଓ ନଗଦ ୨୨,୫୦୦ ଟଙ୍କା ଜବତ କରିଛି ପୁଲିସ୍। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ବାଣ୍ଟୁଥିଲେ ଅଭିଯୁକ୍ତ। ଚାକିରି ପରେ କ୍ୟାଣ୍ଡିଡେଟ୍ ପିଛା ୮ରୁ ୧୬ ଲକ୍ଷ ଟଙ୍କା ନେଉଥିଲେ। ତେବେ ପ୍ରଶ୍ନପତ୍ର ଲିକ୍ ହୋଇନଥିବା ବାଲେଶ୍ୱର ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ କ୍ୟାଣ୍ଡିଡେଟଙ୍କୁ ଦେଉଥିବା ପ୍ରଶ୍ନପତ୍ର ଅରିଜନାଲ ପ୍ରଶ୍ନପତ୍ର ସହ ମେଳଖାଉନଥିବା ଏସ୍‌ପି କହିଛନ୍ତି। ଏସ୍‌ପି ଆହୁରି କହିଛନ୍ତି, ଗିରଫ ହୋଇଥିବା ୧୦ ଅଭିଯୁକ୍ତଙ୍କ ଭିତରେ ୩ ଜଣଙ୍କ ହେଉଛନ୍ତି ମୁଖ୍ୟ କାର୍ପଟଦାର। ସେମାନଙ୍କ ଭିତରେ ଜଣେ ଓଡ଼ିଶାର ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଆନ୍ଧ୍ରପ୍ରଦେଶ ଓ ବିହାର। ତେବେ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି, ତାହା ଉପରେ ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି।

## ଲଘୁଚାପ ପ୍ରଭାବରେ...

୧୮ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୯ ତାରିଖରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ଗଞ୍ଜାମ, ଗଜପତି, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୦ ତାରିଖରେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ରାୟଗଡ଼ା, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ତଳିଆ ଅଞ୍ଚଳରେ ପାଣି ଜମିବାର ସମ୍ଭାବନା ରହିଛି। ମାଟି କାନ୍ଥ ଧସିବାର ଆଶଙ୍କା ରହିଛି। ତେଣୁ ବର୍ଷା ସମୟରେ ବିପଦପୂର୍ଣ୍ଣ ଥିବା ମାଟି ଘରୁ ଅନ୍ୟତ୍ର ପଳାଇଯିବା ପାଇଁ ପରାମର୍ଶ ଦିଆଯାଇଛି।

## ସମାଜରେ ଥିବା ଆହ୍ୱାନ ଗୁଡିକର ....

ଜଣାଇବା ସହ କହିଥିଲେ ଯେ ଏହିଭଳି ହକାଥନ ଜ୍ଞାନ ବିନିମୟକୁ ସୁଗମ କରିବା ଏବଂ ଉଭୟ ଦେଶର ଯୁବବର୍ଗଙ୍କ ଲୁକ୍କାୟିତ ସାମର୍ଥ୍ୟକୁ ପ୍ରସ୍ଫୁଟିତ କରିବାର ଏକ ଉତ୍ତମ ମ୍ନମ । ଜ୍ଞାନଶକ୍ତି, ଗବେଷଣା, ନବସୃଜନ ମ୍ନମରେ ଭାରତ ଓ ସିଙ୍ଗାପୁର ଭବିଷ୍ୟତ ପାଇଁ ବିଶ୍ୱର କଲ୍ୟାଣକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ସିଙ୍ଗାପୁର ଉପପ୍ରଧାନମନ୍ତ୍ରୀଙ୍କ ମ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍କୁଲରୁ ସ୍କିଲ୍ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଆଲୋଚନା ହୋଇଥିଲା । ସ୍କୁଲରେ ଧନ୍ଦାମୂଳକ ଶିକ୍ଷାର ସମନ୍ୱୟ, ଗୁରୁତ୍ୱପୂର୍ଣ୍ଣ ସ୍କିଲ୍ ସହ ଯୁବବର୍ଗଙ୍କୁ ସଶକ୍ତ କରିବା, ଭବିଷ୍ୟତର ମାନବସମ୍ବଳ ପ୍ରସ୍ତୁତ କରିବା ଉପରେ ଚର୍ଚ୍ଚା କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ଶିକ୍ଷାନୁଷ୍ଠାନ, ଶିକ୍ଷକ ଏବଂ ପ୍ରଶିକ୍ଷକ ମାନଙ୍କ କ୍ଷମତା ନିର୍ମାଣ ଓ ଭାରତର ପ୍ରାଥମିକତାରେ ଥିବା ଗବେଷଣା ଏବଂ ନବଉନ୍ମେଷ ଉପରେ ସହଯୋଗ ହେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଶିକ୍ଷା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ପତ୍ର ଚୂଡ଼ାନ୍ତ କରିବା ଓ ପାରସ୍ପରିକ ବେଷ୍ଟ ପ୍ରାକ୍ଟିସେସକୁ ଯୋଡିବା ଏବଂ ଏବଂ ଆମର ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନ ଏବଂ ଦକ୍ଷତା ସହଭାଗିତାର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରିବା ପାଇଁ ଏକ ଜଏଣ୍ଟ ୱାର୍କିଂ ଗ୍ରୁପ ଗଠନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏବଂ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ସମ୍ମତି ପ୍ରକାଶ କରିଛନ୍ତି । ଉଲ୍ଲେଖନୀୟ ଯେ, ପ୍ରାୟ ୮୦୦ ରୁ ଅଧିକ ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍, ନିବେଶକ, ନୀତି ସଂସ୍କାରକ,କର୍ପୋରେଟ ଏବଂ ଏକାଡେମିକ୍ସ ଏହି ହକାଥନରେ ଯୋଗଦେଇଥିଲେ । ଶ୍ରୀ ପ୍ରଧାନ ଏହି ଅବସରରେ ଆଇଆଇଟି ଗାନ୍ଧିନଗର ରିସର୍ଚ୍ଚ ପାର୍କ ମଧ୍ୟ ପରିଦର୍ଶନ କରିଥିଲେ ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ...

ପୃଥକ ପୃଥକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏହି ଘଟଣା ପରେ ରାଲି ଚୌହାନ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ଏହି ଘଟଣା ଘଟିଥିବା ସେମାନେ ଅଭିଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତ ବିଦ୍ୟୁତ୍ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେମାନେ ଦାବି କରିଥିଲେ। ଗତ ମାସରେ ରଥଯାତ୍ରା ଦିନ ତ୍ରିପୁରାର ଉନାକୋଟି ଜିଲ୍ଲାରେ ଏକ ରଥ ଉଚ୍ଚ କ୍ଷମତା ସଂପନ୍ନ ଏକ ବିଦ୍ୟୁତ୍ ତା'ର ସଂସ୍ପର୍ଶ ଆସିଯିବାରୁ ୨ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୬ ଜଣ ଆହତ ହୋଇଥିଲେ।

## ପରିବା ସହ ହୁ ହୁ ହୋଇ....

ତା ଏବେ ୩୨ରୁ ୩୫ଟଙ୍କା ପହଞ୍ଚିଲାଣି। ଆଖି ପିଛୁଳାକେ ରେଟ୍ ୧୫ରୁ ୨୦ ପ୍ରତିଶତ ବଢି ଯାଇଛି। ତଥ୍ୟ କହୁଛି ଚାଉଳ ଦର ୧୧ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେମିତି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ଼ ଡାଲି ଏବେ ଦେଢ଼ ଶହ ପାର୍ କଲାଣି। ମୁଗ, ବୁଟ ଓ ବିରି ଡାଲି ଯେମିତି ହରଡ଼ ଡାଲି ପିଛା ଧରିଛନ୍ତି। ତରକାରୀ ହାଣ୍ଡିର ସୁଆଦ ବଢ଼ାଉଥିବା ମସଲାର ମୁଖ୍ୟ ଆଇଟମ୍ ଜିରା, ଗୋଲମରିଚ, ଗୁଜୁରାତି ଦର ମଧ୍ୟ ଏବେ ଅମୂଲ ମୂଲ। ଦୁଇ ମାସ ତଳେ କିଲୋ ଅଢ଼େଇ ଶହରୁ ୩ଶହ ଟଙ୍କାରେ ମିଳୁଥିବା ଜିରା ଏବେ



ଛୁଇଁଲାଣି ୭ ଶହ। ସେମିତି ଅଦା ୩୦୦ ଟଙ୍କାରୁ ତଳକୁ ଖସୁନି ତ ରସୁଣ କିଲୋ ୨୦୦ ଉପରେ। ସେହିପରି ଗହମ ଜାତ ସାମଗ୍ରୀ ଅଟା, ସୁଜି, ମଇଦା ରେଟ୍ ଉପର ମୁହାଁ ହେବାରେ ଲାଗିଛି। ଏକଦା ଚାଉଳର ବଳକା ରାଜ୍ୟ ଭାବେ ଗଣାଯାଉଥିବା ଓଡ଼ିଶାରେ ଏଭଳି ସ୍ଥିତିକୁ ନେଇ ସାଧାରଣ ଖାଉଟୀଙ୍କଠୁ ବ୍ୟବସାୟୀ ଯାଏଁ ସମସ୍ତେ ଚିନ୍ତାରେ। ସୂଚନା ଅନୁସାରେ ଗତ ଦୁଇ ହଜାର ମସିହାରେ ଓଡ଼ିଶାରେ ୪୬.୧୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଥିଲା। ୨୦୨୨ ସୁଦ୍ଧା ଏହା ଅଢେଇ ଗୁଣ ବଢ଼ି ୧୧୫ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ତଥାପି ଦର ନିୟନ୍ତ୍ରଣ ବାହାରକୁ ଯିବା ନେଇ ସିଧା ସରକାରଙ୍କ ଯୋଗାଣ ନୀତିକୁ ଦାୟୀ କରିଛି ବ୍ୟବସାୟୀ ମହାସଂଘ। ସେପଟେ କଟକ ଚାମ୍ବର ଅଫ୍ କମର୍ସ କହିଛି, ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ବେଲଗାମ ଦର ବୃଦ୍ଧିର ମୁଖ୍ୟ କାରଣ ବଡ଼ ବଡ଼ ମଲ୍ ଓ ଷ୍ଟୋର। ଉତ୍ପାଦନ ଆରମ୍ଭରୁ ସେମାନେ ସାମଗ୍ରୀ କିଣି ମହଜୁଦ୍ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି। ଯାହାଦ୍ୱାରା ସେମାନେ ବେଶ ଲାଭବାନ ହେଉଥିବା ବେଳେ ଗରିବ ଓ ମଧ୍ୟବିତ୍ତ ଲୋକେ ମହଙ୍ଗା ମାଡ଼ରେ ସନ୍ତୁଳି ହେଉଛନ୍ତି। ସେପଟେ କଞ୍ଚା ପରିବା ବଜାରରେ ଯଦିଓ ରେଟ୍ ସାମାନ୍ୟ ତଳମୁହାଁ ହୋଇଛି। ହେଲେ ଟମାଟୋ ୧୦୦ ଟଙ୍କା ଉପରେ ବିକ୍ରି ହେଉଛି। ବାଇଗଣ, କଲରା, ପୋଟଳ, ଜହ୍ନି ଓ ଝୁଡ଼ଙ୍ଗ, କାହାରି କିଲୋ ୫୦ ତଳକୁ ନାହିଁ। କଞ୍ଚାଲଙ୍କା ସେମିତି ୨୦୦ ଉପରେ ବିକ୍ରି ହେଉଥିବା ବେଳେ ବିନସ ଦେଢ଼ ଶହ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱର ୧ ନମ୍ବର ହାଟ ହେଉ କି କଟକ ଛତ୍ରବଜାର ପରିବା ମଣ୍ଡି, ସେଠି କିଣା ରେଟ୍ ଉଚ୍ଚା ଥିବାରୁ ବାଧ୍ୟ ହୋଇ ଅଧିକ ଦରରେ ପନିପରିବା ବିକୁଥିବା କହିଛନ୍ତି ଖୁଚୁରା ବ୍ୟବସାୟୀ।

# ଶାନ୍ତିକାନନରେ ଗଳ୍ପପଠନ ଆସର



ବାଲେଶ୍ୱର, ୧୬/୦୭ (ନି.ପ୍ର): ସାହିତ୍ୟ ଅକାଦେମୀ ଓ ଫକୀରମୋହନ ସାହିତ୍ୟ ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ମଞ୍ଚରେ ଗଳ୍ପପଠନ କାର୍ଯ୍ୟକ୍ରମ ଶାନ୍ତିକାନନଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଗାରଟି ଗଳ୍ପ ସଂକଳନର ସ୍ରଷ୍ଟା ବିଶିଷ୍ଟ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ 'ହଳେ ବନ୍ଧକୀ ପାଉଁଜିର କାହାଣୀ' ଶୀର୍ଷକ ଗଳ୍ପ ପାଠ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିବାବେଳେ ଓଡ଼ିଶାର ଅନ୍ୟତମ ଲବ୍ଧପ୍ରତିଷ୍ଠ ଗାଳ୍ପିକ ନିବାରଣ ଜେନା ତାଙ୍କର ହାସ୍ୟରସାତ୍ମକ ଗଳ୍ପ 'ଡହରା' ପାଠ କରି ସମସ୍ତଙ୍କୁ ଅଭିଭୂତ କରିଥିଲେ । ଏଯାବତ୍ ଶ୍ରୀ ଜେନାଙ୍କ ନଅଗୋଟି ଗଳ୍ପ ସଂକଳନ ପ୍ରକାଶିତ ହୋଇଛି । ସେହିପରି ବରିଷ୍ଠ ଗାଳ୍ପିକ ତଥା ପାଞ୍ଚୋଟି ଗଳ୍ପ ସଂକଳନର ସ୍ରଷ୍ଟା ପ୍ରଦୀପ ଚାଟାର୍ଜୀ 'ଯାତ୍ରା' ଗଳ୍ପ ପାଠ କରିଥିବାବେଳେ ଯୁବ ଗାଳ୍ପିକ ସଞ୍ଜୟ ପଣ୍ଡା 'ଈଶ୍ୱରଙ୍କ ତକିଆ' ଗଳ୍ପପାଠ କରି ଉପସ୍ଥିତ ଶ୍ରୋତାମାନଙ୍କର ଆଖି ଭିଜାଇ ଦେଇଥିଲେ । ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ । ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ବିପ୍ଳବୀ ଚକ୍ରଧର ବେହେରାଙ୍କ ୧୨୯ତମ ଜୟନ୍ତୀ ସମାରୋହ




ଭଦ୍ରକ, ୧୬/୦୭ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ କନିକା ପ୍ରଜା ଆନ୍ଦୋଳନର ଜନନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଜିଲ୍ଲା ସ୍ତରରେ ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ଓ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ । ଆବାହକ ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ପ୍ରଫେସର ଡ. ବଳରାମ ମିଶ୍ର, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଫେସର ଡ. ହରିହର ପଣ୍ଡା, ସ୍ୱତନ୍ତ୍ର ଅତିଥି ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ସମ୍ମାନିତ ଅଥିତି ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ସ୍ମୃତି କମିଟିର ସମ୍ପାଦିକା ଶାନ୍ତିଲତା ନାଗ ଯୋଗ ଦେଇଥିଲେ । ଗାନ୍ଧି ଓଡ଼ିଶା ବାଳାଶ୍ରମର ସଙ୍ଗୀତ ଗୁରୁ ରାମନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଆଶ୍ରମର ଅନ୍ତେବାସୀ ଛାତ୍ରମାନେ ବିପ୍ଳବୀ ଚକ୍ରଧର ବେହେରାଙ୍କ ମହତ୍ୱ ଆଧାରରେ ଶ୍ରୀମତୀ ନାଗଙ୍କ ଦ୍ୱାରା ରଚିତ ଉଦ୍‌ଘାଟନୀ ସଙ୍ଗୀତ ପରିବେଷଣ କରିଥିଲେ । ଦୁଃଖି ଗରିବ ପ୍ରଜାଙ୍କ ସାମୂହିକ ଅଧିକାର ପାଇଁ ସ୍ୱର୍ଗତ ବେହେରାଙ୍କ ନୀତିନିଷ୍ଠ ସଂଘର୍ଷ ସହିତ ନିଃସ୍ୱାର୍ଥପର ତ୍ୟାଗ ଓ ସେବା ତାଙ୍କୁ ଜଣେ ସଚ୍ଚା ବିପ୍ଳବୀ ଭାବେ କାଳଜୟୀ କରିଛି । ତାଙ୍କ ବ୍ୟକ୍ତିତ୍ୱର ଏହି ଆଦର୍ଶ ଆମ ପାଇଁ ଅନୁକରଣୀୟ ହେବା ଉଚିତ୍ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୁଖ୍ୟବକ୍ତା ଶ୍ରୀଯୁକ୍ତ ମିଶ୍ର ବିପ୍ଳବୀ ବେହେରାଙ୍କ ବ୍ୟକ୍ତିତ୍ୱ, କୃତିତ୍ୱ ଓ ମହତ୍ୱ ପ୍ରସଙ୍ଗରେ ବକ୍ତବ୍ୟ ରଖିବାକୁ ଯାଇ କହିଥିଲେ କି ଚକ୍ରଧର ବାବୁ ରାଜତନ୍ତ୍ର ବିରୋଧରେ ବିପ୍ଳବ କରି ନିଜେ ବନ୍ଦୀ ହୋଇଥିଲେ ବି ତତ୍କାଳୀନ ଇଂରେଜ ସମର୍ଥିତ ପ୍ରବଳ ପ୍ରତାପୀ କନିକା ରାଜାଙ୍କ ଦ୍ୱାରା ପ୍ରଚଳିତ ପ୍ରଜାବିରୋଧୀ, ଅନୀତି ଅତ୍ୟାଚାର ପ୍ରବଣ ଶାସନ ସମୟକୁ ବନ୍ଦୀ କରିପାରିଥିଲେ । ନିଜ ମାଟି ପାଇଁ, ଦେଶ ପାଇଁ ବିପ୍ଳବୀ ବେହେରାଙ୍କ ଅନନ୍ୟ ଅବଦାନର ଅନାଲୋଚିତ ଇତିହାସକୁ ସମ୍ମୁଖକୁ ଆଣିବାର ବେଳ ଆସିଛି ବୋଲି ଅନ୍ୟତମ ପ୍ରମୁଖ ବକ୍ତା ଡ. ହରିହର ପଣ୍ଡା ପ୍ରକାଶ କରିଥିଲେ । ଏହି ଜୟନ୍ତୀ ପାଳନ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ହାଇସ୍କୁଲ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ଏବଂ ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ସମାଜସେବୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜମ୍ବୁବତୀ ଦାସ, ଓଡ଼ିଶା ସାହିତ୍ୟ ଆକାଡ଼େମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳି, ସାହିତ୍ୟିକ ବିଜୟ ବହଳୀ, ଡ. ରାମଚନ୍ଦ୍ର ପଣ୍ଡା, କୈଳାଶ ଚନ୍ଦ୍ର ପଣ୍ଡା, ରମେଶ ଦାସ, ଅଧ୍ୟାପକ ନିହାର ରଞ୍ଜନ କର, କଳାକାର ସଂଘର ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ତ୍ରିଲୋଚନ ପଣ୍ଡା, ପ୍ରଶାନ୍ତ ବେହେରା, ଗାନ୍ଧି ଓଡ଼ିଶା ବାଳାଶ୍ରମର ସଭାପତି ଝରଣା ପଟ୍ଟନାୟକ, ପରିଚାଳକ ହୃଷିକେଶ ମହାନ୍ତି, ଅବସରପ୍ରାପ୍ତ ଅଧ୍ୟାପକ ଡ. ପ୍ରଭାତ ନଳିନୀ ମହାପାତ୍ର, ରୋଟାରିଆନ୍ ବିଜୟ ସାହୁ, ସ୍ମୃତି କମିଟିର ସଭାପତି ବାସୁଦେବ ବାରିକ୍, ପରିବାର ସଦସ୍ୟ ଉପେନ୍ଦ୍ର ବାରିକ, ରାଜେନ୍ଦ୍ର ବାରିକ, ରାଜଲକ୍ଷ୍ମୀ ଦାସ, ବିଜୟଲକ୍ଷ୍ମୀ ଦାସ, ଭାଗ୍ୟଲକ୍ଷ୍ମୀ ଦାସ, ଇଞ୍ଜିନିୟର ବି.ଏନ୍. ଦାସ ପ୍ରମୁଖଙ୍କ ସହ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଫେଭରବ୍ଲକ ରାସ୍ତା ଉଦ୍‌ଘାଟନ କଲେ ନଗରପାଳ

ବାରିପଦା, ୧୬/୦୭ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ଏକ ନମ୍ବର ୱାର୍ଡରେ ସ୍ଥିତ ପ୍ଲାନିଂ ଅଫିସ ଠାରୁ କେଶବ ବାବା ମନ୍ଦିର ପର୍ଯ୍ୟନ୍ତ ନୂତନ ଭାବେ ନିର୍ମିତ ଫେଭର ବ୍ଲକ ରାସ୍ତାକୁ ଲୋକାର୍ପିତ କରିଛନ୍ତି ବାରିପଦା ନଗରପାଳ କୃଷ୍ଣଚନ୍ଦ୍ର ମହାନ୍ତି ଓ ବହୁ ଦିନରୁ ଏହି ରାସ୍ତାର ପୁନଃନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଥିଲେ ଓ ଏକ ନମ୍ବର ୱାର୍ଡର କାଉନସିଲର ସୁକେଶିନୀ ସେଠିଙ୍କ ଏହି ପଦକ୍ଷେପ ପାଇଁ ସ୍ଥାନୀୟ ଜନସାଧାରଣ ବେଶ ପ୍ରଶଂସା କରିଛନ୍ତି ଓ ଏହି ଉଦଘାଟନୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଏମଇ ସଚ୍ଚିଦାନନ୍ଦ



ଶତପଥି, ଜେଇ ମନୋରଞ୍ଜନ ମହାପାତ୍ର ଓ ଦେବାଶିଷ ସ୍ୱାଇଁ ତଥା ମହାସଂଘ ସମ୍ପାଦିକା ଭଗବତୀ ଭୂୟାଁ ଏବଂ ରାଜଶ୍ରୀ ଦାସ, ଜୟସ୍ମିତା ମିଶ୍ର, ସୀମାରାଣୀ ବେହେରା, ପ୍ରତିଭା ସାମଲ, ସବିତା ଭୂୟାଁ, ହେମଲତା ଦାସ, ରୀନା ଦାସ, ରଶ୍ମିତା ପାଲ, ଶକୁନ୍ତଳା ପାତ୍ର, ସରସ୍ୱତୀ ଗିରି, କ୍ଷୀରୋଦ ଭୂୟାଁ, ପ୍ରକାଶ ବେହେରା, ହିରନ ଭୂୟାଁ, ସୁଜିତ ନାୟକ, କାବୁଲା ଦାସ, ଶେଖ ତାର୍ଜନ, ସମାଜସେବୀ ଅମର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ବନ ବିଭାଗ ବସ୍ତା ଅଫିସରେ ଚୋରି ଉଦ୍ୟମ

ବସ୍ତା, ୧୬/୦୭ (ନି.ପ୍ର): ବସ୍ତାରେ ବନ ବିଭାଗ ଅଫିସରେ ଜନୈକ ଦୁର୍ବୃତ୍ତ ଚୋରି କରୁଥିବା ବେଳେ ବିଭାଗୀୟ କର୍ମଚାରୀ ଉମାକାନ୍ତ ଦାସ ଓ ସଦାନନ୍ଦ ଜେନା ତାକୁ ଧରିଥିଲେ ।ମାତ୍ର ସେ ସେମାନଙ୍କ ହାତରୁ ଖସି ପଳାଇଥିଲା ।ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଏତାଲା ଦିଆଯାଇଛି ।ପୁଲିସ ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ଧରାପଡିନାହିଁ ।

## ପତ୍ରଝଡାରେ ହାତୀ ଉପଦ୍ରବ:ବନ ବିଭାଗ ଘଉଡାଇବାକୁ ନାକେଦାମ

ବସ୍ତା, ୧୬/୦୭ (ନି.ପ୍ର): ବସ୍ତା ବ୍ଲକର ପତ୍ରଝଡାରେ ଗୋଟିଏ ହାତୀ ରବିବାର ପଶି ଆସି ନାନା ଉପଦ୍ରବ ଚଳାଇଛି । ତାକୁ ଘଉଡାଇବା ପାଇଁ ବନ ବିଭାଗ କର୍ମଚାରୀ ମାନେ ଝାଳ ନାଳ ହୋଇପଡୁଛନ୍ତି । ଗତ କିଛିଦିନ ତଳେ ହାତୀ ଆସି ପନି ପରିବା ଚାଷ ଓ ଘର ଦ୍ୱାର ରେ କ୍ଷତି ଘଟାଇଥିଲା।ତଥାପି କର୍ମଚାରୀ ମାନେ ଜଗି ରହି ଗ୍ରାମବାସୀଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ପ୍ରୟାସ ଜାରି ରଖିଛନ୍ତି ।

## ଗତ ୨୪ ଘଂଟାରେ ଅନୁଭୂତ ବିସ୍ତୃତି ବର୍ଷା ପ୍ରଭାବରେ ୫ ପ୍ରତିଶତ ନିଅଂଟିଆ ଭରଣ

ଭୁବନେଶ୍ୱର, ୧୬/୦୭ (ନି.ପ୍ର):ଗତ ୨୪ ଘଂଟାରେ ଅନୁଭୂତ ବିସ୍ତୃତି ବର୍ଷା ପ୍ରଭାବରେ ୫ ପ୍ରତିଶତ ନିଅଂଟିଆ ଭରଣ ହୋଇଛି । ଚଳିତ ମୌସୁମୀ ଋତୁରେ ଗତକାଲିର ୨୮ ପ୍ରତିଶତ ନିଅଂଟିଆରୁ ୨୩ ପ୍ରତିଶତକୁ ଖସିଛି ନିଅଂଟିଆ ବର୍ଷା । ୧ ଜୁନ୍ ରୁ ୧୬ ଜୁଲାଇ ମଧ୍ୟରେ ରାଜ୍ୟରେ ୨୮୫.୧ ମି.ମି. ବର୍ଷା ରେକର୍ଡ ହୋଇଛି, ଯାହା ସ୍ୱାଭାବିକ୍ ବର୍ଷା ୩୭୦.୯ ମି.ମି. ତୁଳନାରେ ୨୩ ପ୍ରତିଶତ କମ୍ ରହିଛି ।

# ଜଗନ୍ନାଥଙ୍କପାଦ ପଦ୍ମରେ ବ୍ରହ୍ମକମଳ ସମର୍ପଣ କଲେ ଭକ୍ତ ଦୀନବନ୍ଧୁ

ନୀଳଗିର, ୧୬/୦୭ (ନି.ପ୍ର): ନିଜ ବାଡ଼ିରେ କେତେ ଯତ୍ନରେ ଗଛଟିଏ ଲଗାଇ ତାକୁ ନିଜ ପିଲା ଠାରୁ ଅଧିକ ଯତ୍ନ ନେଇ ଏଡେଟିଏରୁ ଏଡେଟେ କଲେ ଧରମପୁରର ବ୍ୟାଙ୍କ କର୍ମଚାରୀ ଦୀନବନ୍ଧୁ କବାଟ । ଫୁଲଟି ହେଲା ସ୍ୱର୍ଗର ପାରିଜାତ କୁହାଯାଉଥିବା ବ୍ରହ୍ମ କମଳ । ରବିବାର ଗଛରେ ଯେବେ ଫୁଲଟିଏ ଫୁଟିଲା ପରିବାରରେ ଖୁସିର ସୀମା ରହିଲା ନାହିଁ । ଦୀନବନ୍ଧୁ ଓ ତାଙ୍କ ସ୍ତ୍ରୀ ପୂଜାର୍ଚ୍ଚନା ପୂର୍ବକ ଫୁଲଟିକୁ ତୋଳି ପ୍ରଥମେ ନୀଳଗିରି ଜଗନ୍ନାଥ ମନ୍ଦିରକୁ ଆଣି ମହାବାହୁ ପ୍ରଭୁ ଜଗନ୍ନାଥଙ୍କୁ



ସମର୍ପଣ କରିଥିଲେ । ମନ୍ଦିରର ପୂଜକ ମଧ୍ୟ ଆଗ୍ରହ ସହକାରେ ପ୍ରଭୁଙ୍କୁ ସମର୍ପି ଦେଇଥିଲେ ।

# ମହିଳାମାନଙ୍କ ପାଇଁ ଦୁଇ ଦିନିଆ ଆଇନଗତ କର୍ମଶାଳା

ବାରିପଦା,୧୬/୦୭(ନୀପ୍ର): ସ୍ୱାତୀ ସଂଗଠନ,କନ୍ଧମାଳ ଓ ୟୁଏସ୍ କନସୁଲେଟ, ଜେନେରାଲ ହାଇଦ୍ରାବାଦ ପକ୍ଷରୁ ସ୍ଥାନୀୟ ପ୍ରୟାସ ସମ୍ମିଳନୀ କକ୍ଷରେ ଚଳିତ ସପ୍ତାହରେ ଦୁଇ ଦିନିଆ ମହିଳା ମାନଙ୍କ ସୁରକ୍ଷା, ଆତ୍ମନିର୍ଭରଶୀଳ ପାଇଁ ଏକ ଆଇନଗତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥି ରୂପେ ପିଡି ଆଇଟିଡିଏ ରାମଚନ୍ଦ୍ର ସୋରେନ୍, ଟ୍ରେଜେରୀ ଅଫିସର ଶ୍ରୀଯୁକ୍ତ ଅଜୟ କୁମାର ସେଠୀ ଏବଂ ବସୁନ୍ଧରା ଫାଉଣ୍ଡେସନ ଅଧକ୍ଷ ଶ୍ରୀମତୀ ଶ୍ରୁତି ରାଉତରାୟ ପ୍ରମୁଖ ଯୋଗଦେଇ ଦୁଇ ଦିନିଆ କର୍ମଶାଳାକୁ ଶୁଭ ଉଦଘାଟନ କରିବା ସହିତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସମସ୍ତ ତାଲିମଦାତ୍ରୀ ମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଏହି




କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତ ପ୍ରତିନିଧି, ଜଳସାଥୀ, ମାସା ସଭ୍ୟା ଆଦି ୨୭ ଜଣ ସାଥୀ ଅଂଶଗ୍ରହଣ କରି ବିଭିନ୍ନ ଆଇନ୍, ସାମ୍ବିଧାନିକ ବ୍ୟବସ୍ଥା ଓ ଆନୁଷ୍ଠାନିକ ବ୍ୟବସ୍ଥା ବିଷୟରେ ଅବଗତ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀମତୀ ପୂଜାଫୁଲ ପଟ୍ଟନାୟକ ଓ ଶ୍ରୀମତୀ ସୁଜାତା ମହାପାତ୍ର ତାଲିମଦାତ୍ରୀ ଭାବେ ସୂଚାରୁରୂପେ ପରିଚାଳନା କରିବା ସହିତ ଆଗାମୀ ଦିନରେ କିଭଳି ଭାବେ ସେମାନେ ଅନ୍ୟ ମହିଳା ଓ ଝିଅମାନଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରିବା ସହିତ ସହାୟତା ପ୍ରଦାନ କରିବେ ସେ ବିଷୟରେ ବିସ୍ତୃତ ଭାବରେ ଶିକ୍ଷା ଦେଇଥିଲେ । ଶେଷରେ ତାଲିମଧାରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ ନିମନ୍ତେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦୌଲତ ଚନ୍ଦ୍ର କର ଓ ଟ୍ରେଜେରୀ ଅଫିସର ଶ୍ରୀଯୁକ୍ତ ଅଜୟ କୁମାର ସେଠୀ ମହୋଦୟ ଉପସ୍ଥିତ ରହି କର୍ମଶାଳା ରେ ଉପସ୍ଥିତ ତାଲିମଦାତ୍ରୀ, ଅଂଶଗ୍ରହଣ କାରୀ ଓ ଆୟୋଜକ ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଗଣମାଧ୍ୟମରେ ସମ୍ବାଦ ପ୍ରକାଶ ପରେ ବିଦ୍ୟାଳୟରେ ନାମ ଲେଖାଇଲେ ଲିଲି ଓ ଝୁନୁ



ଉଦଳା , ୧୬/୦୭ (ନି.ପ୍ର): କପ୍ତିପଦା ବ୍ଲକ୍‌ର ପେଡ଼ାଗଡ଼ି ପଞ୍ଚାୟତ ଅନ୍ତର୍ଗତ ପାଟପୁର ଗ୍ରାମର ବାସିନ୍ଦା ବିଜୟ ଡାକୁଆଙ୍କ ଜ୍ୟେଷ୍ଠା କନ୍ୟା ଲିଲି ଅଷ୍ଟମ ଶ୍ରେଣୀ ପାସ କରିବା ପରେ ନବମ ଶ୍ରେଣୀରେ ନାମ ଲେଖାଇବାକୁ ଯାଇଥିଲେ । କିନ୍ତୁ ଆଧାର କାର୍ଡରେ ତୃଟି ଦର୍ଶାଇ ସେ ସମୟରେ କାର୍ଯ୍ୟରତ ଶିକ୍ଷକ ନାମ ନଲେଖାଇ ଫେରାଇ ଦେଲେ । ଉକ୍ତ ଘଟଣା ସମ୍ପର୍କରେ ଖବର କାଗଜରେ ସମ୍ବାଦ ପରିବେଶିତ ହେବା ପରେ କପ୍ତିପଦା ବ୍ଲକ ଅଞ୍ଚଳ ମଧ୍ୟରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଘନଶ୍ୟାମ ସିଂ ଓ ଶିକ୍ଷକ ସନ୍ତୋଷ କୁମାର ସାହୁ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ପାଟପୁରରେ ପହଞ୍ଚିଥିଲେ । ଘଟଣାଟି ସଂପୂର୍ଣ୍ଣ ସତ୍ୟ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜାଣିବା ସହିତ ସେହି ଗ୍ରାମରେ ରମେଶ ଚନ୍ଦ୍ର ରଣାସିଆଙ୍କ କନ୍ୟା ଝୁନୁ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟିଥିବାର ଅବଗତ ହେଲେ । ଏହାପରେ ଝୁନୁ ଓ ଲିଲିକୁ ଚଳିତ ଜୁଲାଇ ୩ ତାରିଖ ଦିନ ପେଡ଼ାଗଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ନାମ ଲେଖାଯାଇଥିବାର ଜଣାଯାଇଛି ।

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓପନ ଜିମ୍ ବୁଲି ଦେଖିଲେ

ନୂଆଦିଲ୍ଲୀ,୧୬/୦୭ : ଭାରତ ସରକାରରେ ପ୍ରତିରକ୍ଷା ମନ୍ତ୍ରୀ ତଥା ଲକ୍ଷ୍ନୌରୁ ସାଂସଦ ରାଜନାଥ ସିଂହ ରବିବାର ଦିନ ନିରାଲା ନଗରର ୮ ନମ୍ବର ଛକ ନିକଟ ମୃତ୍ୟୁଞ୍ଜୟ (ଶାସ୍ତ୍ରୀ) ପାର୍କରେ ସ୍ଥାପିତ ଓପନ ଜିମ୍ ର ପରିଦର୍ଶନ କରିଛନ୍ତି । ଏଥି ସହିତ ପାର୍କରେ ଲାଗିଥିବା ଜିମ୍ ରେ ମଧ୍ୟ ସେ ଅଭ୍ୟାସ କରିଥିଲେ । ସ୍ଥାନୀୟ ସାଂସଦ ରାଜନାଥ ସିଂହଙ୍କ ପ୍ରୟାସ କ୍ରମେ ଏଚ.ଏ.ଏଲ.ର ସିଏସଆର ପାଣ୍ଠିରୁ ପାର୍କ ଗୁଡିକରେ ଜିମ୍ ଲଗାଇବାର କାର୍ଯ୍ୟ ନଗର ନିଗମ ମାଧ୍ୟମରେ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ସହରର ପ୍ରାୟ ୮୦ଟି ପାର୍କରେ ଜିମ୍ ଲଗାଇବାର କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି ।

# ଜାଗା ମିଶନ ପରାମର୍ଶଦାତାଙ୍କ ସହ ନୀଳଗିରି ଏନଏସି ଅଧକ୍ଷଙ୍କ ସମୀକ୍ଷା ବୈଠକ

ନୀଳଗିରି , ୧୬/୦୭ (ନି.ପ୍ର): ନୀଳଗିରି ଏନଏସି ରେ ଓଡ଼ିଶା ସରକାରଙ୍କ 'ଜାଗା ମିଶନ' ଜରିଆରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ପଟ୍ଟା ଯୋଗାଇ ଦେବା ପାଇଁ କିଛିଦିନ ପୂର୍ବରୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ନିଜେ ନୀଳଗିରି ଆସି ପଟ୍ଟା ବାଣ୍ଟିଥିଲେ । ଏହାକୁ ତ୍ୱରାନିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରବିବାର ରାଜ୍ୟ ଉପଦେଷ୍ଟା ଶାଶ୍ୱତୀ ମିଶ୍ର ଓ ସମାଜସେବୀ ରଶ୍ମିତା ମଲ୍ଲିକ ନୀଳଗିରି ଏନ୍‌ଏସି କାର୍ଯ୍ୟାଳୟରେ ପହଞ୍ଚି ନଗରପାଳ ଅମ୍ବିକା ଦାସ, ଉପନଗରପାଳ




ମହେନ୍ଦ୍ର ବେହେରା ଓ ଅନ୍ୟାନ୍ୟ କାଉନସିଲର ସହ ମିଶି ବସ୍ତି ବାସିନ୍ଦାଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାସହ ବିଶେଷଭାବେ କିପରି ଜାଗା ମିଶନ ଜରିଆରେ ଭୂମିହୀନ ମାନଙ୍କୁ ଶୀଘ୍ର ପଟ୍ଟା ଯୋଗାଇ ଦିଆଯିବ ସେ ବିଷୟରେ ଆଲୋଚନା କରିଥିଲେ । ଯାହା ଫଳରେ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିବା ପରିବାର ସମସ୍ତ ସୁବିଧା ସୁଯୋଗ ପାଇପାରିବେ । ପରେ ଉପଦେଷ୍ଟାଙ୍କ ସହ ନଗରପାଳ ଶ୍ରୀମତୀ ଦାସ ଓ ଉପନଗରପାଳ ଶ୍ରୀ ବେହେରା ବିଭିନ୍ନ ବସ୍ତିକୁ ଯାଇ ବୁଲି ଦେଖିବା ସହିତ ଭୂମିହୀନ ପରିବାରଙ୍କ ସହ ଆଲୋଚନା କରିଥିଲେ ।

## ଜୟପୁରଠାରେ ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ ପାଳନ

ଜୟପୁର, ୧୬/୦୭ (ନି.ପ୍ର): ଓଡିଶା ଅମଲା ସଂଘର ୮୦ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଜୟପୁର ଠାରେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟପୁର ଉପଖଣ୍ଡ ଓ କୋରାପୁଟ ଉପଖଣ୍ଡର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଲା ମାନେ ଯୋଗଦାନ କରିବା ସହିତ ମାଲକାନଗିରି ଓ ନବରଙ୍ଗପୁରର କିଛି ଅମଲା ମାନେ ମଧ୍ୟ ଆଗ୍ରହ ପ୍ରକାଶ କରି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସମସ୍ତେ ପାୱାର ହାଉସ ଛକ ନିକଟରୁ ବାହାରି ଜୟପୁର ରିଙ୍ଗ ରୋଡ଼ ଗାଜପଥ କଡ଼ ଶ୍ମଶାନ ଚତୁଃପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ ।

# ୨୧ରେ ଘରୋଇ ବିଦ୍ୟାଳୟ ବନ୍ଦକୁ ପୁରୀ ଜିଲ୍ଲା କମିଟିର ସମର୍ଥନ

ପୁରୀ, ୧୬/୦୭ (ନି.ପ୍ର): ଭଘରୋଇ ବିଦ୍ୟାଳୟ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବର ବିରୋଧ ସମେତ ସରକାରୀ ବିଦ୍ୟାଳୟ ଭଳି ଘରୋଇ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ, ନିଶୁଳ୍କ ପାଠ୍ୟ ପୁସ୍ତକ, ପୋଷାକ, ସାଇକେଲ ଯୋଗାଣ ଆଦି ଅନ୍ୟାନ୍ୟ ସମସ୍ତ ସୁବିଧା ସୁଯୋଗ ପ୍ରଦାନ, ଭଡାଘରେ ଚାଲୁଥିବା ବିଦ୍ୟାଳୟକୁ ସ୍ୱିକୃତି ଦେବା ଭଳି ଅନେକ ଦାବି ହାସଲ ନିମନ୍ତେ ଅଲ୍ ଓଡିଶା ବେସରକାରୀ ସ୍କୁଲ ସଂଗଠନ(ଆପୋଶା) ଡାକରାରେ ଆସନ୍ତା ୨୧ ତାରିଖରେ ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦକୁ ପୁରୀ ଜିଲ୍ଲା କମିଟି ପକ୍ଷରୁ ପୂର୍ଣ୍ଣ ସମର୍ଥନ ସହିତ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିକ୍ଷୋଭ ସମାବେଶରେ ସାମିଲ ହେବା ନିମନ୍ତେ ବିଧିବଦ୍ଧ ନିଷ୍ପତି ନିଆଯାଇଛି । 'ଆପୋଶା ' ପୁରୀ ଜିଲ୍ଲା କମିଟିର ସାଧାରଣ ପରିଷଦ ବୈଠକ ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଡ଼ଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଂଚ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ କମିଟି ଅଧକ୍ଷ ସତ୍ୟ ମିଶ୍ର ଯୋଗଦେବା ସହ ପୁରୀ ଜିଲ୍ଲା କମିଟି କର୍ମକର୍ତ୍ତା ମହେନ୍ଦ୍ର ବିଶୋଇ, ବିମଳ ଦାଶ,ବିଜୟ କୁମାର ମହାନ୍ତି ପ୍ରମୁଖ ମଂଚାସୀନ ଥିଲେ । ଉକ୍ତ ବୈଠକରେ ନିମାପଡ଼ା, ଗୋପ, ପିପିଲି, ସତ୍ୟବାଦୀ, ଡେଲାଙ୍ଗ, କଣାସ, ବ୍ରହ୍ମଗିରି, ପୁରୀ ସଦର ଏବଂ ସହରାଂଚଳର ଶତାଧିକ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo